## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ମୁରିବାହାଲ,(ଶ୍ରୀବସ୍ତ ବେହେରା): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଗୁରୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ହେରାମ ସାହୁ ଥାନାରେ ଏତଲା ଦେଇଛନ୍ତି। ସପ୍ତମ ଶ୍ରେଣୀଗୃହ ତାଲା ଭାଙ୍ଗି ୨ଟି ଏଲଇଡି ଟିଭି ଓ ଦୁଇଟି ଷ୍ଟିଲ ଚେୟାର ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଏ ନେଇ ଥାନାରେ ଏକ ମାମଲା(୨୧୧/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ନଭେମ୍ବରରୁ ବଡି ବିଲ୍ଡିଂ ପ୍ରତିଯୋଗିତା

ଟିଟିଲାଗଡ,୧୦।୯(ଶରତ ମିଶ୍ର)

ମଣିଷର ସୌନ୍ଦର୍ଯ୍ୟ କହିଲେ ସୁନ୍ଦର ସ୍ୱାସ୍ଥ୍ୟକୁ ବୁଝାଏ। ଯୁବପିଢ଼ି ସ୍ୱାସ୍ଥ୍ୟବାନ ହେବା ପାଇଁ ବିଭିନ୍ନ ପ୍ରକାର ଯୋଗ, ବ୍ୟାୟାମ ତଥା ଜିମକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଯେଉଁ ଯୁବକମାନେ ନିଜର ସ୍ୱାସ୍ଥ୍ୟକୁ ପ୍ରଦର୍ଶନ କରିବା ପାଇଁ ପ୍ଲାଟଫର୍ମ ଖୋଜୁଛନ୍ତି ସେମାନଙ୍କୁ କଳିଙ୍ଗ ବଡି ବିଲଡିଂ ଆସୋସିଏଶନ ସୁଯୋଗ ଯୋଗାଇ ଦେବାକୁ ପ୍ରତିବଦ୍ଧ। ଆଗାମୀ ନଭେମ୍ବରରୁ ଫେବୃୟାରୀ ମାସ ଭିତରେ ଏହିଭଳି ପ୍ରତିଯୋଗୀତା ଆୟୋଜନ କରିବାକୁ ସ୍ଥିର କରାଯାଇଥିବା ସୁଚନା ଦେଇଛନ୍ତି କେବିବିଏର ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି। ରବିବାର ସ୍ଥାନୀୟ ଜଲାରାମ ଲଜ ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସଭାପତି, ସମ୍ପାଦକ, ସଦସ୍ୟମାନେ ଯୋଗଦେଇ ନିଜର ମତ ଦେଇଥିଲେ। ଆଗାମୀ ଦିନରେ କିଭଳି, କେଉଁ ସ୍ଥାନରେ, କେବେ ପ୍ରତିଯୋଗୀତା ହେବ ସେ ନେଇ ଏହି ସାଧାରଣ ପରିଷଦ ବୈଠକରେ ଆଲୋଚନା ହୋଇଥିଲା। ପ୍ରଥମେ ସମସ୍ତ ଜିଲାସ୍ତରୀୟ ପ୍ରତିଯୋଗୀତା ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି, ଉପସଭାପତି ଏମ.କେ. ସ୍ୱାଇଁ, କୋଷାଧକ୍ଷ ନୀଳକଣ୍ଠ ବାରିକ, ସହ ସମ୍ପାଦକ ନିଶାନ୍ତ ବହିଦାର ଏବଂ ବିଭନ୍ନ ଜିଲାର ସମ୍ପାଦକ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ୱାର୍ଡସଭ୍ୟାଙ୍କ ପରଲୋକ

ଦେଓଗାଁ,୧୦।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିର ୱାର୍ଡ ସଭ୍ୟା କବିତା ପୋଡ଼(୩୫)ଙ୍କ ରବିବାର ପରଲୋକ ହୋଇଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବଲାଙ୍ଗୀରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୱାର୍ଡସଭ୍ୟାଙ୍କ ଅକାଳ ବିୟୋଗକୁ ନେଇ ବହଲି ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଗାଁ ମଶାଣୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱାମୀ ସୁଧିର ପୋଢ଼ ମୁଖାଗ୍ନି ଦେଇଥିଲେ । ତାଙ୍କର ଦୁଇପୁଅ ଯଶ (୧୩) ଓ ଯଶୁ(୭) ରହିଛନ୍ତି। ତାଙ୍କ ବିୟୋଗରେ ସରପଞ୍ଚ ତେଜ ହରପାଲ, ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିପିଓ ବୀଣା ପଧାନ, ବିଡିଓ ସୁରେନ୍ଦ୍ର କୁମାର ମେହେର ଶୋକପ୍ରକାଶ କରିଛନ୍ତି ।

### ୧୫୦ ବୋତଲ କଫ ସିରପ ଜବତ, ୩ ଗିରଫ

ବଲାଙ୍ଗୀର, ୧୦।୯
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ପୋଲିସ ଟିମ ଶନିବାର ରାତିରେ ସହରର ପ୍ରତାପସାଗରପଡାରେ ଚଢ଼ାଉ କରି ୧୫୦ ବୋତଲ କଫ୍ ସିରପ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରତାପସାଗରପଡାର ଲକି ରାଉତ, ରାଜେଶ ସେଠୀ ଏବଂ ପଙ୍କଜିନୀ ସେଠୀ। ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ ସ୍କୁଟି ମଧ୍ୟ ଜବତ କରିଥିବା ସୂଚନା ଦିଆଯାଇଛି।

### ବାରିକ ଭବନ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ

ଲୋଇସିଂହା,୧୦।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ କର୍ଲାପାଟରେ ବ୍ଲକ ବାରିକ ସମାଜର ଏକ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୪ ଲକ୍ଷ ଅନୁଦାନ ମିଳିଛି। ଏହି ଉପଲକ୍ଷେ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେଡି ଯୁବ ନେତା ନିହାର ରଞ୍ଜନ ବେହେରାଙ୍କ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା ଅତିଥିଭାବେ ଯୋଗ ଦେଇଥିଲେ । ଭିତ୍ତିପ୍ରସ୍ତର ସ୍ଥାପନ ପରେ ଭବନର ନିର୍ମାଣ ସମ୍ପୂର୍ଣ୍ଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେମାନେ କହିଥିଲେ । ଏହି ଅବସରରେ ସମାଜର ବ୍ଲକ ସଭାପତି କିଶୋର ବାରିକ, ଉପସଭାପତି ଅନଙ୍ଗ ବାରିକ, ସମ୍ପାଦକ ସତ୍ୟ ବାରିକ, ଋଷଭ ବାରିକ, ନାରାୟଣ ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟାକାଣ୍ଡ

ବଲାଙ୍ଗୀର,୧୦।୯
(ବୀରେନ୍ଦ୍ର କୁମାର ଝାଙ୍କର)

**ସିଦ୍ଧାନ୍ତ ବଗର୍ତ୍ତୀ ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ୫ ଗିରଫ**

- ସିନ୍ ରିକ୍ରିଏଶନ୍ କଲା ପୋଲିସ
- ମେଡିକାଲରେ କାମ ଅଛି କହି ସିଦ୍ଧାନ୍ତଙ୍କୁ ଡାକିଥିଲେ ଅଭିଯୁକ୍ତ

ବଲାଙ୍ଗୀର ସଦର ଥାନା ପୋଲିସ ଟିମ୍ ସିଦ୍ଧାନ୍ତ ବଗର୍ତ୍ତୀ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୫ ଜଣଙ୍କୁ ପୋଲିସ ଗିରଫ କରି ରବିବାର ସିନ୍ ରିକ୍ରିଏସନ୍ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସାଲେପାଲି ଗ୍ରାମର ମନୀଷ ସୁନା (୨୨), କୁନା ଜାଲ (୨୮), ସୁଦୀନ ଜାନୀ (୩୫), ଉଦିଲ ଖାନ୍ (୨୦) ଏବଂ ରାଜେଶ ଜେନା (୨୨)। ପୋଲିସ ଏସ୍‌ଡିପିଓ ତୋଫାନ୍ ବାଗ କହିଛନ୍ତି ଯେ, ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ସଂଘଟିତ ହୋଇଥିଲା। ପୁଇଁତଳା ଥାନା କେଶରକେଲା ଗ୍ରାମର ସିଦ୍ଧାନ୍ତ ବଗର୍ତ୍ତୀ (୨୫) ବଲାଙ୍ଗୀର ସୁଦପଡା ଠାରେ ଥିବା ଏକ ଲୁଗା ଦୋକାନରେ ସେଲ୍ସମ୍ୟାନ୍ ଭାବେ କାମ କରୁଥିଲେ। ଗତ ୩ ତାରିଖ ଅପରାହ୍ଣରେ ଉକ୍ତ ଦୋକାନକୁ ଦୁଇଜଣ ଯୁବକ ଏକ ସ୍କୁଟିରେ ଆସି ସିଦ୍ଧାନ୍ତଙ୍କୁ ଡାକିଥିଲେ। ମେଡିକାଲରେ କାମ ଅଛି କହିଥିଲେ। ଏହାର କିଛି ଘଣ୍ଟା ପରେ ସନ୍ଧ୍ୟାରେ ଖୁଜେନପାଲି ମଦଭାଟି ନିକଟରେ ସିଦ୍ଧାନ୍ତଙ୍କ ରକ୍ତାକ୍ତ ଶରୀର ପଡିଥିବା ଖବର ମିଳିଥିଲା। ଖବର ପାଇ ସଦର ଥାନା



ବଲାଙ୍ଗୀର ସଦର ଥାନା ପୋଲିସ ଖୁଜେନପାଲି ମଦଭାଟି ନିକଟରେ ଅଭିଯୁକ୍ତମାନଙ୍କୁ ନେଇ ସିନ୍ ରିକ୍ରିଏଶନ୍ କରୁଛି।

ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଇତ୍ୟବସରରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି ସିଦ୍ଧାନ୍ତଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଥିଲେ। ତେବେ ହସ୍ପିଟାଲରେ ପହଞ୍ଚିଲା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଏ ଏବଂ କେଉଁ କାରଣରୁ ତାଙ୍କୁ ହତ୍ୟା କରିଥିଲେ ତାହା ଅସ୍ପଷ୍ଟ ହୋଇଯାଇଥିଲା। ସିଦ୍ଧାନ୍ତଙ୍କ ପିତା ଘଟଣା ସମ୍ପର୍କରେ ଜାଣିବା ପରେ ପୁଅକୁ ପିଟି ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସୁଦପଡା କପଡା ଦୋକାନରୁ ଯେଉଁ ଦୁଇଜଣ ଯୁବକ ସିଦ୍ଧାନ୍ତଙ୍କୁ ଡାକି ନେଇଥିଲେ ସେମାନଙ୍କ ସିସିଟିଭି ଯାଞ୍ଚ କରାଯାଇଥିଲା। ସାଇବର ବିଭାଗର ସୂଚନା ଆଧାରରେ ପୋଲିସ ଟିମ୍ ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ଡିପିଓ ବାଗ କହିଛନ୍ତି। ସିନ୍ ରିକ୍ରିଏସନ୍ କଲାବେଳେ କିଭଳି ଭାବେ ଦୁଇ ଅଭିଯୁକ୍ତ ମନୀଷ ଏବଂ କୁନା ଏକ ସ୍କୁଟିରେ ବସାଇ ସିଦ୍ଧାନ୍ତଙ୍କୁ ଖୁଜେନପାଲି ମଦଭାଟି ନିକଟକୁ ଆଣିଥିଲେ କହିଥିଲେ। ସେଠାରେ ପୂର୍ବରୁ ଅଭିଯୁକ୍ତ ସୁଦୀନ, ଉଦିଲ ଏବଂ ରାକେଶ ଜଗିଥିଲେ। ସମସ୍ତ ୫ ଜଣ ଯାକ ମିଶି ଠେଙ୍ଗାରେ ସିଦ୍ଧାନ୍ତଙ୍କୁ ନିସ୍ତୁକ ମାଡ ମାରିଥିଲେ। ମାଡ କାରିବା ପରେ ସେଠାରୁ ଫେରାର ହୋଇଯାଇଥିଲେ। ପୂର୍ବଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ପୂର୍ବ ଶତ୍ରୁତା କଣ ତାହା ସ୍ପଷ୍ଟ କରାଯାଇନାହିଁ। ସିନ୍ ରିକ୍ରିଏସନ୍ କଲାପରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ମିନିଟ୍ରକ୍‌ରେ କାଠ ଚୋରାଚାଲାଣ, ୩ଗିରଫ



ଜବତ କାଠ ବୋଝେଇ ଟ୍ରକ୍ ଓ ଗିରଫ ୩ ଅଭିଯୁକ୍ତ।

ବେଲପଡା,୧୦।୯ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପୋଲିସ ରବିବାର ସକାଳେ ବ୍ଲକ ଛକରେ ଖଇର ଓ କେନ୍ଦୁ କାଠ ଚୋରା ଚାଲାଣ ହେଉଥିବା ଏକ ମିନି ଟ୍ରକକୁ ଜବତ କରିଛି। ଏସଆଇ ବିନୟ ପରିଡ଼ାଙ୍କ ନେତୃତ୍ୱରେ ଗଠିତ ଟିମ୍ ବଲାଙ୍ଗୀର ଅଭିମୁଖେ ଯାଉଥିବା ମିନିଟ୍ରକ (ସିଜି –୦୪–ଜି – ୯୨୩୮)କୁ ଥାନାକୁ ନେଇଥିଲା। କାଗଜପତ୍ର ଯାଞ୍ଚ କରିବାରୁ ବେଆଇନ ଭାବେ ଚାଲାଣ ହେଉଥିବା ଜଣାପଡିଥିଲା। ଚାଲାଣ କରିବା ଅଭିଯୋଗରେ ଡକରା ଗ୍ରାମର ନେପାଳ ନାଗ, ବେଲପଡା ବଜରଙ୍ଗବଲି ପଡାର ବ୍ରଜ ଧରୁଆ ଓ ବରଗଡ଼ ଜିଲା ବରପାଲିର ଆଦିତ୍ୟ ସୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ ଦାସ ସୂଚନା ଦେଇଛନ୍ତି। ଉକ୍ତ ୪୦୭ ଟ୍ରକଟି ଛତିଶଗଡ଼ ଅଞ୍ଚଳର ନମ୍ବର ରହିଥିବା ବେଳେ ମାଲିକଙ୍କ ନାଁ ରବିନ୍ଦ୍ର ପାଲ ସିଙ୍ଗ ବୋଲି ଜଣାପଡିଛି।

# ଗୋଣ୍ଡୱାନା ମହାସଭା ବୈଠକ

ଗୁଡ଼ଭେଲା,୧୦।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହର ଗୋରୁବଜାର ପଡିଆରେ ଗୋଣ୍ଡୱାନା ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅଖିଳ ଭାରତୀୟ ଗୋଣ୍ଡୱାନା ମହାସଭା ଜିଲା ସଭାପତି ଦାଶରଥି ଭୋଇ। ସମାଜରେ ଲାଗି ରହିଥିବା କୁସଂସ୍କାର ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାସଭାର ଏନଏସି ସଭାପତି ପ୍ରଦୀପ କୁମାର ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମହିପୁର ଗ୍ରାମରେ ସଂଘର ଏକ କମିଟି ଗଠନ କରାଯାଇଥିଲା। ବିନୋଦ ଭୋଇ ସଭାପତି, ପ୍ରସନ୍ନ ଭୋଇ ସମ୍ପାଦକ ଓ ବାସୁଦେବ ଭୋଇଙ୍କୁ ଉପସଭାପତି ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ବ୍ଲକ ସଭାପତି ହରି ମାଝି, ଉପସଭାପତି ଶରତଚନ୍ଦ୍ର ଭୋଇ, ଟଙ୍କଧର ସିଂ ମାଝି, ଗିରିଜା କଏଣ୍ଡାଙ୍କ ସହ ପ୍ରତ୍ୟେକ ଗ୍ରାମପଞ୍ଚାୟତର ସଂଘ ସଭାପତି ଓ ସମ୍ପାଦକ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ।

# ବଲାଙ୍ଗୀରରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ



ଆୟୋଜିତ ଓଡ଼ିଆ ଯୁବ ଲେଖକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର, ୧୦।୯
(ବୀରେନ୍ଦ୍ର କୁମାର ଝାଙ୍କର)

କେନ୍ଦ୍ର ସାହିତ୍ୟ ଅକାଦେମୀ ଏବଂ ସାରସ୍ୱତ ଅନୁଷ୍ଠାନ ରଚନାର ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ପତିତପାବନ ଏକାଡ଼େମୀ ସଭାଗୃହରେ ଓଡ଼ିଆ ଯୁବ ଲେଖକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ସାହିତ୍ୟ ଅକାଦେମିର ସାଧାରଣ ପରିଷଦ ସଦସ୍ୟ ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ସାହିତ୍ୟ ଅକାଦେମିର ସହସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧିବେଶନକୁ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ ଲେଖକ ତଥା ସମାଲୋଚକ କାଳିଦାସ ମିଶ୍ର। ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମନୋଜ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଅଧିବେଶନରେ କ୍ଷୁଦ୍ରଗଳ୍ପ ପାଠ କାର୍ଯ୍ୟକ୍ରମ ରହିଥିବା ବେଳେ ଗାଳ୍ପିକ ପ୍ରଦୀପ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଯୁବ ଗାଳ୍ପିକ ବିଶ୍ୱନାଥ ସାହୁ, ଜଗନ୍ନାଥ ସାହୁ ଓ ଶ୍ରୁତକିର୍ତ୍ତୀ ତ୍ରିପାଠୀ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଁ କାହିଁକି ଲେଖେ ଶୀର୍ଷକରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କବି ଭାଗୀରଥି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ମୁଁ କାହିଁକି ଲେଖେ ପ୍ରଶ୍ନର ଉତ୍ତର ରଖିଥିଲେ କବି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ହୋତା, ମୁକୁଳ ମିଶ୍ର, ସଞ୍ଜୟ କୁମାର ମିଶ୍ର ଓ ସ୍ୱାଗତିକା ସ୍ୱାଇଁ। ଏହାପରେ ତୃତୀୟ ଅଧିବେଶନରେ ଆରମ୍ଭ ହୋଇଥିଲା କବିତା ପାଠ। ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ କବି ପ୍ରହଲ୍ଲାଦ ଶତପଥୀ। କବି ଆଶିଷ କୁମାର ମିଶ୍ର, ଜୟଦ୍ରଥ ସୁନା, ମହେଶ୍ୱର ପ୍ରଧାନ, ମମତା ପ୍ରିୟଦର୍ଶିନୀ ସାହୁ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ପୁଷ୍ପଦୀପା ଖମାରୀ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟିକ, ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ସଦ୍‌ଭାବନା ଦିବସ ପାଳିତ

ଦେଓଗାଁ,୧୦।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିରେ ରବିବାର ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟ ତଥା ମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରବିନ୍ଦ୍ର ପାଠି, ମୁଖ୍ୟବକ୍ତା ରାମଚନ୍ଦ୍ର ବିଶ୍ୱାଳ, ସମ୍ମାନୀତ ଅତିଥିଭାବେ ଡା.ଶଶୀଭୂଷଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ଜଗଦୀଶ ପଧାନ, ସରୋଜ ନାୟକ, ସୌମ୍ୟରଞ୍ଜନ ପୁରୋହିତ, ଶଶି ପାଣିଗ୍ରାହୀ, କୁନାଲ ଥନାପତି. ମାୟାଧର ଗଡତ୍ୟା, ଶ୍ରୀକାନ୍ତ ବାଗ, ପ୍ରତାପ ଭୋଇ ପ୍ରମୁଖ ଯୋଗଦେଇ ଥିଲେ ।

# ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, ୧୦।୯(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ସହର ୱାର୍ଡ ନଂ. ୧୩ ସିଙ୍ଗାଲପଡାର ଜଣେ ଯୁବକଙ୍କ ଘରୁ ରବିବାର ପୋଲିସ ସାଢେ ତିନି କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ରଖିବା ଅଭିଯୋଗରେ ରଘୁନାଥ ପାଣିଗ୍ରାହୀଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କଣ୍ଟାବାଞ୍ଜି ପୋଲିସ ଶନିବାର ରାତିରେ ରଘୁନାଥଙ୍କ ଝୁପୁଡି ଘର ଉପରେ ଛଡାଉ କରିଥିଲା।

# ସ୍ୱାସ୍ଥ୍ୟ ଶିବିର, ୨୧୦୬ ଜଣ ଚିକିତ୍ସିତ



ସ୍ୱାସ୍ଥ୍ୟ ଶିବିରର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୧୦।୯(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଜୁନିୟର କଲେଜ ପରିସରରେ ରବିବାର ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାମ୍ବାଦିକ ସଂଘ ଓ ସୁୟସ ହସ୍ପିଟାଲ ରାୟପୁରର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ୨୧୦୬ ଜଣ ଚିକିତ୍ସିତ ହୋଇଥିଲେ । ସାମ୍ବାଦିକ ସଂଘ ସଭାପତି ଡା.ସୁବ୍ରତ କୁମାର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନୀତ ଅତିଥିଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଆୟୁବ ଖାଁ, ପ୍ରେସ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭାଜିତ ସିଂ ସାଲୁଜା, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ ଉପସ୍ଥିତ ଥିଲେ। ଶିବିରରେ ରୋଗ ଚିକିତ୍ସା ସହ ମାଗଣାରେ ବିଭିନ୍ନ ପ୍ରକାରର ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଶିବିରରେ ଉପସ୍ଥିତ ବିଶେଷଜ୍ଞ ଡାକ୍ତରଙ୍କ ସହିତ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ବରିଷ୍ଠ ଉପଦେଷ୍ଟା ଶ୍ରୀବସ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ସାଧାରଣ ସମ୍ପାଦକ ସୁଦାମ ଚରଣ ବଘାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ସମାପନରେ ସାମ୍ବାଦିକ ସଂଘର କେଦାର ବଡ଼ଜେନା, ପ୍ରଫୁଲ୍ଲ କୁମାର ବଘାର, ମନୋଜ କୁମାର କର, ଭଗବାନ ମହାନ୍ତି, ଶରତପତି ସାଣ୍ଡ, ଶଙ୍କର ମାଝି, ଜୟଦେବ ପୁରୋହିତ, ଶମ୍ଭୁ ପ୍ରସାଦ ଭୋଇ, ହଜାରୁ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବେଲପଡ଼ା,୧୦।୯(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରବିବାର ଜନକଲ୍ୟଣ ଟ୍ରଷ୍ଟ ଆୟୋଜନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଶିବିରକୁ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ରବୀନ୍ଦ୍ର ମେହେର, ବିଧାୟକ ପ୍ରତିନିଧି କୁମୁଦ ମହାକୁଡ, ଜନକଲ୍ୟାଣ ଟ୍ରଷ୍ଟ ପ୍ରତିଷ୍ଠାତା କୁଞ୍ଜମନି ମେହେର ଯୋଗ ଦେଇଥିଲେ। ଶିବିରରେ ୩୩ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଣ୍ଟାବାଞ୍ଜି ରକ୍ତ ଭଣ୍ଡାର ଟେକନିସିଆନ ସୁନୀତା ଭୋଇ, ଶିବ କୁମାର ସାହୁ, କୁନାଲ ସାହୁ, ପ୍ରଶାନ୍ତ ସାହୁ, ଦୁର୍ଗା ତାଣ୍ଡି, ପ୍ରଦୀପ ମହାପାତ୍ର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଟ୍ରଷ୍ଟ ସଭାପତି କାନ୍ତ ରଣା, ସମ୍ପାଦକ କେଦାର ଦଣ୍ଡସେନା, କୋଷାଧକ୍ଷ ପ୍ରମୋଦ ମେହେର ଓ ଅନ୍ୟ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା।




ରକ୍ତଦାତାଙ୍କ ସହ ଅତିଥି ଓ ଟ୍ରଷ୍ଟ ସଦସ୍ୟ।

# ବ୍ରାହ୍ମଣପଡ଼ା ଲକ୍ଷ୍ମୀଯୋର ସେତୁର ଲୋକାର୍ପଣ

ବଲାଙ୍ଗୀର,୧୦।୯
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ବ୍ରାହ୍ମଣପଡାଠାରେ ଲକ୍ଷ୍ମୀଯୋର ଉପରେ ନିର୍ମିତ ହାଇଲେବେଲ ସେତୁର ଲୋକାର୍ପଣ କରିଛନ୍ତି ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର। ରବିବାର ଅପରାହ୍ଣରେ ଅନୁଷ୍ଠିତ ଏହି ସେତୁ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଧାୟକ ମିଶ୍ର ଯୋଗଦେଇ କହିଥିଲେ ଯେ, ବଲାଙ୍ଗୀରର ସମ୍ପୂର୍ଣ୍ଣ ବିକାଶ ପାଇଁ ଅନେକ ଲଢେଇ କରାଯାଇଛି । ସ୍ଥାନୀୟ ରାଜନେତାଙ୍କ ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ବଲାଙ୍ଗୀର ପାଇଁ ଅନେକ ଆଖିଦୃଶିଆ ପ୍ରକଳ୍ପ ଯଥା ମେଡିକାଲ କଲେଜ, ପିଆର ହାଇସ୍କୁଲ ବ୍ୟାଡମିଣ୍ଟନ ଷ୍ଟଡିୟମ, ଭୀମ ପାହାଡ ପର୍ଯ୍ୟଟନସ୍ଥଳି, କିରାବାହାଲ ଛତାମଖନା ବ୍ୟାରେଜ ସମେତ ସହରର ସମସ୍ତ ରାସ୍ତା ଉନ୍ନତିକରଣ କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିରୋଧୀ ଯେତେ ବିରୋଧ କଲେ ହେଁ ବଲାଙ୍ଗୀରର ବିକାଶ ପ୍ରକ୍ରିୟାକୁ କେହି ରୋକିପାରିବେ ନାହିଁ। ଆଗାମୀ ଦିନରେ ନିଶ୍ଚିତ ଭାବରେ ଏମାନଙ୍କ କୁମ୍ଭୀର କାନ୍ଦଣାର ଉଚିତ ଜବାବ ଲୋକେ ଦେବେ ବୋଲି ସେ କହିଥିଲେ। ଅପରାହ୍ଣରେ ବିଧାୟକ ମିଶ୍ର ପ୍ରଥମେ ସ୍ଥାନୀୟ ଶାରଦେଶ୍ୱରୀ ଆୟୁର୍ବେଦିକ ଡାକ୍ତରଖାନାରେ ୨୩ ଲକ୍ଷ



ବିଧାୟକ ନରସିଂହ ମିଶ୍ର ବ୍ରାହ୍ମଣପଡାଠାରେ ଲକ୍ଷ୍ମୀଯୋର ଉପରେ ନିର୍ମିତ ନୂଆ ସେତୁ ଲୋକାର୍ପଣ କରୁଛନ୍ତି।

**ବଲାଙ୍ଗୀରର ବିକାଶ ପ୍ରକ୍ରିୟା ନିରନ୍ତର ଜାରି ରହିବ: ନରସିଂହ**

ଟଙ୍କାର ଅନୁଦାନରେ ଏକ ପାଚେରୀର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ଉପସ୍ଥିତ ଡାକ୍ତରମାନଙ୍କ ସହ ପଞ୍ଚକର୍ମ ଗୃହ ନିର୍ମାଣ ତଥା ଡାକ୍ତରଖାନାର ଅନ୍ତେବାସୀମାନଙ୍କ ବାବଦରେ ପଚାରି ବୁଝିଥିଲେ । ପରେ ଲକ୍ଷ୍ମୀଯୋର ଉପରେ ୩ କୋଟି ୫ଲକ୍ଷ ୮୧ ହଜାର ଟଙ୍କାର ବ୍ୟୟ ଅଟକଳରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଏକ ହାଇଲେବଲ ସେତୁର ଲୋକାର୍ପଣ କରିଥିଲେ। ଲୋକଙ୍କ ବହୁ ଦିନର ଦାବି ଥିବା ଏହି ସେତୁ ଲୋକାର୍ପଣ ଉତ୍ସବରେ ଅଞ୍ଚଳର ବହୁ ମହିଳା ଓ ପୁରୁଷ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କ ସମସ୍ୟାକୁ ନେଇ ବିଧାୟକଙ୍କ ସହ ଆଲୋଚନା କରିଥିଲେ । ବ୍ରାହ୍ମଣପଡାରୁ ବରପାଲିପଡାକୁ ସଂଯୋଗ କରୁଥିବା ସେତୁ ସଂକୀର୍ଣ୍ଣ ତଥା ତଳିଆ ଥିବାରୁ ଏଠାରେ ଅନେକ ସମୟରେ ଲୋକଙ୍କ ଜାତାୟତ ପାଇଁ ଟ୍ରାଫିକ ସମସ୍ୟା ଉପୁଜି ଦୁର୍ଘଟଣା ଘଟି ଧନଜୀବନହାନୀ ଆଶଙ୍କା ଥିଲା। ଏହି ଉଚ୍ଚତମ ସେତୁ ନିର୍ମାଣ ପରେ ଏହି ସମସ୍ୟା ପ୍ରାୟତଃ ଦୂର ହୋଇଯିବ। ଉଭୟ କାର୍ଯ୍ୟକ୍ରମରେ ଡା. ପ୍ରସନ୍ନ ମିଶ୍ର, ଆୟୁର୍ବେଦିକ ଛାତ୍ର ସଂସଦର କର୍ମକର୍ତ୍ତା, ବିଧାୟକଙ୍କ ପ୍ରତିନିଧି ଡା. ପ୍ରକାଶ ଦାଶ, ନବ କିଶୋର ମାଝି, ମନୀଷ ମିଶ୍ର, ଅସୀତ ମିଶ୍ର, ବୁଲୁ ଦାନି, ହିମାଂଶୁ ନାୟକ, ସାନନ୍ଦ ମିଶ୍ର, ଅରୁଣ ଶତପଥି, ଝୁଲୁ ପଟ୍ଟନାୟକ, ଜୟନାରାୟଣ ମିଶ୍ର, କୈଳାସ ମିଶ୍ର, ଡା. ପ୍ରଶାନ୍ତ ପ୍ରଧାନ, ଗୋପାଳ ମିଶ୍ର, ରବି ସ୍ୱାଇଁ, ସବିତା ସାହୁ, ସାଇନା ବେଗମ, ସବିତା ଶତପଥି, କଳ୍ପନା ସେଠଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଶ୍ରାଦ୍ଧବାର୍ଷିକୀରେ ସାମାଜିକ କର୍ମୀଙ୍କୁ ମନେପକାଇଲେ

**ଭେଡ଼େନ,୧୦।୯ (ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ବକଟି ପ୍ରାଥମିକ ସ୍କୁଲରେ ମଞ୍ଚ କଳାକାର, ଖବରଦାତା, ସାମାଜିକ କର୍ମୀ ମଣ୍ଟୁ ଷଡ଼ଙ୍ଗୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଉତ୍ପନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଥାନାଧିକାରୀ ପ୍ରେମଜିତ୍ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏସ୍ଆଇ ଧନେଶ୍ୱର ସାହୁ, ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ହେମ ସାଗର ଭୂଏ, ଗୌରଚନ୍ଦ୍ର ଦନ୍ତା, ପ୍ରଧାନଶିକ୍ଷକ ସୁନୀଲ ଖମାରୀ, ସହକାରୀ ଶିକ୍ଷକ ଗୌରଚନ୍ଦ୍ର ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ପରିବାର ପକ୍ଷରୁ ବରଗଡ଼ ସଂକଳ୍ପ ପରିବାର, ନିଷ୍ଠା ପରିବାର, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ଅମୃତ କୁଟୁମ୍, ସେବା ପରିବାର, ଶପଥ ପରିବାର, ମାହେଶ୍ୱରୀ ସେନା, କୋସଲ ସେନା, ଭେଡ଼େନ ଲକ୍ଷ୍ମୀପୂଜା କମିଟି, ବକଟି ଚେତନା ଯୁବକ ସଂଘ, ଆନନ୍ଦ ସେବା ସଦନ, ଗୋଶାଳା ଲାୟନ୍ସ କ୍ଲବ ଆଦି ୧୩ଟି ଅନୁଷ୍ଠାନକୁ ସମ୍ମାନୀତ କରାଯାଇଥିଲା। ହୀରା ମହାକୁର କାର୍ଯ୍ୟକ୍ରମ ସଂଯୋଜନା ଏବଂ ମୁକୁନ୍ଦ ଷଡ଼ଙ୍ଗୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିତେନ୍ଦ୍ରିୟ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷ୍ମୀନାରାୟଣ ଅନାଥାଶ୍ରମ ପରିଚାଳନା କମିଟି ଗଠିତ

**ଝାରବନ୍ଧ, ୧୦।୯(ଦେବେନ୍ଦ୍ର ସାହୁ):** ବରଗଡ ଜିଲା ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲି ଅନାଥ ଆଶ୍ରମର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ରବିବାର ଅନୁଷ୍ଠିତ ବୈଠକରେ କମିଟି ସଭାପତିଭାବେ ନବୀନ ପ୍ରଧାନ, ଉପ ସଭାପତି ହେମଲାଲ ସତନାମୀ, ସମ୍ପାଦକ ରୋହିତ ପ୍ରଧାନ, କୋଷାଧ୍ୟକ୍ଷଭାବେ ସୁରେନ୍ଦ୍ର କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ୧୧ଜଣ ସଦସ୍ୟଙ୍କୁ ପରିଚାଳନା କମିଟିରେ ରଖାଯାଇଛି।

### ଅନାଥାଶ୍ରମ ଅନ୍ତେବାସୀଙ୍କୁ ସାମଗ୍ରୀ ବଣ୍ଟନ

**ଭେଡ଼େନ,୧୦।୯(ସୁଦନ ମହାକୁର):** ଭେଡ଼େନ ବ୍ଲକ ବଡ଼ ପିପିଲିପାଲି ଅନାଥାଶ୍ରମ ଅନ୍ତେବାସୀଙ୍କୁ ଅମୃତ କୁଟୁମ୍ ଓ ସେବା ପରିବାର ମିଳିତ ଭାବେ ବିଭିନ୍ନ ସାମଗ୍ରୀ ରବିବାର ବଣ୍ଟନ କରିଛନ୍ତି। ଗଦି, ବେଡ଼ସିଟ, ମଶାରୀ ଓ ଫଳ ବଣ୍ଟନ ସହ ଅନ୍ତୋସୀଙ୍କ ସୁବିଧା ଅସୁବିଧା କଥା ବୁଝିଥିଲେ। ଦଶରଥ ମେହେରଙ୍କ ଆବାହକତ୍ୱରେ ଗୋବିନ୍ଦ ନାଗ ଆନନ୍ଦ ସୁନା, ନରେନ୍ଦ୍ର ଭୋଇ, ସଞ୍ଜିବ ଭୋଇ, ଚଣ୍ଡୀଚରଣ ଦେହେରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ସନାତନୀ ବ୍ରାହ୍ମଣ ସମାଜର ବୈଠକ

**ବରପାଲି, ୧୦।୯ (ଚିତ୍ତରଞ୍ଜନ ସାହୁ):** ସନାତନୀ ବ୍ରାହ୍ମଣ ସମାଜର ବରପାଲି ବ୍ଲକସ୍ତରୀୟ ବୈଠକ ରବିବାର ଅପରାହ୍ନରେ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ସମାଜ ସଭାପତି ପଣ୍ଡିତ କୃଷ୍ଣ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଦାନନ୍ଦ ଦାଶଙ୍କ ସାମୂହିକ ଗାୟତ୍ରୀ ମନ୍ତ୍ର ପାଠ ପରେ ଦିବଂଗତ ବିଶଶ୍ୱେର ଶତପଥୀ ଏବଂ ରମେଶ ଦାଶଙ୍କ ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଶରତ ଚନ୍ଦ୍ର ପାଣିଗ୍ରାହୀ ସଭାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଆଗାମୀ ଦିନରେ ଜିଲାସ୍ତରୀୟ ସମ୍ମିଳନୀ ବରପାଲିରେ ଅନୁଷ୍ଠିତ ହେବାକୁ ଥିବାରୁ ସେ ବିଷୟରେ ଆଲୋଚନା ହୋଇଥିଲା। ପିନାକୀ ଦାଶ, ସରୋଜ କୁମାର ଦାଶ, ମେଘନାଦ ମିଶ୍ର, ଦୁଃଖିଶ୍ୟାମ ପଣ୍ଡା, ଲୋକନାଥ ତ୍ରିପାଠୀ, ରୁତୁପର୍ଣ୍ଣ ଦାଶ, ଆନନ୍ଦ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆକାଶବାଣୀ ଶ୍ରୋତା ହ୍ରାସ ନେଇ ଉଦ୍‌ବେଗ

## ଆକାଶବାଣୀ ଶ୍ରୋତା ସଂଘର ବୈଠକ

**ବରଗଡ, ୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ପାର୍କ ସମ୍ମୁଖ ସାରଦା କମ୍ପ୍ଲେକ୍ସ ପରିସରରେ ରବିବାର ଆକାଶବାଣୀ ଶ୍ରୋତା ସଂଘ ଅମ୍ବାପାଲିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଜଗନ୍ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଆକାଶବାଣୀ ଶ୍ରୋତା ଦିନକୁ ଦିନ କମି ଯାଉଥିବାରୁ ସଭାରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ରେଡ଼ିଓର ଗୁରୁତ୍ୱକୁ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ପଦକ୍ଷେପ ସଦୃଶ ରେଡ଼ିଓ ବନାମ ପବ୍ଲିକ ଓ ଆକାଶବାଣୀ ବନାମ ଜନସାଧାରଣ ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଆଗତ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୈଠକରେ ଅବସରପ୍ରାପ୍ତ ବରିଷ୍ଠ ଉଦ୍‌ଘୋଷକ କୃଷ୍ଣଚନ୍ଦ୍ର କନ୍ଧେର ଉପସ୍ଥିତ ଥିଲେ । ଏହା ସହିତ ବରଗଡ଼ରେ ସ୍ଥାପିତ ହୋଇଥିବା ରେଡ଼ିଓ କେନ୍ଦ୍ର ପାଇଁ ସଂଘ ତରଫରୁ ସାଂସଦ ସୁରେଶ ପୂଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଅଶୋକ ସାହୁ, ସୁଦାମ ସାହୁ, ସୁଦାମ ମହାପାତ୍ର, ଗୋପବନ୍ଧୁ ପୁରୋହିତ ଉପସ୍ଥିତ ରହି ଆଗାମୀ ଦିନରେ ଆକାଶବାଣୀ ଶ୍ରୋତା ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ଓ ଆବଶ୍ୟକ ସରକାରୀ ଜମି ଯୋଗାଇବା ପାଇଁ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ପାଇଁ ଆଗତ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏଥି ସହିତ କିପରି ରେଡ଼ିଓ ପ୍ରତି ଜନସାଧାରଣ ଆକୃଷ୍ଟ ହେବେ ସେ ଦିଗରେ ପଦକ୍ଷେପ ନିଆଯିବା ପାଇଁ ଆଗତ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।



ବୈଠକରେ ମଞ୍ଚାସୀନ ଆକାଶବାଣୀ ଶ୍ରୋତାସଂଘର ପ୍ରତିନିଧିବୃନ୍ଦ।

# ମା' ସମଲେଇ ପୀଠରେ ନୂଆଁଖାଇ ଲଗ୍ନ ନିରୂପଣ



ନୂଆଁଖାଇ ଲଗ୍ନ ନିରୂପଣ ସମୟରେ ଉପସ୍ଥିତ ପଣ୍ଡିତ ମଣ୍ଡଳୀ।

**ବରଗଡ ୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଇଛି । ପୂର୍ବ ଘୋଷଣା ଅନୁଯାୟୀ ପଣ୍ଡିତମାନେ ଏହି ଲଗ୍ନ ନିର୍ଘଣ୍ଟ ଧାର୍ଯ୍ୟ କରିଥିଲେ। ଏହି ଲଗ୍ନ ଅନୁସାରେ ୨୦ ତାରିଖ ବୁଧବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ଅମୃତ ବେଳାରେ ୧୦.୪୨ଗତେ ୧୨.୪୪ ବିଛା ଓ ଧନୁ ଲଗ୍ନ ମଧ୍ୟରେ ସର୍ବସାଧାରଣ ଇଷ୍ଟ ଦେବାଦେବୀଙ୍କଠାରେ ନବାନ୍ନ ଅର୍ପଣ ଓ ଭକ୍ଷଣ ନେଇ ଲଗ୍ନ ନିରୂପିତ ହୋଇଥିଲା। ଏଥିରେ ସହରର ପ୍ରମୁଖ ମନ୍ଦିର ଓ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପଣ୍ଡିତ ଶିବ ଶଙ୍କର ଦାଶ, ପଣ୍ଡିତ ଚୂଡ଼ାମଣି ରଥ, ପଣ୍ଡିତ ବିଘ୍ନରାଜ ଦାଶ, ପଣ୍ଡିତ ବିଷ୍ଣୁଦୟାଲ ଦାଶ, ପଣ୍ଡିତ ସୁଧାଂଶୁ ଦାଶ ପ୍ରମୁଖ ଲଗ୍ନ ନିରୂପଣ କରିଥିଲେ। ଏହି ଲଗ୍ନ ଧାର୍ଯ୍ୟ ସମୟରେ ପୂଜକ କ୍ଷୀରୋଦ୍ର ଝାଙ୍କର, କର୍ତ୍ତା ଜୟ ପ୍ରକାଶ ଦାଶ, ହାଟପଦା ଦୁର୍ଗା ମନ୍ଦିର କମିଟିର ଉଦ୍ଧବ ଡାଙ୍ଗ, ଶେଷଦେବ ପ୍ରଧାନ, ଶ୍ୟାମାକାଳୀ ମନ୍ଦିର କମିଟିର ବିଜୟ ମିଶ୍ର, ଗୌରାଙ୍ଗ ନାୟକ, ଲକ୍ଷ୍ମୀ ମନ୍ଦିର କମିଟିର ଗୁରୁ ଚରଣ ସାହୁ, ମଳୟ ମିଶ୍ର, ଗଣେଶ ମନ୍ଦିର କମିଟିର ରାଜେନ୍ଦ୍ର କୁମାର ସାହୁ, ବିମଳ କିଶୋର ସାହୁ, ସୌଖିନ କଳାକାର ସଂଘର ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ସମଲେଶରୀ ମନ୍ଦିର ପରିଚାଳନା କମିଟି ବରଗଡ଼ର ସଦସ୍ୟ ମାନଙ୍କ ଉପସ୍ଥିତିରେ ସମ୍ପାଦିତ ହୋଇଥିଲା ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ବିଜ୍ଞାନ ମେଳା



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ବରଗ ୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ପ୍ରଥମ ମାତୃ ବୈଠକ ଓ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ମା'ମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଶ୍ରୀବତ୍ସ ବାବୁ ଯୋଗଦେଇ କବିତା ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅଭିଭାବକଙ୍କ ତରଫରୁ ହେମାଙ୍ଗିନୀ ସୁନା ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସ୍କୁଲସ୍ତରୀୟ ବିଜ୍ଞାନ ମେଳାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲସ୍ତରୀୟ ଏହି ବିଜ୍ଞାନ ମେଳାରେ ୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପ୍ରାଥମିକସ୍ତରରେ ମଧୁ ଲେଖା ପ୍ରିୟଦର୍ଶିନୀ ପ୍ରଥମ, ଶ୍ରେୟଂଶୀ ନାଏକ ଦ୍ୱିତୀୟ ଓ ସପ୍ନାରାଣୀ ବରାଡ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଚ୍ଚ ପ୍ରାଥମିକସ୍ତରରେ କିର୍ତ୍ତିମାନ ମଲ୍ଲିକ ପ୍ରଥମ, ଅବିନାଶ ପଟେଲ ଦ୍ୱିତୀୟ ଓ ଆଶିଷ ନାଏକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ନିଳୀମା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୀତା ଜାଲ ଓ ବବିତା ନାଏକ ସହଯୋଗ କରିଥିଲେ। ସମ୍ମାନିତ ଅତିଥିଭାବେ ମା' ମାନଙ୍କ ତରଫରୁ ମିତା ପଶାୟତ, ଧରିତ୍ରୀ ମିଶ୍ର, ସସ୍ମିତା କୁଅଁର, ତିଳୋତ୍ତମା ପାଇକ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

### ଆଜିଠାରୁ ସମୂହ ଛୁଟିରେ ରହିବେ ଶିକ୍ଷକ

**ବରଗଡ, ୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ବିଜେପୁର ଶିକ୍ଷକ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୃଥ୍ୱିରାଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କନିଷ୍ଠ ଶିକ୍ଷକ ସଂଘ ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ବିଜେପୁର ବ୍ଲକ ଏକ୍ସ କ୍ୟାଡର ସଭାପତି ସୁନନ୍ଦ ମିଶ୍ର ଯୋଗଦେଇ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ସମାଲୋଚନା କରିଥିଲେ। ହାଇସ୍କୁଲରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ରଦ୍ଦ କରିଥିବା ବେଳେ ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ଠିକା ନିଯୁକ୍ତିକୁ ରଦ୍ଦ କରି ନ ଥିବାରୁ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ରଦ୍ଦ କରାଯାଉ ବୋଲି ଶିକ୍ଷକ ସଂଘ ଦାବି କରିଛି। ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ୨୮୦୦ ଗ୍ରେଡ ପେ ପ୍ରଦାନ, ପୁରୁଣା ପେନସନ ଲାଗୁ କରାଯିବା ନେଇ ଦୀର୍ଘମାସ ହେଲା ଶିକ୍ଷକ ସଂଘ ଦାବି କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ପ୍ରତିବାଦରେ ସୋମବାରରୁ ସମସ୍ତ ଶିକ୍ଷକଗଣ ସମୂହ ଛୁଟିରେ ଯିବାପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଯେଉଁ ବ୍ୟାଘାତ ପରିଲକ୍ଷିତ ହେବ, ସେ ଦିଗରେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବୈଠକରେ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରଦ୍ଧାଞ୍ଜଳି ସଭାରେ ମହେନ୍ଦ୍ର ବଢ଼େଇଙ୍କ ସ୍ମୃତିଚାରଣ



ମହେନ୍ଦ୍ର ବଢେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ପାଇକମାଳ, ୧୦।୯(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଦିବଂଗତ ବିଜେଡି ନେତା ମହେନ୍ଦ୍ର ବଢେଇଙ୍କ ସ୍ମୃତିଚାରଣ କରାଯାଇଛି। ବଢେଇଙ୍କ ଫଟୋଚିତ୍ରରେ ମନ୍ଦିର ପୂଜକ ଉଦ୍ଧବ ପ୍ରଧାନ ପୁଷ୍ପମାଲ୍ୟ ଦେବା ପରେ ସଭାରେ ଉପସ୍ଥିତ କୁଲତା ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା ପୁଷ୍ପ ପ୍ରଦାନ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। କୁଲତା ଯୁବ ସଂଗଠନ ସଭାପତି ଡାକ୍ତର ବୁଲୁ ବାରିକ, ଭୁବନେଶ୍ୱର ସା, ଟାଇଲ ଭୋଇ, ଲିଙ୍ଗରାଜ ପଧାନ, କର୍ମୁ ବିଶ୍ୱାଳ, ଯୋଗେନ୍ଦ୍ର ଭୋଇ, ଅଲେଖ ପ୍ରଧାନ, ଶରତ ସାହୁ, ଚିତ୍ତ ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟରେ ସ୍ୱର୍ଗତ ବଢେଇଙ୍କ ସ୍ମୃତିଚାରଣ କରିଥିଲେ। କେଶବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକୃତିବନ୍ଧୁ ବଡ ଶତପଥି ସ୍ୱର୍ଗତ ବଢେଇଙ୍କ ସ୍ମୃତି ପାଇଁ ଏକ ବଉଳ ଚାରା ଦେଇଥିବା ବେଳେ ଥାନା ଆଇଆଇସି ସୁଶାନ୍ତ କୁମାର ବଢେଇ ଏହି ଚାରାକୁ ମନ୍ଦିର ପରିସରରେ ଲଗାଇ ଯତ୍ନ ନେବା ପାଇଁ ଯୁବ ସଂଗଠନ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ,୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ବିଶ୍ୱ ହିନ୍ଦୁ ପରିଷଦ ପରିଷଦର ପ୍ରତିଷ୍ଠା ଦିବସ ରବିବାର ସଂଘ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଛି। ପରିଷଦର ଜିଲା ସଭାପତି ନିଧୁବନ ବିହାରୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶା ପଶ୍ଚିମ ପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ସୁଦର୍ଶନ ବାବା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାନ୍ତ ସହ ସମ୍ପାଦକ ରାଜୀବ ଶତପଥି, ଜିଲା ସାଧାରଣ ସମ୍ପାଦକ ତଥା ବଜରଙ୍ଗ ଦଳ ପାଳକ ଅଧିକାରୀ ଆଶୁତୋଷ ରଥ, ବରଗଡ ବିଭାଗ ସମ୍ପାଦକ ଭୁବନେଶ୍ୱର ସାହୁ ମଞ୍ଚାସୀନ ଥିଲେ। ଆସନ୍ତା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୮ତାରିଖ ମଧ୍ୟରେ ହେବାକୁ ଥିବା ଶହୀଦ ମାଧୋ ସିଂ ସୌର୍ଯ୍ୟ ଜାଗରଣ ଯାତ୍ରା ଏବଂ ଶହୀଦ ଲକ୍ଷ୍ମଣ ନାୟକ ସୌର୍ଯ୍ୟ ଜାଗରଣ ରଥ ଅକ୍ଟୋବର ୫ ଏବଂ ୬ତାରିଖ ବରଗଡ ଜିଲାର ବିଭିନ୍ନ ବ୍ଲକ ଏବଂ ଗ୍ରାମ ଦେଇ ସମ୍ବଲପୁର ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ଦିଆଯାଇଥିଲା। ସମ୍ବଲପୁରଠାରେ ଅକ୍ଟୋବର ୮ତାରିଖରେ ଏକ ବିରାଟ ହିନ୍ଦୁ ସମାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ଜିଲା ଉପସଭାପତି ନାରାୟଣ ପଣ୍ଡା, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର, ବଜରଙ୍ଗ ଦଳ ସଂଯୋଜକ ସଞ୍ଜୀବ ମେହେର, ବରଗଡ ବିଭାଗ ବଜରଙ୍ଗ ଦଳ ସଂଯୋଜକ ରାଜେଶ ବନଛୋର, ନିତ୍ୟାନନ୍ଦ ନାୟକ, ଭୁବନେଶ୍ୱର ମହାକୁଡ଼, ମିଳନ କେନ୍ଦ୍ର ପ୍ରମୁଖ ବିଶ୍ୱନାଥ ସାହୁପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ଆଶୁତୋଷ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଟୋ ସହ ୯୫କି.ଗ୍ରା. ଗଞ୍ଜେଇ ଜବତ

**ଅମ୍ବାଭୋନା,୧୦।୯(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ଭୁକ୍ତା-କପାଶିରା ରାସ୍ତାରେ ପୋଲିସ ଗଞ୍ଜେଇ ବୋଝେଇ ଏକ ଅଟୋ (ନଂ -ଓ.ଡି. ୧୭ ଏ ୩୭୪୦) ଜବତ କରିଛି। ଅଭିଯୁକ୍ତ ତଥା ଅଟୋ ଡ୍ରାଇଭର ଏବଂ ତାଙ୍କ ସହଯୋଗୀ ଫେରାର୍ ହୋଇଯାଇଛନ୍ତି। ଅଟୋରୁ ୯୫ କି.ଗ୍ରା ୧୯୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (୧୮୧/୨୩) ରୁଜୁ ହୋଇଛି। ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପିଛା କରୁଥିବା ଜାଣିପାରି ରାସ୍ତାରେ ଅଟୋ ଛାଡି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଲାଇଛି।



ଜବତ ଅଟୋ, ଗଞ୍ଜେଇ ସହ ପୋଲିସ ଟିମ୍

# ପୁସ୍ତକ ଉନ୍ମୋଚନ ସମାରୋହ



ଅତିଥିବୃନ୍ଦ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବରଗଡ, ୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡ ଅଗ୍ରଗାମୀ ଯୁବକ ସଂଘର ରାଧାବଲ୍ଲଭ ମିଶ୍ର ସ୍ମୃତି ପାଠାଗାର କକ୍ଷଠାରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଶିରିଶ ବଲ୍ଲଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତଥା ସାହିତ୍ୟିକ ତ୍ରିନାଥ ସାହୁଙ୍କ ଗଳ୍ପ ଚୟନିକା, ଓମାର ଚୌପଦୀ, କବିତା କଲ୍ଲୋଳ, ଗଳ୍ପ ସାଗରର ପ୍ରଥମ ଓ ଦ୍ୱିତୀୟ ଭାଗ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା। ମହେଶ କୁମାର ଅଗ୍ରୱାଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବୁଦ୍ଧଦେବ ବାରିକ ଓ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଡ. ପ୍ରଦୀପ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁସ୍ତକର ଲେଖକ ସାହୁ ଲେଖକୀୟ ବକ୍ତବ୍ୟ ରଖିଥିଲେ। ସେହିପରି ଶରଦ ପ୍ରଧାନ, ନିଧୁବନ ବିହାରୀ ପ୍ରସାଦ ପଣ୍ଡା ପୁସ୍ତକ ଉପରେ ନିଜ ମତ ରଖିଥିଲେ । ଡଃ ସଂଘମିତ୍ରା ମିଶ୍ର, ମାନଭଞ୍ଜନ ପାଣିଗ୍ରାହୀ ବକ୍ତବ୍ୟରେ ଉନ୍ମୋଚିତ ପୁସ୍ତକ ଗୁଡିକୁ ସମୀକ୍ଷା କରିଥିଲେ। ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରଙ୍ଗୋଲି, ସଙ୍ଗୀତ ପ୍ରତିଯୋଗିତା

**ପଦ୍ମପୁର, ୧୦।୯(ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ଏବିସିଡି ସଙ୍ଗଠନ ପକ୍ଷରୁ ବୋଡାସମ୍ବର ନୂଆଁଖାଇ ଭେଟ୍‌ଘାଟର ରୌପ୍ୟଜୟନ୍ତୀ ପାଳନ ଉପଲକ୍ଷେ ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ରଙ୍ଗୋଲି, ଝୋଟି ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରଙ୍ଗୋଲି ଜୁନିୟର ଓ ସିନିୟର ବିଭାଗରେ ୪୮ଜଣ, ଝୋଟିରେ ଜୁନିୟର ଓ ସିନିୟରରେ ୫୫ ଜଣ ଓ ସଙ୍ଗୀତଙ୍ଗରେ ୩୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଝୋଟି ଓ ରଙ୍ଗୋଲି ପାଇଁ ବିଚାରକ ଦୁର୍ଗାଶିଷ ପଟନାୟକ,ସଚ୍ଚିଦାନନ୍ଦ ସାହୁ ଓ ଜଗନ୍ନାଥ ସେଠ ଏବଂ ସଙ୍ଗୀତର ବିଚାରକ ଥିଲେ ରମେଶ କୁମାର ଗୁର୍ଲା, ଝସକେତନ ବେହେରା ଓ ଅନ୍ତର୍ଯ୍ୟାମୀ ମେହେର। ଅନୁଷ୍ଠାନ ଉପଦେଷ୍ଟା କେଶରଞ୍ଜନ ପଧାନ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ସଭାପତି ଅନିଲ ବେହେରା,ସମ୍ପାଦକ ରଘୁନାଥ ପୁରୀ, ସହସମ୍ପାଦକ ପ୍ରତାପ ନାଥ, କୋଷାଧ୍ୟକ୍ଷ ସୁରେଶ ମିଶ୍ର, ଲିଙ୍ଗରାଜ ସାହୁ, ଶାନ୍ତ ସଂଗ୍ରାମ ଭୋଇ, ଅମୀୟ ପୁରୋହିତ ସରୋଜ ଯୋଶୀ, ସୁଶାନ୍ତ ସରାଫ, ରମେଶ ଗୁର୍ଲା, ପଦ୍ମିନୀ ପରିଡା, ଅଞ୍ଜଳି ପରିଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପ୍ରତିଯୋଗିତାର ବିଚାରକ ମଣ୍ଡଳୀ।

# ଭାରତୀୟ କିଷାନ ସଂଘର ରଣହୁଙ୍କାର

**ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)**

ବରଗଡରେ ଭାରତୀୟ କିଷାନ ସଂଘର ଏକ ବୈଠକ ଶନିବାର ହୋଇଯାଇଛି। ପଞ୍ଚାନନ ଦଳପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର, କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀନିବାସ ଜୀ, ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ, ସମ୍ପାଦକ ସୁଶାନ୍ତ ଗଡ଼ତିଆ ଓ ଦେଶୀ ବିହନ ସୁରକ୍ଷା କମିଟିର ସୁଦାମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଣୁ ଆସନ୍ତା ନଭେମ୍ବର ୩ତାରିଖ ଭୁବନେଶ୍ୱରରେ ୫୦ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ ଏବଂ ବରଗଡ଼ ଜିଲାରୁ ୨ହଜାରରୁ ଅଧିକ ଚାଷୀ ସେଥିରେ ସାମିଲ ହେବେ ବୋଲି ସୂଚନା ଦିଆଯାଇଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କୁଇଣ୍ଟାଲ ପିଛା ୫୦୦ଟଙ୍କା ବୋନସ, କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ବିଲ୍‌କୁ ଦେୟମୁକ୍ତ କରିବା, ଟୋକନ ବ୍ୟବସ୍ଥା ଉଚ୍ଛେଦ, ଚାଷୀଙ୍କ ଉତ୍ପାଦିତ ସମସ୍ତ ଧାନ କିଣାଯିବା, ମଣ୍ଡିର ସୁବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ସେହିପରି ଜୈବିକ ବଜାରର ପ୍ରଚଳନ, ଜମି ବନ୍ଦୋବସ୍ତ, ବନ୍ଦ ପଡିଥିବା ଚିନିକଳ, ସୂତାକଳ, ଶୀତଳଭଣ୍ଡାର ପୁନଃ କାର୍ଯ୍ୟକ୍ଷମ, ଉଠା ଜଳସେଚନ ଓ ନଦୀବନ୍ଧ ଯୋଜନା ବ୍ୟାପକ କରାଯିବା, ମକା, ପିଆଜର ରକ୍ଷଣାବେକ୍ଷଣ ଓ ପ୍ରକ୍ରିୟାକରଣର ବ୍ୟବସ୍ଥା ପାଇଁ ଦାବି ହୋଇଛି। ବୈଠକରେ ଅନି ବାଗ, ସୁଶାନ୍ତ ପଧାନ, ବଳରାମ ମେହେର, ବୈଜୁ ଅଗ୍ରୱାଲ, ଦିବାକର ମାଝି, ବିଜନ ପାଢ଼ୀ, ହୀରଲାଲ ସା, ଉକାର କଲେତ, ନାରାୟଣ ସାହୁ, ଉଦିତ ବନ୍ଦିଆ ପ୍ରମୁଖ ଯୋଗଦାନ କରିଥିବା ବେଳେ ଉପସଭାପତି ସୋମନାଥ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।




ବୈଠକରେ ମଞ୍ଚାସୀନ ଭାରତୀୟ କିଷାନ ସଂଘ ପ୍ରତିନିଧିବୃନ୍ଦ।

## ସଂକ୍ଷେପରେ

### ହୋମଗାର୍ଡଙ୍କୁ ଦୁର୍ବ୍ୟବହାର, ୩ କୋର୍ଟ ଚାଲାଣ

**ଲହୁଣୀପଡ଼ା,୧୦।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବସ ଷ୍ଟାଣ୍ଡଠାରେ ଶନିବାର ରାତିରେ ହୋମଗାର୍ଡଙ୍କୁ ଦୁର୍ବ୍ୟବହାର କରି ୩ ଯୁବକ ଗିରଫ ହୋଇ ରବିବାର କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ଲହୁଣୀପଡ଼ା ସ୍ଥିତ ଶୁଖପାଲିର ନିକୁ ସାହା, ପାତ୍ର ସାହିର ଦିଲୀପ ପାତ୍ର ଓ ସହଦେବ ପାତ୍ର। ସୂଚନାଯୋଗ୍ୟ, ଏହି ୩ ଅଭିଯୁକ୍ତ ମଦ୍ୟପାନ କରି ବସଷ୍ଟାଣ୍ଡର ସର୍ବସାଧାରଣ ଜାଗାରେ ପରସ୍ପର ମଧ୍ୟରେ ଅଶ୍ଲୀଳ ଭାଷାରେ ଝଗଡା ଲାଗୁଥିଲେ। କାର୍ଯ୍ୟରତ ୨ ହୋମଗାର୍ଡ ସେମାନଙ୍କୁ ପାଟିତୁଣ୍ଡ କରିବାକୁ ବାରଣ କରିବା ସହିତ ଘରକୁ ଯିବା ପାଇଁ କହିଥିଲେ। ହେଲେ ସେମାନେ ହୋମଗାର୍ଡଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ହୋମଗାର୍ଡ ଥାନରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଗୋ ବନ୍ଧ୍ୟା ନିରାକରଣ ଶିବିର

**ହେମଗିର,୧୦।୯(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ପ୍ରାଣୀ ଚିକିତ୍ସାଳୟ ତରଫରୁ ସେପ୍ଟେମ୍ବର ୫ରୁ ୯ ପର୍ଯ୍ୟନ୍ତ ଗୋ ବନ୍ଧ୍ୟା ନିରାକରଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରମାନ ଗଡଦାର, କୁଆଁରକେଲା, ଦାଘୋରା, ବେନ୍ଦ୍ରିଥୁଆଁ ଓ ସାରଙ୍ଗିଝରିଆ ଗ୍ରାମରେ ଆୟୋଜନ କରାଯାଇ ୨୫୦ରୁ ଅଧିକ ଗୋ ବନ୍ଧ୍ୟା ଦୋଷରେ ପୀଡିତ ଗୋରୁଙ୍କୁ ଚିହ୍ନଟ ସହିତ ଚିକିତ୍ସା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୧୭୬ ଦୁଗ୍ଧ ଚାଷୀ ଉପକୃତ ହୋଇଛନ୍ତି। ଏହି ଶିବିରରେ ଉପସ୍ଥିତ ଚାଷୀ ମା' ଓ ଭାଇଙ୍କୁ ଓଡିଶା ସରକାରଙ୍କ ପ୍ରାଣୀ ସମ୍ପଦ ନିର୍ଦ୍ଦେଶାଳୟ ତରଫରୁ ବ୍ୟବସ୍ଥା କରାଯାଇଥିବା ପ୍ରାଣୀ-ବୀମା, କେସିସି, ଗୋ-ଛେଳି-କୁକୁଡା ଆଦି ପାଳନ ଓ ପ୍ରୋତ୍ସାହନ ପ୍ରଭୃତି ଯୋଜନା ବିଷୟରେ ସଚେତନ କରାଯାଇଥିଲା। ହେମଗିର ପ୍ରାଣୀ ଚିକିତ୍ସକ ଡ. ପ୍ରଶାନ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଏହି ଶିବିରଟି ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଏହି ଶିବିରରେ ସହ ପ୍ରାଣୀ ଚିକିତ୍ସକ ଡ. ସୁଶ୍ରୀ ସୁଧନ୍ୟା ନାଥ, ଉପ ପ୍ରାଣୀ ଚିକିତ୍ସକ ଗଣପତି ପ୍ରଧାନ, ଭେଟନାରୀ ଟେକନିସିଆନ ପୁରନ୍ଦର ମାଝି, ସୁନ୍ଦର ନନ୍ଦ, ପ୍ରାଣୀଧନ ନିରିକ୍ଷକ ସୁମନ ଚୌଧୁରୀ, ଗଜେନ୍ଦ୍ର ଘଡାଇ, ଏମ୍‌ଭିୟୁ ସହାୟକ କୁବେର ଖମାରି, ଗୋପାଳପୁର ପ୍ରାଣୀ ଚିକିତ୍ସାଳୟର ସହାୟକ ନିହାର ରଞ୍ଜନ ସା ଓ ପ୍ରାଣୀମିତ୍ର ନରେନ୍ଦ୍ର ରଣା ପ୍ରମୁଖ ସହଯୋଗ କରିଥିଲେ।

### ଚଉରାଶି ଘର ଅଘରିଆ ସମାଜ ବୈଠକ

**ସୁନ୍ଦରଗଡ,୧୦।୯(ଜୟ ନାରାୟଣ ମେଣ୍ଢୁଲି):** ଅଖିଳ ଭାରତୀୟ ଅଘରିଆ ସମାଜ, ଓଡିଶା ପ୍ରଦେଶ ଗାଙ୍ଗପୁର ଆଞ୍ଚଳିକ କମିଟି ସଭାପତି ପ୍ୟାରୀମୋହନ ପଟେଲଙ୍କ ସଭାପତିତ୍ୱରେ ଚଉରାଶି ଘର ଅଘରିଆ ସମାଜ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଗ୍ରାମ କମିଟି, ଗୁଡି କମିଟି, ଗୁଡି, ମଣ୍ଡଳ କମିଟି ପର୍ଯ୍ୟନ୍ତ ସାମାଜିକ ଓ ସାଙ୍ଗଠନିକ ସୁଦୃଢ଼ୀକରଣ ପାଇଁ ଆଲୋଚନା ହୋଇଥିଲା। ଏଥିସହିତ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଭେଟଘାଟ ଓ ପ୍ରତ୍ୟେକ ଗୁଡିରେ ପାଳନ କରିବା ପାଇଁ ସ୍ଥିର ହୋଇଛି। ଅଘରିଆ ସମାଜର ସାମାଜିକ, ଆର୍ଥିକ ବିକାଶ ସହ କୃଷି ଓ ଯୁବ ସଶକ୍ତିକରଣ, ମହିଳାଙ୍କ ଉନ୍ନତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଦୁର୍ଗାମାଧବ ପଟେଲ,ସ୍ନେହଲତା ପଟେଲ, ଇଶ୍ୱର ଚନ୍ଦ୍ର ନାଏକ, ରାଜ୍ୟ ଉପଦେଷ୍ଟା ଦିଲ୍ଲୀପ ପଟେଲ, ସୁରେଶ ପଟେଲ, ସାଧାରଣ ସମ୍ପାଦକ ଯୋଶୋବନ୍ତ ନାଏକ ପ୍ରମୁଖ ସଭ୍ୟା ସଭ୍ୟ ଯୋଗ ଦେଇଥିଲେ।

### ୬୪ ୟୁନିଟ୍ ରକ୍ତ ସଂଗ୍ରହ

**ରାଜଗାଙ୍ଗପୁର,୧୦।୯ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଶ୍ରମ ମନ୍ତ୍ରୀଙ୍କ ୬୪ତମ ଜନ୍ମ ଦିନ ଉପଲକ୍ଷେ ପୌରାଧକ୍ଷ ମାଧୁରୀ ଲୁଗୁନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରର ଅଗ୍ରସେନ ଭବନରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୬୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଜୁ ଜନତା ଦଳର ବହୁ ନେତୃବୃନ୍ଦ ତଥା କର୍ମୀବୃନ୍ଦ ଏହି ଶିବିରରେ ଯୋଗଦେଇଥିଲେ। ମନ୍ତ୍ରୀ ଏହି ଶିବିରରେ ପହଞ୍ଚି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ରାଜଗାଙ୍ଗପୁର ଉପନଗରପାଳ ମହମ୍ମଦ ଇରାଫାନ, ବେନେଡ଼ିକ୍ଟ ତିର୍କୀ, ପ୍ରିୟ ଦର୍ଶିନି ଭୋଇ, ସୁଭଦ୍ରା ଷଡଙ୍ଗୀଙ୍କ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ଭିନ୍ନକ୍ଷମ

**ବାଲିଶଙ୍କରା,୧୦।୯( ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କଲେଜପଡ଼ାର ଭିନ୍ନକ୍ଷମ ରାଜେଶ ବାର୍ଲା ଦୁଃଖ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଖଣ୍ଡେ ନ ଥିବାରୁ ଦୀର୍ଘ ବର୍ଷ ଧରି ଭଙ୍ଗା ଘରେ ରହିଆସୁଛନ୍ତି। ସେ ଜନ୍ମରୁ ଦୃଷ୍ଟି ବାଧିତ। ତାଙ୍କୁ ଯେତେବେଳେ ୧୦ ବର୍ଷ ହୋଇଥିଲା ସେତେବେଳେ ମା' ବାପା ଆରପାରିକୁ ଚାଲିଯାଇଥିଲେ। ଆହା ପଦେ କହିବାକୁ ତାଙ୍କର ନିଜର ବୋଲି କେହି ନାହାନ୍ତି। ଏକାକୀ ସଂଘର୍ଷ କରି ସେ ଜୀବନ ବିତାଉଛନ୍ତି। ସେ ଦୃଷ୍ଟିହୀନ ହେଲେ ମଧ୍ୟ ବାଦ୍ୟ, ଗୀତ ଗାଇ ଅଞ୍ଚଳରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ଦିବ୍ୟାଙ୍ଗ ଭତ୍ତା ୭୦୦ ଟଙ୍କା ଓ ୫କେଜି ଚାଉଳ ସରକାରଙ୍କ ତରଫରୁ ତାଙ୍କୁ ମିଳୁଛି। ହେଲେ ଏତିକିରେ ବଞ୍ଚିବା କଷ୍ଟପ୍ରଦ ହେଉଛି।


ରାଜେଶ ବାର୍ଲା।

### ଅନ୍ତ୍ୟୋଦୟ କାର୍ଡରେ ସାମିଲ, କଳାକାର ଭତ୍ତା ପାଇଁ ଗୁହାରି

ଏବେ ଆବାସ ଯୋଜନାରେ ତାଙ୍କୁ ଘର ମିଳିଛି। ୨୦୨୦ରେ କଳାକାର ଭତ୍ତା ପାଇଁ ଆବେଦନ କରିଥିଲେ ହେଁ ତାହା ଏପର୍ଯ୍ୟନ୍ତ ନ ମିଳିବାରୁ ସେ ଅତ୍ୟନ୍ତ ଦୁଃଖରେ ଥିବା ନେଇ କୋହଭରା କଣ୍ଠରେ କହିଛନ୍ତି। ସରକାରୀ ସହାୟତା ଭାବେ ଅନ୍ତ୍ୟୋଦୟ କାର୍ଡରେ ସାମିଲ କରି ୩୫ କେଜି ଚାଉଳ ଓ କଳାକାର ଭତ୍ତା ପାଇବା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି।

# ଶ୍ରମ ମନ୍ତ୍ରୀଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର


ଶିବିରରେ ଜଣେ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

**ଲହୁଣୀପଡା,୧୦।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଶଶ୍ୟକଳା ପଞ୍ଚାୟତ ବରସୁଆଁଠାରେ ରବିବାର ଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକଙ୍କ ୬୪ତମ ଜନ୍ମ ଦିବସ ଉପଲକ୍ଷେ ବଣାଇଁ ବିଜୁ ଜନତା ଦଳ ପକ୍ଷରୁ ସେଲ ହସ୍ପିଟାଲରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳ ରାଉରକେଲା ସାଙ୍ଗଠନିକ ଜିଲା କାର୍ଯ୍ୟକାରି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ସଭ୍ୟା ସୁଶୀଳା ନାୟକ, ରାମ ନାୟକ, ଜିଲା ଯୁବ ସଭାପତି ସୁମନ ବାଗେ, ଯୁବନେତା ରୋହିତାଶ୍ୱ ମିଶ୍ର, ରମେଶ ନାଏକ, ରମେଶ ସ୍ୱାଇଁ, କେଦାର ମହାନ୍ତ, ଶ୍ରମିକ ନେତା ପ୍ରସନ୍ନ ନାଏକ( ବିଲୁ ), ସାମାଜିକ କର୍ମୀ ବାସୁ ଅଗ୍ରୱାଲ, ଅଜୟ ନାୟକ, ସୁଧୀର ଜେନା, ପାତ୍ରାସ କଚ୍ଛପ, ଆନଥୋନି ଟୋପନ୍ନ, ପୂର୍ବତନ ସରପଞ୍ଚ ମଧୁସୁଦନ ନାଏକ ପ୍ରମୁଖଙ୍କ ସମେତ ବହୁ ଯୁବକ ରକ୍ତ ଦାନ କରିଥିଲେ। ବଣାଇଁଗଡ଼ ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରର ଦାୟିତ୍ୱରେ ଥିବା ଡ. ଅନିରୁଦ୍ଧ ବେହେରା, ମଦନ ନାଏକ, ଇନ୍ଦ୍ରମଣି ପ୍ରଧାନ, ରମାକାନ୍ତ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ପ୍ରତ୍ୟେକ ୱାର୍ଡରେ ୱାର୍ଡ କମିଟି ଗଠନ ପାଇଁ ପରାମର୍ଶ


ବୀରମିତ୍ରପୁର ବିଆର୍‌ଆଇ କ୍ଲବରେ କଂଗ୍ରେସ ବୈଠକରେ ଉପସ୍ଥିତ ସ୍ଥାନୀୟ ନେତୃବୃନ୍ଦ।

**କୁଆଁରମୁଣ୍ଡା,୧୦।୯ (ମହେନ୍ଦ୍ର କୁମାର ସାହୁ)**

### ବୀରମିତ୍ରପୁରରେ କଂଗ୍ରେସ ବୈଠକ

ସୁନ୍ଦରଗଡ଼ ଜିଲା ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ବୀରମିତ୍ରପୁର ବିଧାନସଭା କ୍ଷେତ୍ରରେ କଂଗ୍ରେସ ପାର୍ଟିକୁ ସୁଦୃଢ଼ କରିବା ପାଇଁ ରବିବାର ପ୍ରଦେଶ କଂଗ୍ରେସ କମିଟି ସଂଯୋଜକ ମାନସ ରଞ୍ଜନ ମଲ୍ଲିକ ବୀରମିତ୍ରପୁର ଗସ୍ତ କରିଛନ୍ତି। ଏହି ଅବସରରେ ବୀରମିତ୍ରପୁର ପୌରାଞ୍ଚଳର ସର୍ବପୁରାତନ ବିଆର୍‌ଆଇ କ୍ଲବରେ ଏକ ବୈଠକ ଡକାଇ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହାସହ ଆଗାମୀ ଦିନରେ ଏହି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ୱାର୍ଡରେ କିଭଳି ୱାର୍ଡ କମିଟି ଗଠନ କରାଯିବ ସେ ନେଇ ସ୍ଥାନୀୟ ନେତୃବୃନ୍ଦ ଗୁରୁତ୍ୱ ଦେବାକୁ ମଲ୍ଲିକ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ପୂର୍ବତନ ବିଧାୟକ ରେମିଶ କେର୍କେଟା, କୁଆଁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ଜୟଶଙ୍କର ନନ୍ଦ, ଜାନକୀ ତିର୍କୀ, ସରୋଜିନୀ ବାଙ୍କରା, ବିଜୟ ଶର୍ମା, ସାଜିଦ୍ ଅହମ୍ମଦ, ଜୟନ୍ତ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ବୀରମିତ୍ରପୁର ବିଧାନସଭା କ୍ଷେତ୍ର କଂଗ୍ରେସ ସଂଯୋଜକ ବିକ୍ରମ ପଟ୍ଟନାୟକଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା।

# ନାବାଳକଙ୍କ ମୃତ୍ୟୁ କ୍ଷତିପୂରଣ ଦାବିରେ ରାସ୍ତା ରୋକୋ

**ଟେନ୍‌ସା,୧୦।୯ (ସମୀର କୁମାର ପାଢ଼ୀ)**

### ପ୍ରତିଶ୍ରୁତିପରେ ଉଠିଲା ମୃତଦେହ

ସୁନ୍ଦରଗଡ଼ କୋଇଡା ଥାନା ଅନ୍ତର୍ଗତ ଟେନ୍‌ସା କୋଇଡା ରାସ୍ତାର କାଦୋଡ଼ିହା ଗ୍ରାମ ନିକଟ ଆଦିତ୍ୟ ବିହାର କଲୋନୀ ସମ୍ମୁଖରେ ରବିବାର ଏକ ନାବାଳକ ଉପରେ ଟ୍ରକମାଡି ଯିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ରାଜା ଭୂମିଜ(୬)। କ୍ଷତି ପୂରଣ ଦାବିରେ ପରିବାର ଲୋକ ଓ ଗ୍ରାମବାସୀ ୬ଘଣ୍ଟା ଧରି ଟେନ୍‌ସା କୋଇଡା ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ, ଅତିରିକ୍ତ ତହସିଲଦାର ଆଶିଷ ରାଉତ, ପୂର୍ବତନ ବଣାଇଁ ବିଧାୟକ ଜନାର୍ଦ୍ଦନ ଦେହୁରୀ, ସ୍ଥାନୀୟ ସରପଞ୍ଚ ହୃଷିକେଶ ଦେହୁରୀ ଓ ଅନ୍ୟାନ୍ୟ କୋଇଡା ପୋଲିସ୍ ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ପରେ ୬ ଘଣ୍ଟା ପରେ ରାସ୍ତା ଉପରୁ ମୃତଦେହ ଉଠିଥିଲା। ବ୍ୟବଚ୍ଛେଦ ପାଇଁ ପୋଲିସ ମୃତଦେହକୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ରାଜା ରାସ୍ତା ପାରି ହେବା ସମୟରେ ବିପରୀତ ଦିଗରୁ ଆସୁଥିବା ଓଡି ୨୨ ଡବ୍ଲ୍ୟୁ ୮୧୧୧ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟିକା


ଜଣେ ବରିଷ୍ଠ ନାଗରିକଙ୍କୁ ବିଧାୟିକା ସମ୍ବର୍ଦ୍ଧିତ କରୁଛନ୍ତି।

**ସୁନ୍ଦରଗଡ଼,୧୦।୯(ଜୟ ନାରାୟଣ ମେଣ୍ଢୁଲି)**

ସ୍ଥାନୀୟ ସାଂସ୍କୃତିକ ଭବନଠାରେ ସଦର ବ୍ଲକର ୨୬ଟି ପଞ୍ଚାୟତର ୪୫୦ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାର ଆୟୋଜନ ବିଧାୟିକା କୁସୁମ ଟେଟେଙ୍କ ଦ୍ୱାରା କରାଯାଇ ପ୍ରଥମେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ ମା' ସମଲେଶ୍ୱରୀ, ଗଣେଶଙ୍କୁ ଆବାହନ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବରିଷ୍ଠ ନାଗରିକ ଅଶୋକ କୁମାର ସାଏଙ୍କ ସଭାପତିତ୍ୱରେ ମଞ୍ଚ ପରିଚାଳିତ ହୋଇଥିଲା। ସଭା ଆରମ୍ଭରୁ ବିଧାୟିକା ଓ ଅତିଥିମାନେ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପୁଷ୍ପ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଉପସ୍ଥିତ ବରିଷ୍ଠ ନାଗରିକ ସଭାରେ ନିଜର ମତ ଦେଇ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିଥିଲେ। ପରେ ମଝାପଡ଼ାର ବରିଷ୍ଠ ନାଗରିକ ପର୍ଶୁରାମ ପ୍ରଧାନଙ୍କ ଦ୍ୱାରା ରଚିତ ଶ୍ରୀମଦ ଭାଗବତ ଗୀତାର ଓଡ଼ିଆ ରୂପାନ୍ତର ପୁସ୍ତକକୁ ବିଧାୟିକା କୁସୁମ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ପୌରଅଧ୍ୟକ୍ଷା ତନୟା ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି, ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଭାଜପା ନାରୀନେତ୍ରୀ ହିମାନୀ ପାଢ଼ୀ, ଟାଉନ ଭାଜପା ସଭାପତି ମନୋଜ ପୁରୋହିତ, ଅନୁପମା ଟପ୍ପୋ, ସୁଖଲାଲ ମୁଣ୍ଡା, ଭେଷଜ ରଥ, ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ଧନ୍ୟବାଦ ଜଣାଇଥିଲେ।

# ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ପ୍ରଦାନ


ମିଳିତ ମେଗା ସ୍ୱାସ୍ଥ୍ୟ ଶିବିର।

**ଲହୁଣୀପଡ଼ା,୧୦।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଗମଲେଇ ଗ୍ରାମରେ ଭାସ୍କର ଷ୍ଟିଲ ଫେରୋଆଲୋୟ ପ୍ରାଇଭେଟ୍ ଲିମିଟେଡ ଏବଂ ଆରୋଗ୍ୟ ଜନ ସେବା କେନ୍ଦ୍ର ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବଣେଇଁ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ମନୋଜ କୁମାର ପତି, ଲହୁଣୀପଡ଼ା ଥାନା ଅଧିକାରୀ ଗଗନ ବିହାରୀ ନାୟକ, ଆଇଜିଏଚ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ରାଧାନାଥ ସତପଥି, ଆରୋଗ୍ୟ ଜନ ସେବା କେନ୍ଦ୍ର ନିର୍ଦ୍ଦେଶକ ଡା.ସାମନ୍ତ କୁମାର ସାହୁ, ଅର୍ଥମେଲୋଜିଷ୍ଟ ଡା. ଆର୍ ସି ମେହେର ପ୍ରମୁଖ ଯୋଗଦେଇଥିଲେ। ଏହି ମେଗା ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଆଇଜିଏଚର ଅବସରପ୍ରାପ୍ତ ଫାର୍ମାସିଷ୍ଟ ଶୁଭ୍ରାଂଶୁ ସେଖର ପରିଡା, ଗିନାତି ବେହେରା, ସୁନିତା ପଟେଲ, ପୁଷ୍ପା ବାଡାଇକ ଏବଂ ନିରୁପମା ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଭାସ୍କର ଷ୍ଟିଲ ପକ୍ଷରୁ ସିଇଓ କେଡି ସାହାଣୀ,ଏଭିପି ସାଫ, ସିଏସଆର ଜିଏମ ଆରପି ଶର୍ମା, ଏଜିଏମ ଏଚଆର ଏସି ଦ୍ୱିବେଦୀ ପ୍ରମୁଖଙ୍କ ସମେତ ଗମଲେଇ ଗ୍ରାମର ବିରଞ୍ଚି ସାହୁ, ବିଭୂତି ପତି, ରାଜେଶ ମିଶ୍ର, ବିଭୂତି ଭୁଷଣ ପାଢି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏମ୍‌ସିଏଲ ବସୁନ୍ଧରାରେ ପୁଞ୍ଜିନିବେଶ ବୈଠକ

**ହେମଗିର,୧୦।୯(ଚୈତନ୍ୟ ପଟେଲ)**


ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଏମ୍‌ସିଏଲ ବସୁନ୍ଧରାସ୍ଥିତ ମେଘଦୂତ ସଭା ଗୃହରେ ଆହାନ ପୁଞ୍ଜିନିବେଶ ସଂସ୍ଥା ପକ୍ଷରୁ ପୁଞ୍ଜିନିବେଶ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଏମ୍‌ସିଏଲ ବସୁନ୍ଧରାର ମହାପ୍ରବନ୍ଧକ ବି. ପି ରେଡ୍ଡୀ, ଏଜିଏମ୍ ଆର୍‌କେ ଜେନ, ପିଓ ମହାଲକ୍ଷ୍ମୀ ଏରିଆ, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆହାନ କମ୍ପାନୀର ସଭ୍ୟ ଶୁଭାଷିସ ହୋତା ଯୋଗଦେଇ ପୁଞ୍ଜିନିବେଶ ଉପରେ ଲୋକଙ୍କୁ ବୁଝାଇବା ସହିତ କିପରି ଭାବେ ପୁଞ୍ଜିନିବେଶ କଲେ ଲାଭ ମିଳିପାରିବ ସେ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଅନେକ ଏମ୍‌ସିଏଲ କର୍ମଚାରୀ ଓ ଜନ ସାଧାରଣ ଉପସ୍ଥିତ ଥିଲେ।

# ଶ୍ରମ ମନ୍ତ୍ରୀଙ୍କ ଜନ୍ମ ଦିନରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

**କୁତ୍ରା,୧୦।୯(ଦେବାଶିଷ ସାହୁ)**

ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାଏକଙ୍କ ୬୪ତମ ଜନ୍ମଦିନ ଅବସରରେ ସୁନ୍ଦରଗଡ ଜିଲା କୁତ୍ରା ଚିତ୍ତବିନୋଦନ କେନ୍ଦ୍ର ପରିସରରେ ବିଜେଡିର ଜିଲା ସାଧାରଣ ସମ୍ପାଦକ ବେନେଦିକ ତିର୍କୀଙ୍କ ଆହ୍ୱାନ କ୍ରମେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ସାରଦା ନାଏକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ଜନ୍ମ ଦିନରେ ଏଭଳି ଏକ ମହତ କାର୍ଯ୍ୟ ଅନୁଷ୍ଠିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ବୈକୁଣ୍ଠ ନାଏକ, ଜିଲା ଯୁବ ସଭାପତି ଦେବେନ୍ଦ୍ର ମାଝି, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ପିଙ୍କି ସୁନାନୀ, ଅଗୁଷ୍ଟିନ ମିଞ୍ଜ, କୁତ୍ରା ସରପଞ୍ଚ ଭୁବନ କୁଜୁର, ସମିତି ସଭ୍ୟା କୀର୍ତ୍ତି ଏକ୍କା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବ୍ଲକ ଯୁବ ସଭାପତି ବିନୋଦ ଟପ୍ପୋଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି ଅର୍ଜୁନ ଜୟପୁରିଆ, ଜିଲା ସମ୍ପାଦକ ପିତାମ୍ବର ଜୟପୁରିଆ, ଭୂଗୋଳ ତିର୍କୀ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ଫାଇନାଲରେ କୁଆଁରମୁଣ୍ଡା ଏକାଦଶ,ରାଉରକେଲା ଷ୍ଟିଲ ପ୍ଲାଣ୍ଟ

### ଜିଲା ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍

**ସୁନ୍ଦରଗଡ,୧୦।୯(ଜୟ ନାରାୟଣ ମେଣ୍ଢୁଲି)**


କର୍ମକର୍ତ୍ତାଙ୍କ ଗହଣରେ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାଗନେଇଥିବା ଖେଳାଳି।

ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମରେ ଚାଲିଥିବା ୨ୟ ଜିଲାସ୍ତରୀୟ ମହିଳା ଫୁଟ୍‌ବଲ ଚାମ୍ପିୟନସିପର ୮ମ ଦିବସରେ ସଦର ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳକୁ ଶୁଭାରମ୍ଭ କରିଥିଲେ। ୮ମ ଦିନରେ ୨ଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମି ଫାଇନାଲରେ କୁଆଁରମୁଣ୍ଡା ଏକାଦଶ ଓ ରାଉରକେଲା କଳିଙ୍ଗ ସ୍ପୋର୍ଟସ ଫେଡେରେଶନ ମଧ୍ୟରେ ହୋଇଥିଲା। ଏଥିରେ ଗୀତା କିଷାନଙ୍କ ୪ଗୋଲ ବଳରେ କୁଆଁରମୁଣ୍ଡା ଏକାଦଶ ଦଳ କଳିଙ୍ଗ ସ୍ପୋର୍ଟସ ଫେଡେରେସନକୁ ହରାଇ ୯-୦ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ୨ୟ ସେମିଫାଇନାଲ ମ୍ୟାଚରେ ଦିପ୍ତିରାଣୀ କୁଜୁରଙ୍କ ଏକ ମାତ୍ର ଗୋଲ ବଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ୧-୦ଗୋଲରେ ସୁନ୍ଦରଗଡ ଟାଉନ ହାଇସ୍କୁଲ ଦଳଠାରୁ ବିଜୟୀ ହୋଇ ୨ୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି। ଖେଳକୁ ରେଫରୀ ରୀନା ତିର୍କୀ, ବାଲମତି ଓରାମ, ସୁମନି ଓରାମ,ବାସନ୍ତୀ କିଷାନ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ କୁଆଁରମୁଣ୍ଡା ଏକାଦଶ ଦଳର ଦିପ୍ତିରାଣୀ କୁଜୁର ଓ ଟାଉନ ହାଇସ୍କୁଲ ଦଳର ଜଶମଣି ସାମାଡଙ୍କୁ ଫାଓ ତରଫରୁ ଫୁଟବଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସୋମବାର ଅପରାହ୍ନ ୩ଟାରେ କଆଁରମୁଣ୍ଡା ଏକାଦଶ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଉପସଭାପତି ମେରୀଜନ ବାଗେ, ବିମଳ ବୋଷ, ଅଶ୍ୱିନୀ ଭୋଲ, ଜୟ ଦେବ ପାତ୍ର, ନିତ୍ୟ କୁମାର ବଳ, ରୋମାଞ୍ଚ ଭୈଷାଲ, ଶ୍ୟାମ ନନ୍ଦନ ସହାୟ, ପ୍ରସାଦ ନାଏକ, ଶିଶିର ପଟେଲ, ରାଜା ପଟ୍ଟନାୟକ ପ୍ରମୁଖ ସଭ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହେଉଛି। ଅତିରିକ୍ତ ଜିଲାପାଳ ଅଭିମନ୍ୟୁ କୁମାର ବେହେରା ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଜାତୀୟ ଖେଳାଳୀ କାର୍ତ୍ତିକ ରକ୍ସା ସିଲେକ୍ଟର ଭାବେ ଖେଳାଳୀ ଚୟନ କାର୍ଯ୍ୟ କରିଥିଲେ।

## ସଂକ୍ଷେପରେ

### କଳାହାଣ୍ଡି ପାଇଁ ଗୌରବ ଆଣିଲେ ଦିବ୍ୟା ଦିପାନ୍ୱିତା ମିଶ୍ର

**ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କଲେ**

ଭବାନୀପାଟଣା,୧୦।୯(ଉତ୍ତମ କୁମାର ଦାଶ)



ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଗୋଳରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲାର ଏମ୍. ରାମପୁର ସରସତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ରୀ ଦିବ୍ୟା ଦିପାନ୍ୱିତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟର ବିଭିନ୍ନ ସଂକୁଳରୁ ଆସିଥିବା କୁନି ବୈଜ୍ଞାନିକଙ୍କ ମଧ୍ୟରୁ ସେ ପ୍ରଥମ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ଆୟୋଜିତ ପ୍ରାନ୍ତସ୍ତରୀୟ ଜ୍ଞାନବିଜ୍ଞାନ ମେଳା, ପତ୍ରାଚନ ପ୍ରତିଯୋଗିତାରେ ଦକ୍ଷିଣ ସମ୍ଭାଗ ସ୍ତରରୁ ମନୋନୀତ ହୋଇ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ବ୍ୟଙ୍ଗ କବି ସୁଶାନ୍ତ କୁମାର ମିଶ୍ର ଓ ସଙ୍ଗୀତା ମିଶ୍ରଙ୍କ ଏକମାତ୍ର ଝିଅ । ଏହି ସଫଳତାର ଶ୍ରେୟ ନିଜ ପିତା, ମାତା, ତଥା ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଓ ସହାୟକ ଶିକ୍ଷକଙ୍କୁ ଦିବ୍ୟା ଦେଇଛନ୍ତି। ଏହି ସଫଳତା ବିଷୟରେ ଜାଣିବା ପରେ ଏମ୍. ରାମପୁର ଅଞ୍ଚଳରେ ଖୁସିର ମହୋଲ ଖେଳିଯାଇଛି। ଅନେକ ଲୋକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପ୍ରାଦେଶିକସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ କେସିଙ୍ଗାର ଛାତ୍ରଙ୍କ କୃତିତ୍ୱ



କେସିଙ୍ଗା,୧୦।୯(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଇକ୍ଷ୍ୱାକୁସ୍ମିତପ୍ରଜ୍ଞ ଦାଶ ଗତ ୨ ଦିନ ଧରି ଅନୁଗୋଳ ଜିଲା ନାଲକୋସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ପ୍ରାଦେଶିକସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଭାଗ ନେଇ ପ୍ରଥମ ସ୍ଥାନ ପ୍ରାପ୍ତ କରି କ୍ଷେତ୍ରୀୟସ୍ତରକୁ ଉନ୍ନୀତ ହୋଇଛନ୍ତି। ତାଙ୍କ ପ୍ରକଳ୍ପର ଶୀର୍ଷକ ହେଉଛି 'ବର୍ଷା ଜଳ ସଂରକ୍ଷଣ ଓ ତା'ର ଉପଯୁକ୍ତ ବିନିଯୋଗ।' ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପ୍ରବୀଣ କୁମାର ବେହେରାଙ୍କ ସହ ସମସ୍ତ ଗୁରୁଜୀଗରୁମା ତଥା ତାଙ୍କର ମାତାପିତା ଓ ସମସ୍ତ ପରିବାରବନ୍ଧୁବର୍ଗ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ସୁରେଶ ଚୌଧୁରୀ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି

କର୍ଲାମୁଣ୍ଡା,୧୦।୯(ପ୍ରଦୀପ କୁମାର ସାହୁ)



ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ପରିବର୍ଦ୍ଧିତ କମିଟି ଘୋଷଣା କରିଛି। ନିର୍ବାଚନୀ ମଣ୍ଡଳୀସ୍ତରରେ କଂଗ୍ରେସକୁ ଶକ୍ତିଶାଳୀ ଓ ସୁସଂଗଠିତ କରିବା ପାଇଁ ଯୁବ ନେତା ତଥା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କୁ କର୍ଲାମୁଣ୍ଡା ବ୍ଲକ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ଗାଁର ସୁରେଶ ପୂର୍ବରୁ ରେଗଡା ପଞ୍ଚାୟତ ସରପଞ୍ଚ ତଥା କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସଭାପତି, ବ୍ଲକ କୃଷକ କଲ୍ୟାଣ ମଞ୍ଚ ସାଧାରଣ ସମ୍ପାଦକ ଓ କର୍ଲାମୁଣ୍ଡା ଜନ ଜାଗରଣ ମଞ୍ଚର ବରିଷ୍ଠ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ସୁରେଶ ବ୍ଲକ ସଭାପତି ହେବା ପରେ କଂଗ୍ରେସ ମଜଭୁତ ହେବ ବୋଲି କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି। ଏହି ପଦବୀ ପାଇବା ପରେ ସୁରେଶ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାଶ ଓ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନଦୀରୁ ୪ ଶହ ମିଟର ଲମ୍ବ ନାଳ ତିଆରି କଲେ

କୋକସରା,୧୦।୯
(ଦୁଷ୍ମନ୍ତ କୁମାର ପାଟଯୋଶୀ)



ନାଳ ଖୋଳି ଚାଷ ଜମିକୁ ଜଳସେଚନ କରାଯାଉଛି।

**■୩ ଶହ ଏକର ଚାଷ ଜମି ହେଲା ଜଳସେଚନ**

**■ଚାଷୀଙ୍କ ପାଇଁ ଦେବଦୂତ ସାଜିଲେ ବ୍ଲକ ଉପାଧ୍ୟକ୍ଷ**

କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତରେ ଅନାବୃଷ୍ଟି ଯୋଗୁ ଚଳିତବର୍ଷ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ଉପୁଜିଥିବାରୁ ଚାଷୀମାନେ ଚିନ୍ତା ଓ ନିରାଶାରେ ରହିଛନ୍ତି। ବ୍ଲକକୁ ମରୁଡ଼ି ଘୋଷଣା ସହ ଚାଷ କ୍ଷୟକ୍ଷତି ଆକଳନ କରି ଇନପୁଟ ସବସିଡ଼ି, କୃଷି ଋଣ ଛାଡ଼ ଓ ଶସ୍ୟ ବୀମା ପ୍ରଦାନ ପାଇଁ ସଚେତନ କୃଷକ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କିଛି ପଞ୍ଚାୟତରେ ଚାଷୀ ବୁଣା ରୁଆ ଧାନରେ ଗାଈଗୋରୁ ଛାଡ଼ି ସାରିଲେଣି। ଏଭଳି ସ୍ଥିତିରେ ଚାଷୀମାନେ ଯେଉଁଠି ଜଳଉତ୍ସ ଅଛି ସେଠୁ ପମ୍ପରେ ପାଣି ଉଠାଇ ଚାଷ ଜମିକୁ ଜଳସେଚିତ କରିବାକୁ ଅହରହ ଚେଷ୍ଟା ଜାରି ରଖିଛନ୍ତି। କିଛି ଗ୍ରାମରେ ବର୍ଷା ପାଇଁ ଇନ୍ଦ୍ର ଦେବତା ଓ ଗ୍ରାମ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ମଧ ହେଉଥିବା ଦେଖିବାକୁ ମିଳିଛି। ବ୍ଲକର ମହିମା ଓ ଟେମରା ପଞ୍ଚାୟତର ମହିମା, ନୂଆପଡା ଖୁର୍ସେଲଗୁଡା ଗ୍ରାମର ଚାଷୀଙ୍କ ପ୍ରାୟ ୩ଶହ ଏକର ଚାଷଜମି ଜଳସେଚନ ହୋଇପାରୁ ନ ଥିଲା। ଅଞ୍ଚଳର ଚାଷୀମାନେ ସ୍ଥାନୀୟ ମହିମା ସମିତି ସଭ୍ୟ ଘନଶ୍ୟାମ ନାଏକଙ୍କ ଜରିଆରେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ବେହେରା ନଦୀରୁ ନାଳ ଖୋଳାଇ ପାଇପ ଯୋଗେ ଜଳସେଚନ କରିବାକୁ ଅନୁରୋଧ କରିଥିଲେ। ମରୁଡ଼ି ସ୍ଥିତିରେ ବ୍ଲକ ଉପାଧ୍ୟକ୍ଷ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜେସିବି ମେସିନ ଲଗାଇ ବେହେରା ନଦୀରୁ ପ୍ରାୟ ୪୦୦ ମିଟର ପର୍ଯ୍ୟନ୍ତ ନାଳ ଖୋଳି ପାଇପ ଲାଇନ ଯୋଗେ ପ୍ରାୟ ୩୦୦ ଏକର ଚାଷଜମିକୁ ଜଳସେଚନ ପାଇଁ ବ୍ୟବସ୍ଥା କରିଛନ୍ତି। ଫଳରେ ଏହି ୩ ଶହ ଏକର ଜମିରେ ଚାଷ ହେବା ଆଶା ଦେଖାଦେଇଛି। ବ୍ଲକ ଉପାଧ୍ୟକ୍ଷଙ୍କ ଏହି ମହାନତାକୁ ଅଞ୍ଚଳର ଚାଷୀ ସୁଧୀର ସାହୁ, ହିମାଂଶୁ ନାଏକ, ଭୁବନେଶ୍ୱର ନାଏକ, ଜଗ କୋଲଥିଆ, ସଦାନନ୍ଦ ପାତ୍ର, ହିରାଧାର ପାତ୍ର, ତପନ ପାତ୍ର, ପବିତ୍ର ନାଏକ, ନିଳାମ୍ବର ନାଏକ, ଭଗବାନ ଧ. ମାଝି ଓ ଅନ୍ୟ ପ୍ରମୁଖ ପ୍ରଶଂସା କରିଛନ୍ତି।

## ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ବୈଠକ



ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥି।

ଗୋଲାମୁଣ୍ଡା,୧୦।୯(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାଠାରେ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୋଲାମୁଣ୍ଡା ବ୍ଲକ ଅନୁସୂଚିତ ଜାତି ଓ ଅଲଓଡିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ଶତାଧିକ କର୍ମକର୍ତ୍ତାଙ୍କ ଉପସ୍ଥିତରେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଓଏସିଏଫର ଉପ ସଭାପତି ତଥା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ସର୍ବସମ୍ମତିକ୍ରମେ ମହେନ୍ଦ୍ର ମଙ୍ଗରାଜଙ୍କୁ ସଭାପତି ଓ ଭକ୍ତି ବାଗଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଜିଲା ସଭାପତି ଧନଞ୍ଜୟ ଦୀପ, ମହାସଚିବ ଜତିନ୍ଦ୍ର କର, ବ୍ଲକ ପର୍ଯ୍ୟବେକ୍ଷକ ଜୟପ୍ରକାଶ ଜାଲ, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ଚାକିରିଆ ମୁଖ୍ୟ ବିଜୟାରାଜ ଶିଖା, ଜିଲା ସମ୍ପାଦକ ଶ୍ରୀକାନ୍ତ ଛତ୍ରିଆ, ସାମାଜିକ ମୁଖ୍ୟ ଧବଳେଶ୍ୱର ନାଗ, ଯୁବ ସଙ୍ଗଠକ ଦୟା ନିଆଲ, କ୍ଷେତ୍ର ମୋହନ ଛତ୍ରିଆ, ଖଲିଆପାଲି ସରପଞ୍ଚ ଜିମୁତ ବାହାନ ହରପାଲ, ମୂଷିକ ଚନ୍ଦ୍ର ମଙ୍ଗରାଜ, ଭୁବନେ ନିଆଲ, ଅଭିମନ୍ୟୁ ନାଏକ, ରୋହିତ ଜଗତ, କୋକସରା ବ୍ଲକ ସଭାପତି କୌଶିକ ଦୁରିଆ, ମଞ୍ଚାସୀନ ଥିବା ବେଳେ ଦୁଷ୍ମନ୍ତ ସେନାପତି, ଉପେନ୍ଦ୍ର ସିପକା, ଜଗ ମଙ୍ଗରାଜ ସହଯୋଗ କରିଥିଲେ। ପ୍ରତାପ ସିପକା ଓ ଲଳିତ ମଙ୍ଗରାଜ ସଭା ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ବିଜ୍ଞାନ କ୍ଷୁଦ୍ର ନାଟିକା, ବିଜ୍ଞାନ ପାଠଚକ୍ର



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ନୂଆପଡ଼ା,୧୦।୯(ମକାରୁ ବେମାଲ)

ନୂଆପଡା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ବିଜ୍ଞାନ କ୍ଷୁଦ୍ର ନାଟକ ଓ ବିଜ୍ଞାନ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତି ବ୍ଲକରୁ ୨ଜଣ ଲେଖାଏ ମୋଟ ୧୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଶ୍ରଅନ୍ନ ମିଲେଟ ଏକ ମୂଲ୍ୟ ବର୍ଦ୍ଧିତ ପୌଷ୍ଟିକ ବା ଭ୍ରାନ୍ତି ଆହାର ବିଷୟ ବସ୍ତୁ ଉପରେ ଆଲୋଚନା କରି ପ୍ରତିଯୋଗୀ ମାନେ ଏକ ଉଚ୍ଚକୋଟିର ଆଭାସ ପ୍ରଦର୍ଶନ କରିଥିଲେ। ଏକ କାଳିନ ଭାବେ ଚାଲିଥିବା କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୫ଟି ଦଳ ଅଂଶ ଗ୍ରହଣ କରିଥିଲା। ବିଜ୍ଞାନ ପାଠଚକ୍ରରେ ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ ନେଗିପାଲି ଛାତ୍ରୀ ଯେଶ୍ୱରିୟା ପାଣ୍ଡେ ପ୍ରଥମ ଓ ଆଦର୍ଶ ବିଦ୍ୟାଳୟ ଟିମନପୁର ଛାତ୍ରୀ ସଂସ୍କୃତି ଜୈନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁର ପ୍ରଥମ ଓ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାରି ମୁଖ୍ୟଅତିଥିଠାରୁ ପୁରସ୍କୃତ ହୋଇଛନ୍ତି। ପ୍ରତିଯୋଗିତାର ପ୍ରଥମ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଯୋଗଦେଇ ବିଜ୍ଞାନ ଶିକ୍ଷାର ଉଦ୍ଦେଶ୍ୟ ସର୍ବଦା ସମାଜ ହିତକାରୀ ତଥା ଉନ୍ନତି ସାଧନକାରୀ ହେବା ଆବଶ୍ୟକ। ତେଣୁ ଶିକ୍ଷାର ପ୍ରସାର ଶ୍ରେଣୀ ଗୃହ କେନ୍ଦ୍ରିତ ନ ହୋଇ କିପରି ସମାଜର ପ୍ରତିଟି ଅନୁକୋଣରେ ପ୍ରତିଫଳିତ ହେବ ସେଥି ପ୍ରତି ସମସ୍ତ ଶିକ୍ଷକ ତଥା ଛାତ୍ରୀଛାତ୍ର ମାନେ ଶତ ଚେଷ୍ଟିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଓ ବିଶ୍ୱଜିତ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ଜିଲା ଶିକ୍ଷା ପ୍ରତିଷ୍ଠାନ ନୂଆପଡା ଶଙ୍କର ସାହୁ, ମହାମାୟା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ମଣିରାଜ ସାହୁ, ଅମିୟ ଦାସ, ଶିବ ପ୍ରସାଦ ସା ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ। ରାଧେଶ୍ୟାମ ସାହା, ସୁଶାନ୍ତ କୁମାର ଯୋଶୀ, ଅଶୋକ ମିଶ୍ର, କିଶୋର ପଡିତା, ସନ୍ତୋଷ ପାଣ୍ଡେ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଫାଲଗୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ଖଡ଼ିଆଳ,୧୦।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଚାଳନା କମିଟି ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃ ମଣ୍ଡଳୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ସବିତା ଷଡ଼ଙ୍ଗୀ ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ନମିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶୈକ୍ଷିକ କାଳାଂଶରେ ସହଯୋଗ କରିଥିଲେ ଶ୍ରଦ୍ଧାଞ୍ଜଳି ଗୁରୁମା ଓ କୁମୁଦିନୀ ଗୁରୁମା। କାର୍ଯ୍ୟକ୍ରମରେ ୫୦ଜଣ ମା' ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ମାତୃ ଭାରତୀ ସଦସ୍ୟା ଗୀତାଞ୍ଜଳି ସିଂହ ବାରିକ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। ବୃନ୍ଦାବନ ଗୁରୁଜୀ, ଟୁନା ରଞ୍ଜନ ଗୁରୁଜୀ, ଭଜନ ଲାଲ ଗୁରୁଜୀ, ରଞ୍ଜିତା ବାଗ ଗୁରୁମା ଏବଂ ଅନ୍ୟାନ୍ୟ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଭଲିବଲ, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା



ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତା ।

ଖଡ଼ିଆଳ,୧୦।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଲୋହରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ଛାତ୍ରୀଛାତ୍ରଙ୍କ ଜିଲାସ୍ତରୀୟ ଭଲିବଲ, ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସମାପ୍ତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସଭାପତି ପ୍ରଦୋଷ ସାହୁ, ମୁଖ୍ୟଅତିଥି ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୋତିରାମ ବେହେରା, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ମହେଶ କୁମାର ଦାଣ୍ଡସେନା, ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଦାଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଚୟନ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚୟନ ହୋଇ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଜିଲା ପାଇ ଗର୍ବ ଆଣିବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ବିଜେତା ଓ ଉପବିଜେତା ଖେଳାଳିମାନଙ୍କୁ ପ୍ରଂଶସା ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାର ଖେଳ ଶିକ୍ଷକମାନେ ଖେଳ ସମ୍ପାଦନ କରିଥିଲେ।

## କୁମ୍ଭାର ସମାଜର ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି

କେସିଙ୍ଗା/ନର୍ଲା,୧୦।୯
(ତୁମେଶ୍ୱର ସାହୁ/ ସନ୍ତୋଷ ପାତ୍ର)



ପ୍ରସ୍ତୁତି ବୈଠକରେ ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ଆଲୋଚନା କରାଯାଉଛି।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଜାମପଦର ଗ୍ରାମର ଦେପୁର ଗ୍ରାମପଞ୍ଚାୟତରେ ଆସନ୍ତା ଅକ୍ଟୋବର ୭ ଓ ୮ ୨ ଦିନ ଧରି ନୂଆଁଖାଇ ଭେଟ୍‌ଘାଟ୍ ମହାସମରୋହରେ ପାଳନ ହେବ। ଏଥିପାଇଁ କୁମ୍ଭାର ସମାଜ ରାଜ୍ୟ ଯୁବାମଞ୍ଚ ରାଜ୍ୟ ସଭାପତି ସଗୁଧ ରଣାଙ୍କ ନେତୃତ୍ୱରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁରେନ୍ଦ୍ର ରଣା ମଞ୍ଚ ପରିଚାଳନା କରିଥିଲେ। କୁମ୍ଭାର ଯୁବମଞ୍ଚର ଉପସଭାପତି ପ୍ରଶାନ୍ତ ରଣା, ସମ୍ପାଦକ ଅରବିନ୍ଦ ରଣା, କୋଷାଧ୍ୟକ୍ଷ ଦେବରାଜ ରଣା, ଶିବ ରଣା, ପାର୍ଥ ରଣା, ନବକିଶୋର ନାଏକ, ଗୌର ରଣା, ସୁକ୍କୁ ରଣା, ଫକୀର ରଣା ସଞ୍ଜୟ ରଣା, ଚିତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୦ ତାରିଖରେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ପାଳନ ହେବାକୁ ଥିବାରୁ ଏହା ପୂର୍ବରୁ ସମସ୍ତ କାର୍ଯ୍ୟ କିପରି ସୂଚାରୁପେ କରାଯିବ ସେଥିପାଇଁ ବୈଠକରେ ଆଲୋଚନା କରାଯାଇଛି। ଆଗାମୀ ଅକ୍ଟୋବର ୭ ଓ ୮ ଦୁଇ ଦିନ ଧରିରେ ହେବାକୁ ଥିବା ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ପାଖାପାଖି ୧୦ ହଜାର ଲୋକଙ୍କ ଜନସମାବେଶ ହେବା ପାଇଁ ନିଷ୍ପତ୍ତି ନେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସର୍ବସମ୍ମତକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ବିଭାଗରୁ ମୁଖ୍ୟ ଅତିଥି, ବିଶିଷ୍ଟ ଅତିଥି, ସମ୍ମାନିତ ଅତିଥିଙ୍କୁ ନିମନ୍ତ୍ରଣ କରିବା ପାଇଁ ମଧ ଆଲୋଚନା କରାଯାଇଥିଲା।

## ଟେମରା ସାର୍ବଜନୀନ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

କୋକସରା,୧୦।୯
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ଟେମରା ଗ୍ରାମର ସାର୍ବଜନୀନ ଦୁର୍ଗାପୂଜା ପାଇଁ ରବିବାର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଟେମରା ଗ୍ରାମ ବଜାର ପଡ଼ିଆ ପିଣ୍ଡିରେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ରଙ୍କ ସଭାପତିତ୍ୱରେ ଗ୍ରାମବାସୀଙ୍କ ସର୍ବସମ୍ମତକ୍ରମେ ପୂଜା କମିଟି ସଭାପତି ଭାବେ ରାଜେନ୍ଦ୍ର ନାଏକ, ଉପସଭାପତି ଦୁଷ୍ମନ୍ତ କୁମାର ପାତ୍ର, ସାଧାରଣ ସମ୍ପାଦକ ଭାବେ ହେମନ୍ତ କୁମାର ବାଣୁଆ, ସହ ସମ୍ପାଦକ ବୃନ୍ଦାବନ ସତନାମୀ, କୋଷାଧ୍ୟକ୍ଷ ସୁଭାଷ ପାତ୍ର, ଉପଦେଷ୍ଟା କମିଟି ସଦସ୍ୟ ଭାବେ ଚକାଡୋଳା ପାତ୍ର, ସରପଞ୍ଚ କ୍ଷିତିରାମ ପାତ୍ର, ସୁଧୀର କୁମାର ପାତ୍ର, ପ୍ରସନ୍ନ ଦଳପତି, ଚିତ୍ର ମାଝି, ଜଇମନ ଲୋକନାଥ ପାତ୍ର, ମିନିକେତନ ସାହୁ, ଯତୀନ ମାଝି ମନୋନୀତ ହୋଇଥିଲେ।

## ରାଜ୍ୟସ୍ତରୀୟ ଅଣ୍ଡର ୧୭ ଭଲିବଲରେ ୩ ଛାତ୍ର



ମନୋନୀତ ୩ ଛାତ୍ର।

କୋକସରା,୧୦।୯
(ଦୁଷ୍ମନ୍ତ କୁମାର ପାଟଯୋଶୀ)

ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ୨୦୨୩-୨୪ରେ ସ୍ଥାନ ପାଇଲେ କଳାହାଣ୍ଡି ଜିଲା କୋକସରା ବ୍ଲକର ୩ ଛାତ୍ର। ଜିଲା ଡିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ୩ ଛାତ୍ର ହେଲେ କୋକସରା ବ୍ଲକ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱୟଂ ଧ. ମାଝି, ଜବାହର ଉଚ୍ଚ ବିଦ୍ୟାଳୟର ଛାତ୍ର ମନମୋହନ ମାଝି, ଥୟନ୍ତ ନାଏକ। ରାଜ୍ୟସ୍ତରୀୟ ଅଣ୍ଡର ୧୭ ଚାମ୍ପିୟନଶିପ ଆସନ୍ତା ୧୨ରୁ ୧୫ ପର୍ଯ୍ୟନ୍ତ ସ୍ପୋର୍ଟ ହଷ୍ଟେଲ ବାଲେଶ୍ୱର ଜିଲା ରେମୁଣା ବ୍ଲକର ଭୀମପୁରାଠାରେ ଅନୁଷ୍ଠିତ ହେବ। କୋକସରା ଜବାହାର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ୩ଜଣ ଛାତ୍ର ଭଲିବଲ କୋଚିଂ ନେଉଥିଲେ। ୩ ଛାତ୍ର ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିୟନଶିପ ପାଇଁ ମନୋନୀତ ହେବା ପରେ ସ୍କୁଲ ପ୍ରଧାନ ଶିକ୍ଷକ, ସହଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ରଙ୍କୁ ଶୁଭେଚ୍ଛା ଜଣେଇବା ସହ ଭଲ ଖେଳ ପ୍ରଦର୍ଶିତ କରି ଶିକ୍ଷାନୁଷ୍ଠାନ ଗୌରବ ରଖିବାକୁ କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ

କର୍ଲାମୁଣ୍ଡା,୧୦।୯(ପ୍ରଦୀପ କୁମାର ସାହୁ)



ଅଭିଭାବିକାଙ୍କ ଦ୍ୱାରା ପ୍ରସ୍ତୁତ ପିଠାପଣା।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରବିବାର ଅଭିଭାବିକାଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଆଜାଦ ଭୋଇ ଯୋଗଦେଇ ଦୀପ ପ୍ରଜଳନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ ମିଶ୍ର ଉଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ସୁଜିତ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବିକାମାନଙ୍କ ଦାରା ପ୍ରସ୍ତୁତ ଘରୋଇ ଖାଦ୍ୟ ଉପରେ ପ୍ରଦର୍ଶନୀ ହେବା ସହ ଅଭିଭାବିକାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଗୁରୁଜୀ ଗୁରୁମା, ଅଭିଭାବକ ଅଭିଭାବିକା ସହଯୋଗ କରିଥିବା ବେଳେ ସୁମନ୍ତ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨୨୭ ଭୂମିହୀନ ପରିବାରକୁ ମିଳିଛି ଏଲ୍‌ଆର୍‌ସି

ଭବାନୀପାଟଣା,୧୦।୯
(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଜିଲା ସହରାଞ୍ଚଳରେ ଜାଗା ମିଶନ**

**■କେସିଙ୍ଗା ଏନଏସିକୁ ମିଳିଛି ରାଜ୍ୟସ୍ତରୀୟ ପୁରସ୍କାର**




ରାଜ୍ୟ ସରକାର ସହରାଞ୍ଚଳରେ ବାସ କରୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜାଗା ଦେବା ପାଇଁ ଗତ ୨୦୧୮ରେ ଜାଗା ମିଶନ ଯୋଜନା ଆରମ୍ଭ କରିଥିଲେ। ଏଥିରେ ଗୋଟିଏ ପରିବାରକୁ ୩୮୩ ସ୍କୁଏର ଫୁଟ୍ ସ୍ଥାନ ପାଇଁ ଭୂମି ଅଧିକାର ପ୍ରମାଣ ପତ୍ର (ଏଲଆର୍‌ସି) ପ୍ରଦାନ କରୁଛନ୍ତି। ଏପରିସ୍ଥଳେ କଳାହାଣ୍ଡି ଜିଲାର ଭବାନୀପାଟଣା ପୌରାଞ୍ଚଳ ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ବିଜ୍ଞାପିତ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୨୨୨୭ଜଣ ବସ୍ତିବାସିନ୍ଦା ଭୂମିହୀନ ପରିବାରକୁ ଏଲ୍‌ଆର୍‌ସି (କଲେଣ୍ଡ ରାଇଟ ସାର୍ଟିଫିକେଟ) ଯୋଗାଇ ଦେଇଥିବା ଜଣାପଡିଛି। ଜିଲାର ଭବାନୀପାଟଣା ପୌରାଞ୍ଚଳର ୨୩ ବସ୍ତିବାସିନ୍ଦା(ସ୍ଲମ)ର ୧୦୭୮ଜଣ ଭୂମିହୀନ ପରିବାରକୁ ଏଲ୍‌ଆର୍‌ସି ପ୍ରଦାନ କରାଯାଇଛି। ଜିଲାର ସର୍ବପୁରାତନ ଜୁନାଗଡ ଏନଏସିରେ ୧୪ଟି ବସ୍ତିବାସିନ୍ଦା ୪୫୫ ଭୂମିହୀନ ପରିବାରକୁ ଏଲ୍‌ଆର୍‌ସି ପ୍ରଦାନ କରାଯାଇଛି। ଅବଶିଷ୍ଟ ବସ୍ତିବାସିନ୍ଦା ପରିବାରର କାଗଜପତ୍ର ଯାଞ୍ଚ ପାଇଁ ତହସିଲ ଅଫିସରେ ରହିଛି। ସମୁଦାୟ ଜୁନାଗଡରେ ଜାଗା ମିଶନ ଯୋଜନାରେ ପ୍ରାୟ ୭୫ % ଭୂମିହୀନ ପରିବାର ଜାଗା ପାଇଥିବା ଜଣାପଡିଛି। ଧର୍ମଗଡ ଏନଏସିରେ ୨ଟି ବସ୍ତିବାସିନ୍ଦାର ୮୭ଜଣ ଓ କେସିଙ୍ଗା ଏନଏସିରେ ୯ଟି ବସ୍ତିବାସିନ୍ଦାର ୬୦୭ଜଣ ଭୂମିହୀନ ପରିବାରକୁ ଏଲ୍‌ଆର୍‌ସି ପ୍ରଦାନ କରାଯାଇଛି। ଜିଲାର ଗୋଟିଏ ପୌରାଞ୍ଚଳ ଓ ୩ଟି ଏନଏସିକୁ ଦେଖିଲେ ୨୨୨୭ଜଣ ଭୂମିହୀନ ପରିବାରକୁ ଏଲ୍‌ଆର୍‌ସି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଗତ କିଛି ଦିନ ତଳେ ରାଜ୍ୟର ସର୍ବପ୍ରଥମେ ଜାଗା ମିଶନ ଯୋଜନାରେ ସଫଳ ଯୋଗାଁ କେସିଙ୍ଗା ଏନଏସିକୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଥିଲା।

**ଜେଜେମା' ଜେଜେ ବାପା ଦିବସ ପାଳିତ**

ପଦ୍ମପୁର,(ପ୍ରଦୀପ୍ତ ଦାଶ): ପଦ୍ମପୁର ୱିନର ବ୍ରାଇଟ ଫିଚର ବିଦ୍ୟାଳୟରେ ରବିବାର ଜେଜେ ମା' ଓ ଜେଜେ ବାପା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆପାଲି ଅପରାଜିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରାଯାଇଥିଲା।ପରିବାରର ମା'ବାପାଙ୍କ ବ୍ୟତୀତ ଜେଜେ ମା' ଓ ଜେଜେ ବାପାଙ୍କଠାରୁ ପିଲାମାନେ ଅନେକ କିଛି ଶିକ୍ଷା ପାଇଥାନ୍ତି ତାହା ଉପରେ ସୂଚନା ଦିଆଯାଇଥିଲା। ପରେ ଛୋଟ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



## ସଂକ୍ଷେପରେ

### ବୀରମହାରାଜପୁର ଦୁର୍ଗା ମନ୍ଦିର: ନବାନ୍ନ ପାଇଁ ଲଗ୍ନ ନିରୂପଣ



ଅମରପାଲି,୧୦।୯(ପୀତାମ୍ବର ସାହୁ)

ପ୍ରଚଳିତ ପରମ୍ପରା ଅନୁସାରେ ରବିବାର ଦିନ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଶ୍ରୀ ଶ୍ରୀ ଦୁର୍ଗା ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ଭାଦ୍ରବ ଶୁକ୍ଳ ପଞ୍ଚମୀ ବୁଧବାର ସେପ୍ଟେମ୍ବର ୨୦ ତାରିଖ ପୂର୍ବାହ୍ନ ୧୦ ଟା ୨୬ ମିନିଟରୁ ୧୦ ଟା ୪୧ ମଧ୍ୟରେ ଶ୍ରୀ ଜଗନ୍ନାଥ, ବାବା ଚାମ୍ପେଶ୍ୱର, ମା ଦୁର୍ଗା ଓ ଅଞ୍ଚଳ ର ଦେବାଦେବୀଙ୍କ ନିକଟରେ ନବାନ୍ନ ଅର୍ପଣ ନିମନ୍ତେ ଲଗ୍ନ ଧାର୍ଯ୍ୟ କରାଯାଇଛି। ବ୍ରାହ୍ମଣ ସମାଜ ତରଫରୁ ସଂଯୋଜକ ପଣ୍ଡିତ ମନୋରଞ୍ଜନ ଦାଶଙ୍କ ଆବାହକତ୍ୱରେ ଓ ସମାଜର ସଭାପତି ଭଗବାନ ମିଶ୍ରଙ୍କ ସଭାପତିତ୍ୱରେ ବୀରମହାରାଜପୁରସ୍ଥିତ ଆଖପାଖ ଅଞ୍ଚଳର ବିଦ୍ୱାନ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମା'ଦୁର୍ଗାଦେବୀଙ୍କ ଠାରେ ପୂଜକ ରଞ୍ଜନ ନନ୍ଦ ପୂଜାର୍ଚ୍ଚନା କରିବା ପରେ ପଣ୍ଡିତମଣ୍ଡଳୀଙ୍କ ଦ୍ୱାରା ଲଗ୍ନ ବାହାର କରାଯାଇଥିଲା। ପଣ୍ଡିତ ସୁମନ୍ତ ଷଡ଼ଙ୍ଗୀ, ପଣ୍ଡିତ ସୀତାରାମ ପାଢ଼ୀ, ପଣ୍ଡିତ ଚକ୍ରଧର ଚାନ୍ଦ, ସନ୍ତୋଷ କୁମାର ପୂଜାରୀ, ଗୌରୀ ଶଙ୍କର ମିଶ୍ର, ମନରଞ୍ଜନ ଦାଶ, ଦେବାର୍ଚ୍ଚନ ଦାଶ ପ୍ରମୁଖ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଲଗ୍ନ ଧାର୍ଯ୍ୟ ହୋଇଥିଲା ଏବଂ ଦୁର୍ଗା ଦେବୀ ମନ୍ଦିରକୁ ଯାଇ ଲଗ୍ନ ହସ୍ତାନ୍ତର କରାଯାଇଥିଲା। ଦୁର୍ଗା ମନ୍ଦିର କମିଟି ତଥା ଅନ୍ୟାନ୍ୟ ସମସ୍ତ ବିଦ୍ୱାନ ମଣ୍ଡଳୀ ଏହି ଅବସରରେ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର:୪୦ ୟୁନିଟ ରକ୍ତ ସଂଗ୍ରହ

ଅମରପାଲି,୧୦।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତମହୁଲ ପଞ୍ଚାୟତର ଟେଭାପଦର ଗ୍ରାମରେ ଓଡିଶା ମୋ ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ରଞ୍ଜିତ କୁମାର ରଥଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ଉକ୍ତ ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିତମହୁଲ ସରପଞ୍ଚ ଆକସ୍ମିତା ବଢ଼ିଆ, ପ୍ରଦୀପ ବଢ଼ିଆ, ମଧୁସୂଦନ ପଣ୍ଡା, କୁଶ ମହାକୁର, ସରୋଜ ବାରିକ, ଚାମରା ବାଘ, ଜଗଦୀଶ ଡ଼ାଙ୍ଗ, ଘନଶ୍ୟାମ କର୍ମୀ, ଆଶିଷ ସାହୁ, ଭଗବାନ କର୍ଣ୍ଣ , ଆଲୋକ ଦେହୁରୀ ଓ ସତ୍ୟ ମହକୁର ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସୁବର୍ଣ୍ଣପୁର ଜିଲା ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ଟୋଲ ଟ୍ୟାକ୍ସ ଆଦାୟ ବନ୍ଦ ନ ହେଲେ ଆନ୍ଦୋଳନ

ସୋନପୁର,୧୦।୯(ମୃତ୍ୟୁଞ୍ଜୟ ଶତପଥୀ)




ନାଗରିକ ମଞ୍ଚର କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- ଅଙ୍ଗନଦୀ ବ୍ରିଜ୍ ପାଇଁ ୩୦ ବର୍ଷରେ ୧୨.୬୬କୋଟି ଆଦାୟ ହେଲାଣି
- ମହାନଦୀ ବ୍ରିଜ୍ ପାଇଁ ୨୦ ବର୍ଷରେ ୧୫.୨୩କୋଟି ସରକାରଙ୍କ ତହବିଲକୁ ଆସିଲାଣି
- ଜନସାଧାରଣଙ୍କ ଦାବିକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର

ସୁବର୍ଣ୍ଣପୁର ଜିଲା ସୋନପୁର-ବିନିକା ରାସ୍ତାର ଅଙ୍ଗନଦୀରେ ବ୍ରିଜ୍ ନିର୍ମାଣ ୧୯୯୩ ମସିହା ପୂର୍ବରୁ ସରିଛି। ସେହିପରି ସୋନପୁର-ସମ୍ବଲପୁର ରାସ୍ତାର ମହାନଦୀରେ ହାଇଲେବୁଲ ବ୍ରିଜ୍ ୨୦୦୪ ମସିହା ପୂର୍ବରୁ ନିର୍ମାଣ ହୋଇଛି। ରାଜ୍ୟ ସରକାର ଅଙ୍ଗନଦୀ ଓ ମହାନଦୀ ଉପରେ ନିର୍ମିତ ବ୍ରିଜ୍ ପାଇଁ ଏ ପର୍ଯ୍ୟନ୍ତ ଟୋଲ ଟ୍ୟାକ୍ସ ଆଦାୟ କରି ଚାଲିଛନ୍ତି। ଅଙ୍ଗନଦୀ ବ୍ରିଜ୍ ପାଇଁ ଧଉରାଖମନଠାରେ ଦୀର୍ଘ ୩୦ ବର୍ଷ ଧରି ଟୋଲ ଟ୍ୟାକ୍ସ ଆଦାୟ ହେଉଛି। ବ୍ରିଜ୍ ବହୁ ପୁରୁଣା ହେଲାଣି, କିନ୍ତୁ ଟ୍ୟାକ୍ସ ଆଦାୟ ବନ୍ଦ ହେଉନି। ସେହିପରି ମହାନଦୀ ବ୍ରିଜ୍ ପାଇଁ ହିକୁଡିଠାରେ ସରକାର ଗତ ୨୦ ବର୍ଷ ଧରି ଟୋଲ ଟ୍ୟାକ୍ସ ଆଦାୟ କରୁଛନ୍ତି। ସୁବର୍ଣ୍ଣପୁର ଜିଲାର ସଚେତନ ନାଗରିକ, ବିରୋଧୀ ଦଳ ଓ ଆଇନଜୀବୀମାନେ ଏ ସମ୍ପର୍କରେ ବାରମ୍ବାର ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମାତ୍ର ସରକାର ଏହି ଦାବି ପ୍ରତି ଅଣଦେଖା କରୁଛନ୍ତି। ତେଣୁ ଆସନ୍ତା ୧ ମାସ ଭିତରେ ଟୋଲ ଟ୍ୟାକ୍ସ ଆଦାୟ ବନ୍ଦ କରିବାକୁ ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚ ଦାବି କରିଛି । ଟୋଲ ଟ୍ୟାକ୍ସ ଆଦାୟ ବନ୍ଦ ନ ହେଲେ ଜିଲାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ କରିବେ। ଆବଶ୍ୟକ ପଡିଲେ ଆଇନକୁ ହାତକୁ ନିଆଯିବ ଓ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

ସଚେତନ ନାଗରିକ ମଞ୍ଚର ଆବାହକ ଶାମାଓଁ ପ୍ରସାଦ ମିଶ୍ର କହିଥିଲେ ଯେ, ସୂଚନା ଅଧିକାର ଆଇନ ଅନୁସାରେ ମିଳିଥିବା ତଥ୍ୟ ଅନୁଯାୟୀ, ଅଙ୍ଗନଦୀ ବ୍ରିଜ୍ ପାଇଁ ଟୋଲ ଟ୍ୟାକ୍ସ ବାବଦରେ ଏ ପର୍ଯ୍ୟନ୍ତ ୧୨କୋଟି ୬୬ଲକ୍ଷ ୪୭ହଜାର ୧୭୬ଟଙ୍କା ଆଦାୟ ହୋଇଛି । ସେହିପରି ୨୦୦୪ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୦ ବର୍ଷ ହେବ ସୋନପୁର ମହାନଦୀ ବ୍ରିଜ୍ ପାଇଁ ଟୋଲ ଟାକ୍ସ ବାବଦରେ ୧୫କୋଟି ୨୩ଲକ୍ଷ ୮୭ହଜାର ୯୯୪ଟଙ୍କା ସରକାରଙ୍କ ତହବିଲକୁ ଆସିଲାଣି। ଜନସାଧାରଣ ଅଯଥାରେ ଦୀର୍ଘ ବର୍ଷ ଧରି ଖର୍ଚ୍ଚାନ୍ତ ହେଉଛନ୍ତି। କିନ୍ତୁ ସୁବର୍ଣ୍ଣପୁର ଜିଲାର ନିର୍ବାଚିତ ଲୋକ ପ୍ରତିନିଧିମାନେ ଏ ବାବଦରେ ମୁହଁ ନ ଖୋଲିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଅନ୍ୟପକ୍ଷେ ୨୦୦୪ ମସିହାରୁ ବୌଦ୍ଧ-କିଆକଟା ମହାନଦୀ ବ୍ରିଜ୍ ପାଇଁ ୨୦୧୮ ମସିହା ପର୍ଯ୍ୟନ୍ତ ୮କୋଟି ୩୪ଲକ୍ଷ ୩୯ହଜାର ୩୫୫ଟଙ୍କା ଆଦାୟ ହୋଇଥିଲା । ତେବେ ୨୦୧୮ ମସିହା ମେ ମାସ ୭ ତାରିଖରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ପରେ ବୌଦ୍ଧ ବ୍ରିଜ୍ ପାଇଁ ଟୋଲ ଟ୍ୟାକ୍ସ ଆଦାୟ ବନ୍ଦ କରାଯାଇଛି । ମାତ୍ର ସୁବର୍ଣ୍ଣପୁର ଜିଲା ପାଇଁ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମଞ୍ଚ ପକ୍ଷରୁ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପୁଣି ଏକ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଗୋବିନ୍ଦ ମହାରଣା, ଜିତେନ୍ଦ୍ର ପଟ୍ଟନାୟକ, ପୁରୁଷୋତ୍ତମ ପାଣିଗ୍ରାହୀ ଓ ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

# ପୁରୁଣା ପେନ୍‌ସନ ଦାବି ଜୋର ଧରିଲା

ସୋନପୁର,୧୦।୯(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ରଥକୁ ସ୍ୱାଗତ ପାଇଁ ପ୍ରସ୍ତୁତି**

ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଦେବାର ଦାବି ଜୋର ଧରିବାରେ ଲାଗିଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ୨୦୦୪ ପରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀଙ୍କୁ ପୁରୁଣା ପେନସନ କିପରି ମିଳିବ ଏଥିପାଇଁ ଆସନ୍ତା ୨୦ ତାରିଖ ଦିନ ସର୍ବଭାରତୀୟ ପେନସନ ରଥ ସୁବର୍ଣ୍ଣପୁର-ବୌଦ୍ଧ ଜିଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

ଏହି ରଥକୁ ସ୍ୱାଗତ କରିବା ପାଇଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଅନିତା ମେହେରଙ୍କ ସଭାପତିତ୍ୱରେ ରବିବାର ସୋନପୁରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅମଲା ସଂଘର ପ୍ରାକ୍ତନ ସଭାପତି ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଶାନ୍ତ କୁମାର ରଥ, ଶିକ୍ଷକ ସଂଘର ପ୍ରଦୀପ ପୁରୋହିତ, କନ୍ଧମାଳ ବ୍ଲକର ବରିଷ୍ଠ ଶିକ୍ଷକ ଖଗେଶ୍ୱର ବସ୍ତିଆ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିରେ ସୁବର୍ଣ୍ଣପୁର ଜିଲା ହାବିଲଦାର ସଂଘ ଉପ ସଭାପତି ରଞ୍ଜିତ ପ୍ରଧାନ, ଲାଲବାବୁ ସେଠୀ, ଉଭୟ ଜିଲା ଶିକ୍ଷକ ସଂଗଠନ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ଶିକ୍ଷକ ନେତା ପ୍ରଶାନ୍ତ କୁମାର ମିଶ୍ର, ସୁଦାମ ଦିଶିରି, ଶୁଶୀଳ ପ୍ରଧାନ, ରଞ୍ଜୁ ଅମାତ, ବାବୁଲା ମିଶ୍ର, ଗିରିଶ ତ୍ରିପାଠୀ, ଦାମୋଦର ପନଡାଙ୍କ ସହିତ ଶତାଧିକ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଡ଼ ଅନିରୁଦ୍ଧ କୁରକୁରିଆ ଧନ୍ୟବାଦ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ଶିକ୍ଷକ ନେତା ଓ ଅନ୍ୟ ନେତୃବୃନ୍ଦ।

# ସୁବଳୟା ଅଞ୍ଚଳରେ ୫ଶହ ଟଙ୍କିଆ ନକଲି ନୋଟ

ଅମରପାଲି,୧୦।୯(ପୀତାମ୍ବର ସାହୁ)

**ତିନୋଟି ନୋଟ ଦେଇ ଦୋକାନୀଙ୍କୁ ଠକିଲେ ଅଜଣା ବ୍ୟକ୍ତି**




ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଥାନା ଅଞ୍ଚଳରେ ନକଲି ୫ ଶହ ଟଙ୍କିଆ ନୋଟ ଦେଖିବାକୁ ମିଳିଛି। ଉକ୍ତ ଥାନା ଅନ୍ତର୍ଗତ ପିତାମହୁଲ ପଞ୍ଚାୟତ ଟେଭାପଦର ଗ୍ରାମରେ ଜଣେ ଦୋକାନୀଙ୍କୁ ଜଣେ ଅଜଣା ବ୍ୟକ୍ତି ତିନୋଟି ୫ ଶହ ଟଙ୍କିଆ ନୋଟ ଦେଇ ତେଜରାତି ସାମଗ୍ରୀ ନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଟେଭାପଦର ଗ୍ରାମର କ୍ଷମାନିଧି ସାହୁ ଅସୁସ୍ଥ ଥିବାରୁ ସେ କରିଥିବା ତେଜରାତି ଦୋକାନରେ ତାଙ୍କ ସ୍ତ୍ରୀ ବସି ବିକ୍ରି କରୁଥିଲେ। ରବିବାର ମଧ୍ୟାହ୍ନ ସମୟରେ କେହି ଜଣେ ବ୍ୟକ୍ତି ୩୦୦ ଟଙ୍କାର ତେଜରାତି ସାମଗ୍ରୀ କିଣି ୫୦୦ ଟଙ୍କା ଦେଇଥିଲେ। ପୁଣି କିଛି ସମୟ ପରେ ସମ୍ପୃକ୍ତ ବ୍ୟକ୍ତି ସେହି ଦୋକାନକୁ ଆସି ୭ ଶହ ଟଙ୍କାର ଜିନିଷ କିଣି ଦୁଇଟି ୫ଶହ ଟଙ୍କିଆ ନୋଟ ଦେଇଥିଲେ। ଦୋକାନୀଙ୍କ ସ୍ତ୍ରୀ ବଳକା ଟଙ୍କା ଫେରାଇ ୫ ଶହ ଟଙ୍କିଆ ନୋଟ ରଖିଥିଲେ। ପରବର୍ତ୍ତୀ ସମୟରେ କେହି ଜଣେ ଟଙ୍କା ଦେଖି ତାହା ନକଲି ବୋଲି କହିଥିଲା । ଯାଞ୍ଚ କରିବାରୁ ତାହା ନକଲି ବୋଲି ଜଣାପଡିଥିଲା। ଦୋକାନୀ ଜଣକ ରୋଗଗ୍ରସ୍ତ ଥିବାରୁ ସୋମବାର ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବେ ବୋଲି ଜଣାଇଛନ୍ତି। ସୁବଳୟା ଅଞ୍ଚଳରେ ନକଲି ୫ ଶହ ଟଙ୍କିଆ ନୋଟ କାରବାର ହେଉଥିବା ଜାଣି ଲୋକଙ୍କ ମଧ୍ୟରେ ଛନକା ପଶିଛି। କିଛିଦିନ ପୂର୍ବରୁ ଉଲୁଣ୍ଡା ଅଞ୍ଚଳରୁ ପ୍ରାୟ ୪୧ ଲକ୍ଷ ଟଙ୍କାର ନକଲି ପାଞ୍ଚ ଶହ ଟଙ୍କିଆ ନୋଟ ଏସ୍‌ଟିଏଫ ଜବତ କରିବା ସହ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତେବେ ଅଞ୍ଚଳରେ ଆହୁରି ଅନେକ ନକଲି ଟଙ୍କା ଘୁରି ବୁଲୁଥିବା ସନ୍ଦେହ କରାଯାଉଛି। ଏନେଇ ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ପ୍ରକାଶ କରିଛନ୍ତି। ପୋଲିସ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ୩୦ କିଲୋ ଗଞ୍ଜେଇ ଜବତ: ଜଣେ ଗିରଫ

ଘଣ୍ଟାପଡ଼ା/କନ୍ଧମାଳ,୧୦।୯(ପ୍ରଭାତ କୁମାର ସାହୁ/ଆଦିତେଶ୍ୱର ମିଶ୍ର)

କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଲମ୍ବସରୀ ଗ୍ରାମ ପଞ୍ଚାୟତ ଅଧୀନ ଫସଫେଡି ଜଙ୍ଗଲରେ ଚଢାଉ କରାଯାଇ ୩୦ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଶୁଳିଆ ଗ୍ରାମର ଅଚ୍ୟୁତ ତରିଆ(୨୩)ଙ୍କୁ ଗିରଫ କରାଯାଇଛି । ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ଏ ନେଇ କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ନଂ୮୮/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ବୌଦ୍ଧ,୧୦।୯(ଅଜିତ କୁମାର ବାରିକ)

**ଭାଜପାର ଖବରଦାତା ସମ୍ମିଳନୀ**

- ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ

ବୌଦ୍ଧ ଜିଲା ଭାଜପା ପକ୍ଷରୁ ରବିବାର ଦିନ ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଜିଲାରେ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରା ନ ଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇଥିବା ଜିଲା ସଭାପତି ମହାନ୍ତି କହିଥିଲେ । ଘର ଯୋଗାଣରେ ମନମୁଖୀ କାର୍ଯ୍ୟ କରାଯିବାର ଅଭିଯୋଗ କରାଯାଇ ଆସନ୍ତା ୧୩ ତାରିଖ ଦିନ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯିବ ବୋଲି ସୂଚନା ଦେଇଥିଲେ। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଜିଲା ବୌଦ୍ଧ ହୋଇଥିବା ବେଳେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଥିଲା। ଏବେ ବି ବହୁ ଯୋଗ୍ୟ ହିତାଧିକାରୀ ଭଙ୍ଗା ଚାଳଘରେ ରହୁଥିବା ଅଭିଯୋଗ କରିଥିଲେ। ଯଥାଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆ ନ ଗଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ମୁଖ୍ୟ ପ୍ରବକ୍ତା ପ୍ରେମାନନ୍ଦ ମିଶ୍ର, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଭାଜପାର ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

# ମହିଳା ଆଇନ ସାକ୍ଷରତା କର୍ମଶାଳା

ବୌଦ୍ଧ,୧୦।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲା ପ୍ରଶିକ୍ଷଣ କେନ୍ଦ୍ରରେ ଆଇନ ସାକ୍ଷରତା କର୍ମଶାଳା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର କର୍ମଶାଳା ଉଦ୍‌ଘାଟନ କରିଥିଲେ । ମହିଳାମାନଙ୍କୁ ଆଇନ ସମ୍ପର୍କରେ ସାକ୍ଷରତା କରିବା ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସ୍ୱାତୀ ଅନୁଷ୍ଠାନର ସୁଜତା ମହାପାତ୍ର, ପୁଜାଫୁଲ ପଟ୍ଟନାୟକ ଯୋଗଦେଇ ଘରୋଇ ହିଂସା, ବାଲ୍ୟ ବିବାହ, ଯୌନ ନିର୍ଯ୍ୟାତନା, ମହିଳାମାନଙ୍କ ସାମ୍ବିଧାନିକ ଅଧିକାର ଓ ମହିଳା ସୁରକ୍ଷା ଉପରେ ରହିଥିବା ବିଭିନ୍ନ ଆଇନ ଉପରେ ଆଲୋଚନା କରିବା ସହ ସଚେତନ କରାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ଡା. ବିକେ ଆରସି ଦେଓ ହେମ୍ବ୍ରମ, ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗଦେଇ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଗ୍ରାମ୍ୟ ସ୍ତରରେ କିପରି ଏହି ସଚେତନତା ବାର୍ତ୍ତା ପହଞ୍ଚି ପାରିବ ଓ ମହିଳାମାନେ କିପରି ସଚେତନ ହୋଇ ପାରିବେ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଖି ୱାନ ଷ୍ଟପ୍ ସେଣ୍ଟର ସଦସ୍ୟା ତଦଶା ମାଝୀ , ସୁଧାର ଗୃହର ସଦସ୍ୟା, ଆଶାକର୍ମୀ, ଏମବିକେ , ସିଆରପି କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ୨୦ ଦଫା ଦାବି ନେଇ କଳାବ୍ୟାଜ୍ ପରିଧାନ

ଅମରପାଲି,୧୦।୯(ପୀତାମ୍ବର ସାହୁ)

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ**

ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ୨୦ ଦଫା ଦାବି ନେଇ ବୀରମହାରାଜପୁର ବ୍ଲକ ରଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଶନିବାର ଠାରୁ କଳାବ୍ୟାଜ୍ ପରିଧାନ କରିଥିବା ଜଣାଯାଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧିବେ ବୋଲି ଜଣାପଡିଛି। ସୁବର୍ଣ୍ଣପୁର ଜିଲାର ୬ଟି ଯାକ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କଳାବ୍ୟାଜ୍ ପରିଧାନ କରିଥିବା ଜଣାଯାଇଛି ।

ପ୍ରତ୍ୟେକ ବ୍ଲକର ଗରିବ ପିଲାମାନେ ଇଂରାଜୀ ମାଧ୍ୟମରେ ମାଗଣା ଶିକ୍ଷା ପାଇବାର ଲକ୍ଷ୍ୟ ନେଇ ୨୦୧୬ ମସିହାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବିଗତ ବର୍ଷଗୁଡିକରେ ସର୍ବଭାରତୀୟ ସ୍ତରରେ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଭାବରେ ଦେଶର ଶ୍ରେଷ୍ଠ ୧୦ଟି ତାଲିକାରେ ଏହି ବିଦ୍ୟାଳୟ ସ୍ଥାନ ରହିଛି। ମାତ୍ର ପରିତାପର ବିଷୟ ଏଠାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରର ସରକାରୀ ସୁବିଧା ସୁଯୋଗ ଏ ପର୍ଯ୍ୟନ୍ତ ମିଳି ପାରି ନାହିଁ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିଯୁକ୍ତି ନିୟମରେ ରହିଥିବା ବ୍ୟବସ୍ଥା ସବୁ ଦୀର୍ଘ ୭ ବର୍ଷ ପରେ ମଧ୍ୟ ଲାଗୁ ହୋଇପାରିନାହିଁ । ଚାକିରୀ ସର୍ତ୍ତାବଳୀ ଓ କ୍ୟାଡ଼ର ନିୟମାବଳୀ ମଧ୍ୟ ଏ ପର୍ଯ୍ୟନ୍ତ ଲାଗୁ କରାଯାଇ ନାହିଁ । ପଦୋନ୍ନତି ପ୍ରକ୍ରିୟାରେ ଶତକଡା ୫୦ ଭାଗ ସ୍ଥାନ କାର୍ଯ୍ୟରତ ଶିକ୍ଷକଙ୍କ ପାଇଁ ସଂରକ୍ଷିତ ଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇନାହିଁ । ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚଆରଏମଏସ) ମାଧ୍ୟମରେ ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଦରମା ପ୍ରଦାନ, ଓଡିଶା ଆଦର୍ଶ ବିଦ୍ୟାଳୟ ନିୟମର କ୍ରମାଙ୍କ ୧୫ ଓ ୧୯ର ସଂଶୋଧନ, ବିଦ୍ୟାଳୟଗୁଡିକର ଦିବଂଗତ ୧୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରିବାର ଲୋକଙ୍କୁ ସରକାରୀ ସୁବିଧା ପ୍ରଦାନ, ରିହାବିଲେସନ ସ୍କିମ୍ ଲାଗୁ କରିବା ଆଦି ଦାବି ମହାସଂଘ ପକ୍ଷରୁ କରାଯାଇଛି।



ବୀରମହାରାଜପୁର ବ୍ଲକ ରଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଛନ୍ତି।

# ତେଲନଦୀ ଘାଟରୁ ଚାଲିଛି ଅବାଧ ବାଲି ଚାଲାଣ

ଘଣ୍ଟାପଡ଼ା,୧୦।୯(ପ୍ରଭାତ କୁମାର ସାହୁ)




ହାଇଓ୍ୱା ଯୋଗେ ବାଲି ଚାଲାଣ ହେଉଛି।

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ତେଲନଦୀ ଘାଟରୁ ବାଲି ଚାଲାଣ ଅବାଧରେ ଚାଲିଛି। ବେଆଇନ ବାଲି ଚାଲାଣ ଯୋଗୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ପ୍ରଶାସନ ଲୋକ ଦେଖାଣିଆ ଚଢାଉ କରିବା ସହ କିଛି ଜରିମାନା ଆଦାୟ କରି ବାଲି ଚୋରାଚାଲାଣକାରୀଙ୍କୁ ଛାଡି ଦେଉଥିବା ଅଭିଯୋଗ ହେଉଛି।

କନ୍ଧମାଳ ବ୍ଲକର ପ୍ରାୟ ୬୦ କିଲୋମିଟର ଅଞ୍ଚଳ ଦେଇ ପ୍ରବାହିତ ତେଲନଦୀ ବ୍ଲକର ଜୀବନ ରେଖା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏହି ବ୍ଲକର ଫାସେଡ଼, ଘଣ୍ଟାପଡ଼ା, କନ୍ଧମାଳ, ଲୋକାପଡା, ପଥର୍ଲା, ଗବଜୋର୍ , କିର୍ଲା ପ୍ରଭୃତି ଗାଁଗୁଡ଼ିକର ତେଲନଦୀ ଘାଟରୁ ଟ୍ରାକ୍ଟର, ହାଇଓ୍ୱା ଯୋଗେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଚାଲାଣ ହେଉଛି । ବାଲି ବୋଝେଇ ଗାଡିଗୁଡିକ ନ ଘୋଡାଇ ରାସ୍ତାରେ ଅତି ଦ୍ରୁତ ଗତିରେ ବେପିକର ଭାବେ ଯିବାଆସିବା କରୁଛି। ଏଥିଯୋଗୁ ରାସ୍ତାରେ ଧୂଳି ଗୁଣ୍ଡ ଉଡି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବାଲି ବ୍ୟବସାୟୀଙ୍କ ନଜର ତେଲନଦୀ ଉପରେ ପଡ଼ିଥିବା ବେଳେ ଦୈନନ୍ଦିନ ଏଠାରୁ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ବାଲି ଚୋରାଚାଲାଣ ହେବା ଯୋଗୁ ତେଲନଦୀର ଶଯ୍ୟା ନଷ୍ଟ ହେବା ସହ ଅନେକ ଖାଲଖମା ସୃଷ୍ଟି ହେଉଛି। ଏପରି କି କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ କୀର୍ଲା ତେଲନଦୀ ଘାଟରୁ ହାଇଓ୍ୱା ସାହାଯ୍ୟରେ ବାଲି ଚୋରାଚାଲାଣ ହୋଇ ସୋନପୁର ପଟକୁ ଯାଉଥିବା ଦେଖିବାକୁ ମିଳିଛି। ଫଳରେ ଗବଯୋର – ବୈଦ୍ୟନାଥ ନୂତନ ସେତୁର ଗବଯୋର ପଟର ଆପ୍ରୋଚ ରାସ୍ତା ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି । ସରକାରୀ ନିୟମ ଅନୁସାରେ, ଏହି ଆପ୍ରୋଚ ରାସ୍ତାରେ ଆବଶ୍ୟକତା ଠାରୁ ଅଧିକ ଓଜନର ଗାଡି ଚଳାଚଳ କରୁଛି । ୧୦ ଟନ ଜିନିଷ ଭର୍ତ୍ତି ଗାଡ଼ି ଯିବା ପାଇଁ ଏହି ରାସ୍ତା ଉପଯୋଗୀ ଥିବା ସ୍ଥଳେ ବାଲି ବ୍ୟବସାୟୀମାନେ ୪୦ରୁ ୫୦ ଟନ ଓଜନର ପାଣି ମିଶା ବାଲି ଏହି ରାସ୍ତା ଦେଇ ହାଇଓ୍ୱାରେ ନେଉଥିବାରୁ ରାସ୍ତା ଭାଙ୍ଗି ଯାଇଥିବା ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଦୀର୍ଘ ବର୍ଷ ହେବ ନଦୀରୁ ବାଲି ଚୋରାଚାଲାଣ ହେଉଥିଲେ ମଧ୍ୟ ତହସିଲ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବିଜୁ ପକ୍କା ଘର କିମ୍ବା ଆବାସ ଘର ନିର୍ମାଣ ପାଇଁ ସାଧାରଣ ଲୋକେ ଚଢ଼ା ଦରରେ ବାଲି ଆଣୁଥିବା ଅଭିଯୋଗ କରିଛନ୍ତି। ଅନେକ ବାଲି ଘାଟ ଟେଣ୍ଡର ହୋଇ ନ ଥିବା ବେଳେ ବେପାରୀମାନେ ବେଧଡକ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳୁଛି। ଏପରି କି ଲିଜ୍ ହୋଇଥିବା ସ୍ଥାନରେ ରସିଦ ଅନୁସାରେ ଆବଶ୍ୟକ ପରିମାଣର ବାଲି ଉଠାଇବା ପରିବର୍ତ୍ତେ ଜେସିବି ମେଶିନ ସାହାଯ୍ୟରେ ଅଧିକ ବାଲି ଉଠାଣ ହେଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କନ୍ଧମାଳ ତହସିଲଦାର କର୍ଣ୍ଣ ମଲ୍ଲିକଙ୍କୁ ପଚାରିବାରେ ଏହାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗଙ୍ଗାଧର ଥିଲେ ଚେତନାର ପୂଜାରୀ

ରାଉରକେଲା,୧୦।୯(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ



ଜୟନ୍ତୀ ଶିକ୍ଷାବିତ ଡ. କିଶୋରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇଂ. ଅଭୟ କୁମାର ଦାସ ଯୋଗଦେଇ ଅନୁଷ୍ଠାନର ଦୀର୍ଘ ୪୭ ବର୍ଷର ଐତିହ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଛାୟାକାନ୍ତ ଷଡଙ୍ଗୀ ଯୋଗଦେଇ ଥିଲେ। ଗଙ୍ଗାଧର ବିଶ୍ୱ ଚେତନାର ଉଦବୃଦ୍ଧ ରହି ଏକେଶ୍ୱରବାଦ ଦର୍ଶନ ବିଶ୍ୱାସ ରଖିଥିଲେ। ତାଙ୍କ ସୃଷ୍ଟିରେ ଈଶ୍ୱର ଏକ ଓ ଅଭେଦ୍ୟ । ପାରମ୍ପରିକ ଧର୍ମୀୟ ସଙ୍କୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଉଠି ସେ ବସୁଧୈବ କୁଟୁମ୍ବକମ୍‌ର ଚିନ୍ତା ଚେତନାକୁ ନିଜ ଲେଖନୀର ପରିସ୍ଫୁଟ କରିଥିଲେ। ଧର୍ମ ହେଉଛି ଆଚରଣ ବିଷୟ। ଏହାସହ ସେ ସମର୍ପଣ ଭାବ ସହ ଅଦୈତବାଦ, ଦୈତବାଦ ଓ ଜନ୍ମଜନ୍ମାନ୍ତର ବାଦ ସମ୍ପର୍କରେ ଡ. ଷଡଙ୍ଗୀ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ଭବେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ସୁଦେଷ୍ଣାରାଣୀ ରାଉତରାୟ ଦିଗଦର୍ଶନରରେ କୁନି କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସଭାରେ ଦ୍ୱିତୀୟ ପର୍ଯ୍ୟାୟରେ ରାଉରକେଲାର ବିଭିନ୍ନ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟା ନଳିନୀପ୍ରଭା ପଟ୍ଟନାୟକ, ସ୍ନେହଲତା ପଟ୍ଟନାୟକ, ଶଙ୍କର ପ୍ରସାଦ ତ୍ରିପାଠୀ, ଡ. ଅଶ୍ୱନି କୁମାର ରାୟ, ମୀନାରାଣୀ ଜେନା, ଅକ୍ଷୟ କୁମାର ଜେନା, ଉଦୟ କୁମାର ସାହୁ, ସସ୍ମିତା ପ୍ରଧାନ, ବଳରାମ ରାଉଳ, ଶରତ କୁମାର ଦାସ, ପ୍ରଦୀପ କୁମାର ସାମଲ, ରାଜକୁମାର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୬ ମାସରେ ୩୫ ନିଯୁକ୍ତି ଶିବିର

■ପିଲାଙ୍କ ଅଂଶଗ୍ରହଣ ମୁତାବକ ନିଯୁକ୍ତିଭିତ୍ତିକ ଥଇଥାନ ହାର କମ୍

■ରାଜ୍ୟ ବାହାରକୁ ଯିବାକୁ ଶିକ୍ଷିତ ପିଲା ନାରାଜ

ରାଉରକେଲା,୧୦।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନିୟୋଜନ ବିଭାଗ ତରଫରୁ ଚଳିତ ବର୍ଷ ଜାନୁୟାରୀରୁ ଜୁନ ମଧ୍ୟରେ ୩୫ଟି ନିଯୁକ୍ତି କ୍ୟାମ୍ପ ଆୟୋଜିତ ହୋଇସାରିଛି। ଏହି ୩୫ଟି ନିଯୁକ୍ତିମୂଳକ ଥଇଥାନ ଶିବିରରେ ରାଉରକେଲା ସହର ସମେତ ଜିଲାର ୧୦ମ, ଦ୍ୱାଦଶ, ଆଇଟିଆଇ, ଫିଟର ଏବଂ ଡିପ୍ଲୋମା ଆଦି ଶିକ୍ଷାଗତ ଯୋଗ୍ୟତା ଥିବା ହଜାର ହଜାର ପିଲାଙ୍କୁ ନିଯୁକ୍ତି କ୍ଷେତ୍ରରେ ଥଇଥାନ କରିବା ପାଇଁ ସାମିଲ କରାଯାଇଥିଲା। ଏହି ଶିବିରରେ ଭାରତୀୟ ବହୁ ବ୍ରାଣ୍ଡ କମ୍ପାନୀ ଯଥା– ୟଶଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜ, ସିଏନସି ଅପରେଟର, ରିଲାଇନ୍ସ ରିଟେଲ ଲିମିଟେଡ ,ଅଟୋଲିଭ, ଭାରତ ଫାଇନାନ୍ସ, ସ୍କାନ ଷ୍ଟିଲ ପ୍ରାଇଭେଟ ଲିମିଟେଡ,ଏସ୍‌ଆଇଏସ ସିକ୍ୟୁରିଟି ପ୍ରମୁଖାଦି କମ୍ପାନୀମାନେ ସାମିଲ ହୋଇଥିଲେ। ୭୦ଭାଗ ପ୍ଲେସମେଣ୍ଟ ପୁନେ, ବେଙ୍ଗଲୁରୁ, ହାଇଦ୍ରାବାଦ, ଚେନ୍ନାଇ ଆଦି ସହରରେ ହୋଇଥିବା ବେଳେ ୩୦ଭାଗ ରାଉରକେଲା, ସୁନ୍ଦରଗଡ, ସମ୍ବଲପୁର, ଭୁବନେଶ୍ୱର, ବ୍ରହ୍ମପୁର ସହରରେ ରହିଛି। ଜାନୁୟାରୀ ପ୍ଲେସମେଣ୍ଟ ଡ୍ରାଇଭରେ ୨୬୪ପିଲା ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ




୭୨ଜଣଙ୍କ ନିଯୁକ୍ତି ନିମନ୍ତେ ବିଭାଗ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କଲା। ହେଲେ ମାତ୍ର ୧୩ ଜଣ ନିଯୁକ୍ତି ମୂଳକ କ୍ଷେତ୍ରରେ ଥଇଥାନ ହୋଇପାରିଲେ। ଫେବୃୟାରୀରେ ଏସ୍‌ଆଇଏସ୍ ସିକ୍ୟୁରିଟି ଲିମିଟେଡ ପକ୍ଷରୁ ୯୦ଜଣ ପିଲା ସାମିଲ ହୋଇଥିବାବେଳେ ୬୬ ଜଣଙ୍କ ତାଲିକା ପ୍ରସ୍ତୁତ ହେଲା। ମାତ୍ର ୧୩ ଜଣ ନିଯୁକ୍ତି ମୂଳକ କ୍ଷେତ୍ରରେ ଥଇଥାନ ହେଲେ। ସେହିପରି ମାର୍ଚ୍ଚରେ ୧୩୨ ଜଣ ଭାଗନେଲେ ୪୨ଜଣ ଚୟନ ହେଲେ ଓ ୨୯ଜଣ ଥଇଥାନ ହେଲେ। ଏପ୍ରିଲରେ ୨୭୭ ଜଣ ଅଂଶଗ୍ରହଣ କଲେ ୧୧୮ ଜଣଙ୍କ ତାଲିକା ହେଲା ମାତ୍ର ୬୩ ଜଣ ଥଇଥାନ ହେଲେ। ମେ ରେ ୧୮୩ଜଣ ଅଂଶଗ୍ରହଣ କଲେ ୧୧୫ଜଣ ଚୟନିତ ହେଲେ ମାତ୍ର ୭୬ଜଣ ଥଇଥାନ ହେଲେ। ଜୁନରେ ୮୩ଜଣ ପିଲା ଭାଗନେଲେ ୨୮ଚୟନ ହେଲେ ଏବଂ ମାତ୍ର ୫ଜଣ ପିଲା ଥଇଥାନ ହେଲେ। ପିଲାଙ୍କ ଚୟନ ଅନୁପାତ ମୁତାବିକ ନିଯୁକ୍ତି ଥଇଥାନ ହାର ୨୦.୫୦ ପ୍ରତିଶତ ରହିଛି। ଏନେଇ ରାଉରକେଲା ନିୟୋଜନ ଅଧିକାରୀ ରମେଶ ଚନ୍ଦ୍ର କିଷାନଙ୍କୁ ପଚାରିବାରୁ, ଜିଲା ତଥା ରାଉରକେଲା ଅଞ୍ଚଳର ହଜାର ହଜାର ଶିକ୍ଷିତ ଯୁବତୀ ଯୁବକଙ୍କୁ ୬ମାସ ମଧ୍ୟରେ ୩୫ଟି ପ୍ଲେସମେଣ୍ଟ ଡ୍ରାଇଭ ଜରିଆରେ ନିଯୁକ୍ତି କ୍ଷେତ୍ରରେ ଥଇଥାନ କରିବା ପ୍ରଚେଷ୍ଟା ହୋଇଥିଲା। ମାତ୍ର କିଛି ପିଲା ରାଜ୍ୟ ବାହାରକୁ ଯିବାକୁ ରାଜି ହେଉ ନ ଥିବାରୁ ନିଯୁକ୍ତି ଥଇଥାନ ହାର କ୍ରମଶଃ ହ୍ରାସ ପାଇଛି। ଆଗକୁ ଶତ ପ୍ରତିଶତ ପିଲା ଯେଭଳି ଥଇଥାନ ହେବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବା ବୋଲି ସେ କହିଥିଲେ। ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ କହିଛନ୍ତି, ରାଜ୍ୟ ସରକାର ଗ୍ରାପ ସ୍ତରରୁ ଜିଲା ଅଫିସ ଯାଏଁ ସବୁ ସରକାରୀ ପଦବୀ ପୂରଣ କରି ଚାଲିଛନ୍ତି। ନୂତନ ନିଯୁକ୍ତି ପ୍ରଦାନ କରି ଚାଲିଛନ୍ତି। ମାତ୍ର ପ୍ରାଇଭେଟ କମ୍ପାନୀଗୁଡିକରେ ନିଯୁକ୍ତି କ୍ଷେତ୍ରରେ ପିଲା କେତେଦୂର ଉପକୃତ ହୋଇଛନ୍ତି ଏବଂ ଯଦି ହେଉନାହାଁନ୍ତି କେଉଁ କାରଣରୁ ଏନେଇ ବିଭାଗ ସହିତ ବିଚାର ବିମର୍ଶ କରିବେ ବୋଲି ସେ କହିଛନ୍ତି।

## ଶ୍ରମମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ହକି ଛକରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ଶ୍ରମମନ୍ତ୍ରୀଙ୍କ ଜନ୍ମଦିନ ପାଳିତ ହେଉଛି।

ରାଉରକେଲା,୧୦।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ବିଜେଡି ନେତା ଏବଂ କର୍ମୀଙ୍କ ପକ୍ଷରୁ ରକ୍ତଦାନ ସହିତ ବିଭିନ୍ନ ସେବା ମୂଳକ କାର୍ଯ୍ୟ କରି ସ୍ଥାନୀୟ ବିଧାୟକ ତଥା ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ୬୪ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଶିଳ୍ପାଞ୍ଚଳ ସେକ୍ଟର-୫, ବିଜୁ ଜନତା ଦଳ ଜୋନ-୮, ସେକ୍ଟର-୭ କମ୍ୟୁନିଟି ହଲ ସହ ଅନେକ ସ୍ଥାନରେ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା। ଶ୍ରମମନ୍ତ୍ରୀ ରକ୍ତଦାତାଙ୍କ ଏଭଳି ମହତ କାର୍ଯ୍ୟକୁ ଦେଖି ପ୍ରଶଂସା କରିଥିଲେ। ବିଭିନ୍ନ ସ୍ଥାନରେ ବିଜେଡି ନେତା ଓ କର୍ମୀଙ୍କ ସହ ଜନ୍ମଦିନ କେକ୍ କାଟିବା ସହ ତାଙ୍କ ପ୍ରତି ଥିବା ସ୍ନେହଭାବ ଓ ସରାଗ ଭାବକୁ ବେଶ୍ ପ୍ରଶଂସା କରିଥିଲେ ମନ୍ତ୍ରୀ।

## ପାଢ଼ହା ଘର ଉଦ୍‌ଘାଟନ କଲେ ଜୁଏଲ



ଏମ୍‌ପି ଜୁଏଲ ଓରାମଙ୍କ ସହ ଅନ୍ୟମାନେ ମଞ୍ଚାସୀନ।

ରାଉରକେଲା,୧୦।୯(ସଙ୍ଗୀତା ଜେନା)

ରବିବାର ସୁନ୍ଦରଗଡ଼ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ ତାଙ୍କ ରାଉରକେଲା ଗସ୍ତ ଅବସରରେ ଉଦିତନଗରରେ ଓରାମପଡ଼ା ସ୍ଥିତ କରମା ପୂଜା ମଣ୍ଡପ କୁଡୁଖ ପାଢ଼ାହା ଗୃହକୁ ଉଦ୍‌ଘାଟନ କରିଥିଲେ। ସାଂସଦ ପାଣ୍ଠିରୁ ଏହି ନୂତନ ପାଢ଼ାହା ଘର ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁରୀ କରିଥିଲେ। ଉଦିତନଗର ନିୟୋଜନ କାର୍ଯ୍ୟାଳୟଠାରୁ ପାରମ୍ପାରିକ ଗୀତ ଓ ବାଜା ବଜାଇ ପାଢ଼ାହା ଘରକୁ ପାଛୋଟି ନେଇଥିଲେ ସ୍ଥାନୀୟ ବାସିନ୍ଦା। ସଭାପତି ସୁରେଶ ଲାକ୍ରା ମଞ୍ଚ ପରିଚାଳନା କରିଥିଲେ। ବିଶ୍ରାସ୍ଥିତ ମୂଳୀ ପାଢ଼ାହାର ସଭାପତି ବିଟୁ ଓରାମ, ସାମାଜିକ କର୍ମୀ ମଙ୍ଗଲା ଖାଲକୋ, ପାଢ଼ାର ଉପଦେଷ୍ଟା କାହ୍ନୁ ଓରାମ, ଆଇନଜୀବୀ ରବି ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଏମ୍‌ପି ଓରାମ ମିଡ୍ ଟାଉନ୍ ମଣ୍ଡଳ ସଭାପତି ବିନ୍ଦର ସିଂଙ୍କ ନେତୃତ୍ୱରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଉଦିତନଗର ୱାର୍ଡ଼ ନମ୍ବର ୧୧୨, ୧୧୩, ୧୧୪, ୧୧୫ ନମ୍ବର ବୁଥରେ କଳସ ପଦଯାତ୍ରା କରାଯାଇ ମାଟି ସଂଗ୍ରହ କରାଯାଇଥିଲା। ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ପ୍ରବକ୍ତା ଧୀରେନ ସେନାପତି, ନିହାର ରାୟ, ଭଗବାନ ରାଉତ, ଶଶାଙ୍କ ଜେନା, ସମ୍ପାଦକ ପ୍ରବାଳ ବାରିକ, ମନୋଜ ମାହେଶ୍ୱରୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା,୧୦।୯(ଦିନେଶ ମିଶ୍ର)

ଗରଜନ ମୁଣ୍ଡାଟୋଲା ବସ୍ତି ନିକଟରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ବ୍ରାହ୍ମଣୀତରଙ୍ଗ ପୋଲିସ ଜବତ କରିଛି। ରାତି ୭ଟା ପର୍ଯ୍ୟନ୍ତ ବୃଦ୍ଧଙ୍କର କୌଣସି ପରିଚୟ ମିଳିନାହିଁ। ସୂଚନାଯୋଗ୍ୟ, ମୁଣ୍ଡାଟୋଲା ବସ୍ତିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ରବିବାର ଦେଖିବାକୁ ପାଇଥିଲେ। ପରେ ବସ୍ତିବାସୀ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ମୃତଦେହ ଜବତକରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ଘଟଣାର ତଦନ୍ତ ଚଳାଇଛି।

## ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ




ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମ।

ରାଉରକେଲା,୧୦।୯(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ(ବିଏମ୍ ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କର୍ମଚାରୀ ସଂଘର ୧୪ତମ ଦ୍ୱିବାର୍ଷିକ ସାଧାରଣ ସଭା ରବିବାର ସେକ୍ଟର-୪ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବିଏମ୍‌ଏସ୍ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ବିନୟ ତ୍ରିପାଠୀ ମୁଖ୍ୟ ଅତିଥି, ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ ମୁଖ୍ୟବକ୍ତା, ଇସ୍ପାତ ମହାସଂଘ ଅଧ୍ୟକ୍ଷ କ୍ରିପାଲ ସିଂ ଏବଂ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେନ୍ଦ୍ର ନାଥ ମହାନ୍ତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆରଆଇକେକେଏସ୍ ଅଧ୍ୟକ୍ଷ ହିମାଂଶୁ ବଳଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ପ୍ରଦୋଷ ପଣ୍ଡା ବାର୍ଷିକ ବିବରଣୀ, କୋଷାଧ୍ୟକ୍ଷ ସରୋଜ ପଣ୍ଡା ଆର୍ଥିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କମିଟିର ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା। ଅଧ୍ୟକ୍ଷ ପ୍ରଦୋଷ ପଣ୍ଡା, କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେନ୍ଦ୍ର କଂସାରୀ ଉପସଭାପତି ସମିତା ମିଶ୍ର, ରୀତାରାଣୀ ସ୍ୱାଇଁ, ଶ୍ରଦ୍ଧାପତି ଚୌଧୁରୀ ବିପେନ ଶର୍ମା, ତ୍ରିଲୋଚନ ନାଏକ, ସନ୍ତୋଷ ତନ୍ତୀ, ସଞ୍ଜିବ ପତି, ଯୋଗେନ୍ଦ୍ର ମହାନ୍ତ, ସଞ୍ଜୟ ଦାସ, ରାଜେଶ ଦାସ, ସାଧାରଣ ସମ୍ପାଦକ ହିମାଂଶୁ ବଳ, ଉପସାଧାରଣ ସମ୍ପାଦକ ସତ୍ୟାନନ୍ଦ ଦାଶ, ସମ୍ପାଦକ ସମର ମହାନ୍ତ, ଆଶୀଷ ମହାନ୍ତି, ସୁଶାନ୍ତ ପଣ୍ଡା ମନୋନୀତ ହୋଇଥିଲେ। ସଙ୍ଗଠନ ସମ୍ପାଦକ ମାନସ ଦାସ, କୋଷାଧ୍ୟକ୍ଷ ସରୋଜ ପଣ୍ଡା, ସହ କୋଷାଧ୍ୟକ୍ଷ ଅମର ଭୂୟାଁ, କମିଟି ସଦସ୍ୟ ବିଶ୍ୱନାଥ କର, ଭାଗୀରଥି ପତି, ପ୍ରକାଶ ପଣ୍ଡା, ଅମର ଜସ୍ୱାଲ, ଲଳିତ ଜେନା, ରାଜେନ୍ଦ୍ର ମହାନ୍ତ, ସୁବର୍ଣ୍ଣ ସିଂ,ମୁରଲୀଧର ମଥାନ, ସ୍ୱତନ୍ତ୍ର ସଦସ୍ୟ ଭାବେ ରଞ୍ଜିତ ଜେନା, ମହୁଆ ଗୋସ୍ୱାମୀଙ୍କ ସମେତ ଅନ୍ୟମାନେ ମନୋନୀତ ହୋଇଥିଲେ। ସର୍ବଶେଷରେ କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେନ୍ଦ୍ର କଂସାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡକାୟତି ମାମଲାରେ ୫ ଗିରଫ

ରାଉରକେଲା/ବେଦବ୍ୟାସ, ୧୦।୯(ସଙ୍ଗୀତା ଜେନା/ ଆଲୋକ ସ୍ୱାଇଁ)

ଅଗଷ୍ଟ ୨୩ ରେ ରାଉରକେଲା ପୋଲିସ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ କାର ଚାଳକଙ୍କ ମୁଣ୍ଡରେ ବନ୍ଧୁକ ରଖି ତଥା ଫାଙ୍କା ଗୁଳି ଚାଳନା କରି ୬୭ହଜାର ଟଙ୍କା ଡକାୟତି କରାଯାଇଥିବା ମାମଲାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସମ୍ପୃକ୍ତି ନେଇ ୫ଜଣ ଡକାୟତଙ୍କୁ ଥାନା ପୋଲିସ ଗିରଫ କରିଛି। ରବିବାର ସନ୍ଧ୍ୟାରେ ଉକ୍ତ ଥାନାରେ ଏସ୍‌ଡିପିଓ ଉପାସନା ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମସ୍ତ ସୂଚନା ପ୍ରଦାନ କରାଯାଇଛି। ଗିରଫ ଡକାୟତମାନେ ହେଉଛନ୍ତି ରାଜଗାଙ୍ଗପୁରର ପ୍ରବୀଣ ମିଞ୍ଜ(୩୧), ବଡ଼ନୂଆଗାଁର ୱିଲୟମ ସୋରେଙ୍ଗ(୩୬), ରାଜଗାଙ୍ଗପୁରର ନରେଶ ନାଗ(୪୩), ଢୁଙ୍ଗାଜୋରର ରାଜ ବାର୍ଲା(୩୦), ଭଗତଟୋଲାର ସୁଜିତ ଭେଙ୍ଗରା(୨୧)। ପୋଲିସ



ଗିରଫ ଅଭିଯୁକ୍ତଙ୍କ ସହ ଏସ୍‌ଡିପିଓ ଉପାସନା ପାଢ଼ୀ।

ଏକ ମାମଲା(ନଂ.୧୬୨/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ମୋଟର ବାଇକ୍ , ୪ଟି ମୋବାଇଲ ଓ ଗୋଟିଏ ଭୁଜାଲି ଜବତ ହୋଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଭାରପ୍ରାପ୍ତ ଅଧିକାରୀ ରାଧେଶ୍ୟାମ ବାଗ, ପ୍ରଦୀପ ସାହୁ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୩ ତାରିଖ ଗର୍ଜନ ପଞ୍ଚାୟତର ମେନେ କିଷାନ, ସ୍ୱାମୀ ମଙ୍ଗଲୁ କିଷାନ ଓ ପରିବାରବର୍ଗ ନିଜ ବାସଭବନକୁ ଫେରୁଥିଲେ। ଉକ୍ତ ଡକାୟତମାନେ ମଙ୍ଗଲୁଙ୍କ ଗାଡ଼ିକୁ ଅଟାକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ତାଙ୍କ ଠାରୁ ୬୭ ହଜାର ଟଙ୍କା ଲୁଟ କରିଥିଲେ। ମଙ୍ଗଲୁଙ୍କ ଉପରେ ଭୁଜାଲିରେ ଆକ୍ରମଣ ମଧ୍ୟ କରିଥିଲେ। ଏଥିରେ ମଙ୍ଗଲୁ ଗୁରୁତର ଆହତ ହୋଇ ହସପିଟାଲରେ ଭର୍ତ୍ତି ହୋଇଥିଲେ। ଥାନାରେ ସୂଚନା ମେନେ ଦେଇଥିଲେ।

## ଓଡ଼ିଆ ଅଧ୍ୟାପିକାଅଧ୍ୟାପକଙ୍କ ସମ୍ମିଳନୀ

ରାଉରକେଲା,୧୦।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ସ୍ଥିତ ରାଉରକେଲା ମହାବିଦ୍ୟାଳୟର ସଭା ଗୃହ ମଧ୍ୟରେ ରାଉରକେଲା ଓଡିଆ ଅଧ୍ୟାପିକା/ଅଧ୍ୟାପକ ସମ୍ମିଳନୀର ତୃତୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଅଧ୍ୟାପକ କରୁଣାକର ପାଟ୍ଟଶାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିବେଶନ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ରାଉରକେଲା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନ ଅଧିବେଶନରେ ଯୋଗଦେଇ ଅଧ୍ୟାପିକା/ଅଧ୍ୟାପକମାନଙ୍କୁ ପ୍ରେରିତ କରିଥିଲେ। ଡା. ସଞ୍ଜୟ କୁମାର ହାତୀ ଏବଂ ସଦସ୍ୟମାନଙ୍କ ଦ୍ୱାରା ସଙ୍ଗଠନର ପ୍ରସ୍ତାବିତ ନାମ ପ୍ରତ୍ୟୟ ସମ୍ଭାବନାର ନୂତନ ଇସ୍ତାହାରକୁ ଅଧିବେଶନରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ପରେ ସେପ୍ଟେମ୍ବରରୁ ଡିସେମ୍ବରରେ ବହୁ ମହାବିଦ୍ୟାଳୟ ବିଭାଗୀୟ କର୍ମଶାଳା, ଆଲୋଚନାଚକ୍ର, ପାଠଚକ୍ର ସଂସ୍ଥାନ ଓ ବିନିମୟ ଶିକ୍ଷାଦାନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି ସହିତ ତାର କାର୍ଯ୍ୟକାରିତା ସମ୍ବନ୍ଧରେ ବିଧିବଦ୍ଧ ଚର୍ଚ୍ଚା ହୋଇଥିଲା। ଏହିସବୁ କାର୍ଯ୍ୟ ସମ୍ପାଦନରେ ଅଧ୍ୟକ୍ଷମାନଙ୍କ ଭୂମିକା ତଥା ରାଷ୍ଟ୍ରୀୟ ମୂଲ୍ୟାଙ୍କନ ସହିତରେ ମାନ୍ୟତା ପରିଷଦ(ନାକ୍)ର ଆବଶ୍ୟକତା ଦୃଷ୍ଟିରୁ ଏସବୁ କାର୍ଯ୍ୟକ୍ରମର ଉପଯୋଗିତା ସମ୍ପର୍କରେ ଅଧ୍ୟକ୍ଷା ପ୍ରଫେସର ପ୍ରଧାନ ମତବ୍ୟକ୍ତ କରି ଅଧ୍ୟାପିକା/ଅଧ୍ୟାପକଙ୍କୁ ଉତ୍ସାହିତ କରିଥିଲେ। ଅଧିବେଶନର ସଭା ପରିଚାଳନା କରିଥିଲେ ରାଉରକେଲା କଲେଜର ବରିଷ୍ଠ ଅଧ୍ୟାପକ ବନବିହାରୀ କିଷାନ, କଲ୍ୟାଣୀ ରାୟ। କଲେଜର ଅଧ୍ୟାପିକା ସ୍ୱପ୍ନାମୟୀ ହୋତା ଅଧ୍ୟାପିକା/ଅଧ୍ୟାପକମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ନୀଳଶୈଳ କଲେଜର ଅଧ୍ୟାପକ ଡ. ସୁଶାନ୍ତ କୁମାର କିଷାନ। ରାଉରକେଲାର ସମସ୍ତ କଲେଜର ଅଧ୍ୟାପିକା/ଅଧ୍ୟାପକ ସମେତ ରାଉରକେଲା କଲେଜର ଓଡିଆ ବିଭାଗର ଛାତ୍ରୀଛାତ୍ର ଅନିତା ଜଗଦେବ, ତପସ୍ୱିନୀ କୁମ୍ଭାର, ଭାରତୀ ବେହେରା, ସୋନାଲି ମହାନନ୍ଦ, ସୁଶ୍ରୀରେଖା ବେହେରା, ଲିପ୍ସା ବଳିଆର ସିଂ, ସନ୍ଧ୍ୟାରାଣୀ ବେହେରା ଅଧିବେଶନରେ ସମ୍ମିଳିତ ହୋଇଥିଲେ।

## ଭାରତ ମୁକ୍ତି ମୋର୍ଚ୍ଚା ମହିଳା ସଂଘ ପକ୍ଷରୁ ଅଧିବେଶନ

ରାଉରକେଲା,୧୦।୯(ବିପ୍ଳବ ରଞ୍ଜନ ଦାଶ)

ରବିବାର ଭାରତ ମୁକ୍ତି ମୋର୍ଚ୍ଚା ମହିଳା ସଂଘ ପ୍ରଥମ ରାଜ୍ୟ ଅଧିବେଶନ ରାଜ୍ୟ ସଭାପତି ଅର୍ଣ୍ଣପୂର୍ଣ୍ଣା ଦୀପ ଓ ପଦ୍ମା ବାରିକଙ୍କ ଆନୁକୂଲ୍ୟରେ ରାଉରକେଲା ସେକ୍ଟର–୨ ମ୍ୟାକ୍ସମୁଲାର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହିଅଧିବେଶନରେ ମହିଳା, ପଛୁଆବର୍ଗଙ୍କ ହକ୍ ନେଇ ଆଲୋଚନା ହେବା ସହ ବକ୍ତାମାନେ କହିଥିଲେ। ଅଧିବେଶନରେ ନୂଆଦିଲ୍ଲୀ ଭାରତ ମୁକ୍ତି ମୋର୍ଚ୍ଚା ମହିଳା ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ମଧୁମିତା ବାଗଦି ଅଧ୍ୟକ୍ଷତା କରିଥିଲେ। ଅଧିବେଶନରେ ମହିଳାମାନଙ୍କର ରାଷ୍ଟ୍ରବ୍ୟାପୀ ସଙ୍ଗଠନ ନିର୍ମାଣ ହେବା ବିନା କିପରି ମହିଳାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଓବିସିମାନଙ୍କର ଜାତି ଆଧାରିତ ଜନଗଣନା ନ କରି କିପରି ଓବିସିମାନଙ୍କୁ ତାଙ୍କର ହକ୍ ଅଧିକାରରୁ ବଞ୍ଚିତ କରାଯାଉଛି। ସ୍ୱାଧୀନତାର ୭୫ବର୍ଷ ପରେ ମଧ ଏସି/ଏସଟି ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର କ୍ରମାଗତ ଭାବେ ବଢ଼ି ଚାଲିବା ଓ ଜନଜାତି ସମାଜ ସର୍ବାଧିକ ଦାରିଦ୍ର୍ୟତାର ଶିକାର ହେବା ଯୋଗୁ ଆଦିବାସୀ ଅଞ୍ଚଳରୁ ମାନବ ଶ୍ରମିକ ଚାଲାଣ ଉଗ୍ର ରୂପ ଧାରଣ କରିବା ଓ ଏଥିରେ ଆଦିବାସୀ ମହିଳା ସମାଜ ସର୍ବାଧିକ ପ୍ରଭାବିତ ହେବା କାରଣ ଓ ନିରାକରଣ ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ଅଧିବେଶନକୁ ସଫଳ କରିବାରେ ଗୋପାଳ ଜେନା, ବାବୁଲା ବାରିକ, ଭରତ ଚନ୍ଦ୍ର ସିଂ, ନବଘନ ମୁର୍ମୁ, ବନବିହାରୀ ନାଗ, ମୀନା ସିଂ, କମଳିନୀ ଯାଦବ, ସୁଷମା ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ।




ଭାରତ ମୁକ୍ତି ମୋର୍ଚ୍ଚା ମହିଳା ସଂଘ ଅଧିବେଶନରେ ମହିଳାନେତ୍ରୀ ବକ୍ତବ୍ୟ ଦେଉଛନ୍ତି।

## ଶିକ୍ଷା କ୍ଷେତ୍ରରେ ଉତ୍ଥାନ ହିଁ ସମାଜର ଉନ୍ନତି

ନିଖିଳ ଉତ୍କଳ କୈବର୍ତ୍ତ ସମାଜର ୨୩ତମ ପ୍ରତିଷ୍ଠା ଦିବସ

ରାଉରକେଲା,୧୦।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ନିଖିଳ ଉତ୍କଳ କୈବର୍ତ୍ତ ସମାଜର ୨୩ତମ ପ୍ରତିଷ୍ଠା ଦିବସ ଇସ୍ପାତ ସହର ସେକ୍ଟର-୪ କମ୍ୟୁନିଟି ସେଣ୍ଟରରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସଭାପତି ଜଗନ୍ନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଏନ୍‌ଆଇଟିର ସରକାରୀ ରେଜିଷ୍ଟ୍ରାର ଇଞ୍ଜିନିୟର ଆଶିଷ କୁମାର ବେହେରା ଯୋଗଦେଇ ବିଶେଷ କରି ଶିକ୍ଷା କ୍ଷେତ୍ରରେ କୈବର୍ତ୍ତ ସମାଜ ଅନଗ୍ରସର। ଏଣୁକରି ଶିକ୍ଷା କ୍ଷେତ୍ରରେ ଉତ୍ଥାନ ହିଁ ସମାଜର ଉନ୍ନତି ହିତାକାଂକ୍ଷୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଜଗବନ୍ଧୁ ବେହେରା ଯୋଗଦେଇ କୈବର୍ତ୍ତ




କୈବର୍ତ୍ତ ସମାଜର ପ୍ରତିଷ୍ଠା ଦିବସରେ ଅତିଥି ଓ କର୍ମକର୍ତ୍ତା। ଫଟୋ-ବିବେକ।

ସମାଜ ପ୍ରତି ଥିବା ସମସ୍ତଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ବିଷୟରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ହୋଇ ରହିବା ସହିତ ସମାଜର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଅର୍ଜୁନ ଚରଣ ସାହୁ ସମେତ ଇସ୍ପାତ କାରଖାନାର ବରିଷ୍ଠ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଦୀନବନ୍ଧୁ ସେଠୀ ଓ ପ୍ରଭାକର ବେହେରା ପ୍ରମୁଖ ଯୋଗଦାନ କରି କୈବର୍ତ୍ତ ଜାତିର ଐତିହ୍ୟ ସଂସ୍କୃତି ଓ ପରମ୍ପରା ଜଡିତ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଏହା ସହିତ ଜାତିର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳମତ ନିର୍ବିଶେଷରେ ଏକତା ପ୍ରତିଷ୍ଠା ପୂର୍ବକ କ୍ରିୟାଶୀଳ ହେବାପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ କୈବର୍ତ୍ତ ସମାଜର ଶତାଧିକ ବ୍ୟକ୍ତି ସାମିଲ ହେବା ସହ କାର୍ଯ୍ୟକ୍ରମର ସହଯୋଗିତା କରିଥିଲେ। ଶେଷରେ ଅର୍ଜୁନ ଚରଣ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ୧୪ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

**ରେଢାଖୋଲ, ୧୦।୯ (ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ପୋଲିସ ରେଳଷ୍ଟେସନ ନିକଟରୁ ୨ଟି ବ୍ୟାଗରେ ଚୋରାଚାଲାଣ କରୁଥିବା ୧୪କେଜି ଗଞ୍ଜେଇକୁ ଜବତ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଝାଙ୍କରପଡାର ଦଶରଥ ଭୋଇନା(୨୮) ବୋଲି ଥାନା ଅଧିକାରୀ ସବିତାବାଳା ସେଠୀ କହିଛନ୍ତି। ସୂଚନାମତେ ଗିରଫ ଅଭିଯୁକ୍ତ ଶନିବାର ବିଳମ୍ବିତ ରାତିରେ ସନ୍ଦେହଜନକ ଭାବେ ୨ଟି ବ୍ୟାଗ ଧରି ରେଳଷ୍ଟେସନକୁ ଯାଉଥିବାବେଳେ ପାଟ୍ରୋଲିଂ କରୁଥିବା ଏସଆଇ ସଞ୍ଜୟ କୁଲୁ ସନ୍ଦେହରେ ଯାଞ୍ଚ କରି ଗଞ୍ଜେଇ ଥିବା ଜାଣିଥିଲେ। ପରେ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ଦଶରଥଙ୍କୁ ଗିରଫ କରିଥିଲେ। ଏ ନେଇ ରେଢାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ଆବେଦନ ନା ମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଛତାବର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୦।୯(ଶୁଭାଶିଷ ପାଢୀ):** ସମ୍ବଲପୁର ଜିଲା ୪୧ ନମ୍ବର ୱାର୍ଡ ଛତାବରକୁ ଏକ ସାମାଜିକ ସଚେତନତା ପାଇଁ ରବିବାର ସମାଜ ଜିଲା କମିଟି ପହଞ୍ଚିଥିଲେ। କମିଟିର ସଭାପତି କେସବ ରୋହିଦାସ, ଉପସଭାପତି ଗୋପୀନାଥ ରୋହିଦାସ, ସମ୍ପାଦକ ଯୁଧିଷ୍ଠିର ରୋହିଦାସ, ଉପଦେଷ୍ଟା ଅଶୋକ ମେହେର ଉପସ୍ଥିତ ରହିଥିଲେ। ଖାଇବା ଆଗରୁ ଭଲ ଭାବରେ ହାତ ଧୋଇବା, ଖୋଲା ଜାଗାରେ ଝାଡ଼ା ନ ଯିବା, ମାଦକ ଦ୍ରବ୍ୟ ପରି ଖରାପ ଅଭ୍ୟାସରୁ ଦୂରେଇ ରହିବା ଏବଂ ନିଜ ପିଲାମାନଙ୍କୁ କିପରି ଉଚ୍ଚ ଶିକ୍ଷିତ କରିହେବ ସେହି ବିଷୟରେ ସଚେତନ କରିଥିଲେ।

### ସସ୍ମିତା ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା

ସମ୍ବଲପୁର, ୧୦।୯( ଶୁଭାଶିଷ ପାଢୀ): ସମ୍ବଲପୁର ଜିଲା କୁକୁଡାପାଲି ଗ୍ରାମର ଭାଜପା ନେତ୍ରୀ ସସ୍ମିତା ଦେହୁରୀଙ୍କୁ ଦଳ ରାଜ୍ୟ ନେତୃତ୍ୱରେ ସାମିଲ କରିଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଛି। ଯାହାକୁ ନେଇ ସସ୍ମିତାଙ୍କ ସମର୍ଥକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଛି। ସସ୍ମିତା ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗ ଦେଇଥିଲେ। ପରେ ବିଭିନ୍ନ ସାଙ୍ଗଠନିକ କାମ କରିଥିଲେ। ରେଢାଖୋଲ ନିର୍ବାଚନ ମଣ୍ଡଳୀ ବଡମାଲ, ପଡିଆବାହାଲ, ମାନେଶ୍ୱର ଭଳି ସ୍ଥାନରେ ଆନ୍ଦୋଳନ କରିଥିଲେ। ଦଳୀୟ କାର୍ଯ୍ୟକ୍ରମରେ ମହିଳା ସଙ୍ଗଠନରେ ସକ୍ରିୟ ଓ ନେତୃତ୍ୱ ନେଇ ଭୂମିକା ଗ୍ରହଣ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟିକୁ ଆସିଥିଲେ। ଏବେ ରାଜ୍ୟନେତୃତ୍ୱ ଭରସା କରି ପଦ ଦେଇଛନ୍ତି। ଯାହାକୁ ନେଇ ସସ୍ମିତା ବେଶ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତିଯେ, ଲୋକଙ୍କ ସମସ୍ୟା ନେଇ ପୂର୍ବରୁ ଯେଭଳି କାମ କରୁଥିଲେ ଆଗକୁ ମଧ୍ୟ କରିବେ।

# ବିବାଦରେ ନିର୍ମାଣ ହେଲା, ଶେଷରେ ଭାଙ୍ଗିଗଲା

ସମ୍ବଲପୁର, ୧୦।୯( ଶୁଭାଶିଷ ପାଢୀ)

ସମ୍ବଲପୁର ଯୁଯୁମୁରା ତହସିଲ ଅଫିସ ପଛପଟେ ଖେଳପଡିଆ ପାଚେରି ନିର୍ମାଣ ବହୁବିବାଦରେ ହୋଇଥିଲା। ହେଲେ ମାତ୍ର ଦୁଇମାସ ଭିତରେ ଭାଙ୍ଗିଗଲା। ଯାହାକୁ ନେଇ ଏବେ ପୁଣି ବିବାଦ ଦେଖା ଦେଇଛି। ନିମ୍ନମାନର କାମ ଯୋଗୁ ପାଚେରି ଭାଙ୍ଗିଯାଇଥିବା ଅଭିଯୋଗ କରିଛନ୍ତି ଲୋକେ। ପ୍ରାୟ ୧୦ଫୁଟ ଲମ୍ବ ପାଚେରି ତଳେ ଭାଙ୍ଗିପଡିଯାଇଛି। ଠିକ ଭାବେ ନିହ ନ ଖୋଳିବା, ସିମେଣ୍ଟ ବାଲି ସାମଗ୍ରୀ ବ୍ୟବହାର ନ କରିଥିବା ଯୋଗୁଁ ଏଭଳି ହୋଇଥିବା ଅଭିଯୋଗ ହେଉଛି। ଏଥିରେ ବ୍ଲକ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ୟପଟେ


ସମ୍ବଲପୁର ଯୁଯୁମୁରାରେ ପାଚେରି ଭାଙ୍ଗିପଡିଛି।

କାମକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଉଛି ଯେ, ପାଚେରି ନିର୍ମାଣ ହୋଇଛି। ପାଚେରି ପାର୍ଶ୍ୱରେ ବର୍ଷାରେ ମାଟି ଧୋଇଯାଇଥିଲା। ଉକ୍ତ ଖାଲ ଯୋଗୁଁ କାନ୍ଥ ପଡି ଯାଇଛି। ତାହା କାମ କରୁଥିବା ଠିକାଦାର ମରାମତି କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଯୁଯୁମୁରା ତହସିଲ ପକ୍ଷରୁ ସରକାରୀ ଜମି ସଂରକ୍ଷଣ କରିବା ପାଇଁ ବ୍ଲକ ପ୍ରଶାସନକୁ ୨୬ଲକ୍ଷ ଟଙ୍କା ଦିଆଯାଇଥିଲା। ଏହି ଖେଳପଡିଆରେ ପାଚେରି ପାଇଁ ସେଥିମଧ୍ୟରୁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। କାମ ଆରମ୍ଭ ସମୟରେ ଜଣେ ବ୍ୟକ୍ତି କାମ କରୁଥିବା ଯୋଗୁଁ ବିରୋଧ କରାଯାଇଥିଲା। ଏପରିକି ଗଣ୍ଡଗୋଳ ମଧ୍ୟ ହୋଇଥିଲା। ପରେ କାମ ହୋଇଥିଲା। ଏବେ ଭାଙ୍ଗି ଯିବାରୁ ଲୋକେ କହୁଛନ୍ତି ବିବାଦରେ ନିର୍ମାଣ ହେଲା, ଶେଷରେ ଭାଙ୍ଗିଗଲା ପାଚେରି।

# ୧୯୨ ବଣ୍ଡଲ ଚୋରା କେନ୍ଦୁପତ୍ର ଜବତ


କେନ୍ଦୁପତ୍ର ବୋଝେଇ ପିକଅପ୍ ସହ ବନବିଭାଗ କର୍ମଚାରୀ।

ରେଢାଖୋଲ, ୧୦।୯
(ଅଚ୍ୟୁତାନନ୍ଦ ପୁରୋହିତ)

ଚାରମାଳ ରେଞ୍ଜ ଅଧିନ ୫୫ନଂ. ଜାତୀୟ ରାଜପଥର ଏକ ଢାବା ନିକଟରୁ ରବିବାର ଭୋର ୪ଟାବେଳେ ଏକ ପିକଅପ୍ ଭ୍ୟାନରୁ ଚୋରାଚାଲାଣ ହେଉଥିବା ୧୯୨ବଣ୍ଡଲ କେନ୍ଦୁପତ୍ର ବନବିଭାଗ ଦ୍ୱାରା ଜବତ କରାଯାଇଛି। ତେବେ ଘଟଣାସ୍ଥଳରୁ ଚୋରା ଚାଲାଣକାରୀ ଫେରାର ହୋଇଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାମତେ ୨୦୭ ପିକଅପ୍ ଭ୍ୟାନ ନଂ. ଡବ୍ଲ୍ୟୁ ବି ୨୯ ଏ-୦୫୩୩ ଯୋଗେ ଚାରମାଳ ରେଞ୍ଜର ବିଭିନ୍ନ ଗ୍ରାମରୁ କେନ୍ଦୁପତ୍ର ବୋଝେଇ କରି କଲିକତାକୁ ଚାଲାଣ ହେଉଥିବା ନେଇ ଡିଏଫ୍ଓ ଅରବିନ୍ଦ ମହାନ୍ତି ସୂଚନା ପାଇ ଚାରମାଳ ରେଞ୍ଜରଙ୍କୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନାପାଇ ରେଞ୍ଜର ଦର୍ଶନିଆ ଭୋଇ, ଫରେଷ୍ଟର ବିଜୟ ବିଶ୍ୱାଳ ଉକ୍ତ ଗାଡିକୁ ପିଛା କରି ୫୫ନଂ. ଜାତୀୟ ରାଜପଥର ଏକ ଢାବା ନିକଟରୁ ଜବତ କରିବାରେ ସକ୍ଷମ ହୋଇଥିଲେ। ଏ ନେଇ ଚାରମାଳ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

# ୩ଟି ବର୍ଗରେ ସମ୍ବଲପୁର ଦଳ ଉପବିଜେତା


୩ଟି ଉପବିଜେତା ଟ୍ରଫି ସହ ସମ୍ବଲପୁର ଦଳ।

## ବିଦ୍ୟାଳୟସ୍ତରୀୟ ହକି ପ୍ରତିଯୋଗିତା

ସମ୍ବଲପୁର,୧୦।୯(ବି.ଶଙ୍କର)

ସୁନ୍ଦରଗଡ଼ ଜିଲାରେ ବିଦ୍ୟାଳୟସ୍ତରୀୟ ୧୪ ବର୍ଷରୁ କମ ହକି ଓ ହେଣ୍ଡ ବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁର ଦଳ ଭାଗନେଇ ସଫଳତା ହାସଲ କରିଛି। ୧୪ ବର୍ଷରୁ କମ ଉଭୟ ବାଳିକା ଓ ବାଳକ ଏବଂ ୧୭ ବର୍ଷରୁ କମ ବାଳକ ବର୍ଗର ହକି ପ୍ରତିଯୋଗିତାରେ ସମ୍ବଲପୁର ଦଳ ଉପବିଜେତା ଟ୍ରଫି ହାସଲ କରି ଜିଲା ପାଇଁ ଗୌରବ ଆଣିଛି। ପ୍ରତିଯୋଗୀଙ୍କ ସହ ଟିମ୍ ମ୍ୟାନେଜର ଭାବେ ଓମ ପ୍ରକାଶ ପଟେଲ, ସେନଗୁପ୍ତ ନାୟକ, ଅମର ବାଗ, ପିଙ୍କି ପଟେଲ ଏବଂ ସୁମିତ୍ରା ଛତର ଯାଇଥିଲେ। ସେହିପରି ଅଫିସିଆଲ ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଓ ଉମେଶ ପାଣିଗ୍ରାହୀ ଯୋଗଦେଇଥିଲେ। ଏହି କୃତିତ୍ୱ ସକାଶେ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ସମସ୍ତ ପ୍ରତିଯୋଗୀ ଓ ଟିମ ମ୍ୟାନେଜରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୁଚିଣ୍ଡା ବ୍ଲକରେ ଆବଶ୍ୟକ ଜିଆର୍ଏସ୍ ନାହାନ୍ତି

କୁଚିଣ୍ଡା,୧୦।୯(ବିରଞ୍ଚି ଦର୍ଜ୍ଜା)

## ୧୭ ପଞ୍ଚାୟତରେ ଅଛନ୍ତି ମାତ୍ର ୬

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକରେ ଆବଶ୍ୟକ ଗ୍ରାମ ରୋଜଗାର ସେବକ (ଜିଆର୍ଏସ୍) ନାହାନ୍ତି। ବ୍ଲକର ୧୭ଗୋଟି ପଞ୍ଚାୟତରେ ଅଛନ୍ତି ମାତ୍ର ୬ ଜିଆର୍ଏସ୍। ଜଣେ ଜିଆର୍ଏସ୍ ୩ଟି ପଞ୍ଚାୟତ ଦାୟିତ୍ୱରେ ରହୁ ଥିବାରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍ଜିଏନ୍ଆର୍ଇଜିଏସ୍) ଏବଂ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା (ପିଏମ୍ଏୱାଇ) ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବା ତାଙ୍କ ପାଇଁ କାଠିକର ପାଠ ହୋଇଛି। ଏଭଳି ୩ଟି ପଞ୍ଚାୟତର କାର୍ଯ୍ୟ କରୁଥିବାରୁ ସେମାନେ ଉଭୟ ଶାରିରୀକ ଓ ମାନସିକ ଚାପଗ୍ରସ୍ତ ରହୁଥିବା ଦେଖାଯାଉଛି। ଫଳରେ ଏମ୍ଜିଏନଆରଇଜିଏସ୍ ଓ ପିଏମ୍ଏୱାଇରେ ଶ୍ରମିକ ପେମେଣ୍ଟରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏହା ଛଡା ଜିଆରଏସ୍ମାନେ ପଞ୍ଚାୟତ କାମସାରି ପ୍ରାୟତଃ ବ୍ଲକକୁ ଆସି କାମ କରିବାକୁ ପଡୁଥିବାରୁ ହଇରାଣ ହେବାକୁ ପଡୁଥିବା କହନ୍ତି। ଦୀର୍ଘ ଦିନ ହେବ କୁଚିଣ୍ଡା ବ୍ଲକରେ ୧୧ ଜିଆର୍ଏସ ପଦବୀ ଖାଲି ପଡିଥିଲେ ହେଁ ସରକାର ନୂଆ ନିଯୁକ୍ତି ଦେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ଜିଆର୍ଏସ ନିଯୁକ୍ତି ଦିଆଗଲେ କାର୍ଯ୍ୟକାରୀ ହେଉଥିବା ଉପରୋକ୍ତ ଯୋଜନାଗୁଡିକ ତ୍ୱରାନ୍ୱିତ ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କ ମତାମତ ନିଆଯିବାରେ ଜିଆର୍ଏସ୍ ସମସ୍ୟା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ ଶୀଘ୍ର ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ସମାଜ, ପରିବାର ପ୍ରତି ମାଆମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

ନାକଟିଦେଉଳ, ୧୦।୯
(ବୈକୁଣ୍ଠନାଥ ସାହୁ)

## ମେଘପାଳ ସନ୍ଥ ଟେରେସା ଚର୍ଚ୍ଚ ପକ୍ଷରୁ ମାତୃ ସମ୍ମିଳନୀ

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ମେଘପାଳଠାରେ ଥିବା ସନ୍ଥ ଟେରେସା ଚର୍ଚ୍ଚ ପକ୍ଷରୁ ତିନି ଦିନ ଧରି ଚାଲିଥିବା ମାତୃ ସମ୍ମିଳନୀ ରବିବାର ଉଦ୍ଯାପିତ ହୋଇଯାଇଛି। ଚର୍ଚ୍ଚର ଫାଦର ପୋଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବେନେଦିକ ଲାକ୍ରା, ନରହରି ମାଝି, ଫାଦର ଖ୍ରୀଷ୍ଟଫର, ଫାଦର ସୁବୋଧ ପ୍ରମୁଖ ଯୋଗଦେଇ ସମାଜ ଏବଂ ପରିବାର ପାଇଁ ମାଆମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ। ମାଆମାନେ ଚାହିଁଲେ ସମାଜକୁ ସୁନ୍ଦର ଏବଂ ପରିବାରକୁ ମନ୍ଦିର ଭାବେ ଗଢି ତୋଳି ଦେଇପାରିବେ। ଏହି ଶକ୍ତି ସେମାନଙ୍କଠାରେ ଭରି ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମାଆମାନଙ୍କ ମଧ୍ୟରେ ବେଲୁନ ଦୌଡ଼, ଶକ୍ତି ପ୍ରଦର୍ଶନ, ପେପର ଡ୍ୟାନ୍ସ, ଦୌଡ଼ି ଟଣା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଅଭିନୟ ଏବଂ ପ୍ରଶ୍ନ ଉତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୪ଟି ସର୍କଲର ମହିଳାମାନେ ଅଂଶଗ୍ରହଣ କରିଥିଲେ। 'ବି' ସର୍କଲ ପ୍ରଥମ, 'ଏ' ସର୍କଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହି ଅବସରରେ ଚାମ୍ପିୟନ ସମେତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମେଘପାଳ ପାରିସ ଅନ୍ତର୍ଗତ ୧୪ଟି ମଣ୍ଡଳୀରୁ ପ୍ରାୟ ୨୫୦ଜଣ ମହିଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସିଷ୍ଟର ଆଂଶୁ, ପ୍ରତିମା, ପ୍ରସନ୍ନା, ସିଲବ୍ୟା ଏବଂ ଅନିମା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଫାଦର ପୋଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁହାର ପରିବାର ପକ୍ଷରୁ ବିବିଧ ପ୍ରତିଯୋଗିତା

ସମ୍ବଲପୁର,୧୦।୯(ବି.ଶଙ୍କର)

ନୂଆଁଖାଇକୁ ଦୃଷ୍ଟିରେ ସମ୍ବଲପୁର ଜୁହାର ପରିବାର ପକ୍ଷରୁ ରବିବାର ବିବିଧ ପ୍ରତିଯୋଗିତା ସହରର ନୟାପଡା ସ୍ଥିତ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମସ୍ତରୀୟ ଗୀତ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହର ସମେତ ମହାନଗର ନିଗମର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପଶ୍ଚିମ ଓଡ଼ିଶାର ମହାନ କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଇଁ ହେବାକୁ ଥିବା ନୂଆଖାଇ ଭେଟଘାଟ – ୨୦୨୩ ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ପ୍ରତିଯୋଗିତାକୁ ଜୁହାର ପରିବାର ପ୍ରଫୁଲ୍ଲ କୁମାର ଦାଶ, ସତ୍ୟନାରାୟଣ ଠାକୁର, ଅରବିନ୍ଦ ନାୟକ ଓ ରାଜେଶ ବେହେରା ପରିଚାଳନା କରିଥିଲେ। ସଭ୍ୟମାନେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜୁହାର ପରିବାର ପକ୍ଷରୁ ଆସନ୍ତା ନୂଆଖାଇ ଭେଟଘାଟରେ ପୁରସ୍କୃତ କରାଯିବ। ଗୀତରେ ବିଭୂତିଭୂଷଣ ପଟ୍ଟନାୟକ, ତ୍ରିଲୋଚନ ତ୍ରିପାଠୀ, ବକ୍ତୃତାରେ ଡ.ପରେଶ ଚନ୍ଦ୍ର ଦାନୀ ଓ ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା, ଚିତ୍ରାଙ୍କନରେ ବନ୍ଦନା ପଣ୍ଡା ଓ ସୁଜାତା ବେହେରା ବିଚାରକ ଭାବେ ଥିଲେ।

# ପଡ଼ିଆବାହାଲରେ ଭାଜପାର ବୈଠକ

ପଡ଼ିଆବାହାଲ,୧୦।୯
(ରାଧାମୋହନ ଷଡଙ୍ଗୀ)

ଭାରତୀୟ ଜନତା ପାର୍ଟି (ଭାଜପା) ପଡ଼ିଆବାହାଲ ମଣ୍ଡଳ ପକ୍ଷରୁ ଖଲିଆପାଲି ଆରଏମସି ପ୍ରାଙ୍ଗଣରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ବିନୋଦ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଗିରିଶ ପଟେଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଦଳୀୟ ସଙ୍ଗଠନ ଉପରେ ଆଲୋଚନା ହୋଇଥିଲା। ଦଳ କିଭଳି ଭାବେ ଅଞ୍ଚଳରେ ସଙ୍ଗଠିତ ହେବ ସେନେଇ ସମସ୍ତେ ମତ ପ୍ରକାଶ କରିଥିଲେ। ଭାଜପା ମଣ୍ଡଳ ଜୋନ ୧ ଓ ଜୋନ ୨ର କର୍ମୀ, ପୁରୁଖା ବରିଷ୍ଠ କର୍ମୀମାନେ ଯୋଗ ଦେଇଥିଲେ। ନୂତନ ଯୋଗଦାନ କରିଥିବା ନେତ୍ରୀ, ନେତାମାନେ ପୁରୁଣା କର୍ମକର୍ତ୍ତାଙ୍କୁ ଅବହେଳା କରୁଥିବା, ତାଙ୍କ ଠାରୁ ଉନ୍ନୟନ କାମ, ସଙ୍ଗଠନ କାମରେ ମତ ଓ ପରାମର୍ଶ ନେଉନାହାନ୍ତି ବୋଲି ଅଭିଯୋଗ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଭାରେ ପ୍ରମୋଦ କୁମାର ମିଶ୍ର, ଦେବାନନ୍ଦ ଭୁସାଗର, ସୂର୍ଯ୍ୟ ପାଣିଗ୍ରାହୀ, ଅମୂଲ୍ୟ ସାହୁ, ରୋହିତ ପଧାନ, ଅନିତା ପଧାନ, ନରେଶ ପଧାନ, ଟିଙ୍କି ପଧାନ, ଅଶୋକ ରାୟ, ମିତ୍ରଭାନୁ ପଧାନ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହିଥିଲେ।

# ସୁସ୍ଥ ସମାଜ ଗଠନରେ ସେତୁ ହୁଅନ୍ତୁ ଛାତ୍ର ସମାଜ

ସମ୍ବଲପୁର,୧୦।୯( ଶୁଭାଶିଷ ପାଢୀ)

## ଭିସୁଟରେ ୩ ଦିନିଆ କର୍ମଶାଳା

ସମ୍ବଲପୁର ବୁର୍ଲା ଭିସୁଟରେ ଇ ଲାରନିଙ୍ଗ ସେଣ୍ଟରେ ୩ ଦିନିଆ କର୍ମଶାଳା ଉଦ୍ଯାପିତ ହୋଇଯାଇଛି। ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେଯେ, ଶିକ୍ଷା କ୍ଷେତ୍ରରେ ମାନବିକ ମୂଲ୍ୟବୋଧର ଗୁରୁତ୍ୱ ରହିଛି। ଛାତ୍ରୀଛାତ୍ରମାନଙ୍କର ଏଦିଗରେ ଉନ୍ନତି ଆଣିବା ଆବଶ୍ୟକତା ରହିଛି। ପାରସ୍ପରିକ ସହଯୋଗରେ ସାମଗ୍ରିକ ବିକାଶ ହୋଇଥାଏ। ବିଭିନ୍ନ ସମସ୍ୟା ଆମ ସମାଜରେ ଦେଖା ଦେଉଛି। ମାନବିକ ମୂଲ୍ୟବୋଧର ଅଭାବ ଦେଖାଦେଉଛି। ସମାଜକୁ ରହିବା ପାଇଁ ଏକ ଉତ୍ତମ ସ୍ଥାନ କରିବାକୁ ଚେଷ୍ଟା କରିବାରେ ଛାତ୍ର ସମାଜ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ପ୍ରାୟ ୯୨ ଅଧ୍ୟାପକଙ୍କ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ରାମକାନ୍ତ ପାଣିଗ୍ରାହୀ, ପ୍ରଫେସର ସଞ୍ଜୟ ଅଗ୍ରୱାଲ, ପ୍ରଫେସର ପ୍ରଶାନ୍ତ ନନ୍ଦା, ପ୍ରଫେସର ସଞ୍ଜୟ କୁମାର ପାତ୍ରୋ, ପ୍ରଫେସର ସରୋଜ କୁମାର ଷଡଙ୍ଗୀ, ପ୍ରଫେସର ହରିଶ କୁମାର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। ଡକ୍ଟର ସୁଦର୍ଶନ ରଞ୍ଜନ ଦାସ, ଡକ୍ଟର ରବୀନ୍ଦ୍ର କୁମାର ରାଉତ, ଡକ୍ଟର ତାରାପ୍ରସନ୍ନା ଦାଶ, ରୁପାଲିମ ପାଟଗିରି ସହଯୋଗ କରିଥିଲେ।


ସମ୍ବଲପୁର ଭିସୁଟରେ କର୍ମଶାଳା।

# ପଡ଼ିଆବାହାଲ ଦୁର୍ଗାପୂଜା: ପାଳନ କରିବ ସୁବର୍ଣ୍ଣ ଜୟନ୍ତୀ

ପଡିଆବାହାଲ, ୧୦।୯
(ରାଧାମୋହନ ଷଡ଼ଙ୍ଗୀ)

ଚଳିତବର୍ଷ ପଡିଆବାହାଲରେ ଦୁର୍ଗାପୂଜା ସୁବର୍ଣ୍ଣଜୟନ୍ତୀ ପାଳନ କରିବାକୁଯାଉଥିବାରୁ ବହୁ ଯାକଜମକରେ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ବୈଠକରେ ପୂର୍ଣ୍ଣାଙ୍ଗ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ପଡ଼ିଆବାହାଲ ଦୁର୍ଗା ପୂଜା କମିଟି ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ଜନଗହଳି ବଢିବା ଆଶା କରାଯାଉଛି। ଦୁର୍ଗାପୂଜା ସହିତ ଏହି ଅଞ୍ଚଳରେ ବୈଶିଷ୍ଟ୍ୟ ରହୁଥିବା ରାମଲୀଳାକୁ ଅଧିକ ଆକର୍ଷଣୀୟ କରାଯାଇ ରାବଣ ପୋଡି ଆତସବାସୀକୁ ମଧ୍ୟ ନୂଆଁ ରଙ୍ଗରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ସୁବର୍ଣ୍ଣ ଜୟନ୍ତୀକୁ ଏକ ମହୋତ୍ସବରେ ପାଳନ କରିବା ନେଇ ଆଲୋଚନା ହୋଇଥିଲା। ରାମାୟଣ ପାରାୟଣ, ରାଜ୍ୟର ବିଭିନ୍ନ ଲୋକ ନୃତ୍ୟ, ପାଲା, ସଂକୀର୍ତ୍ତନ, ହାସ୍ୟ ରସ, ଦେବଦାସୀ ନୃତ୍ୟ, ଦଣ୍ଡ, ଘୁଡୁକା, ଭରଭା ନାଚ ସହିତ ମେଲୋଡି, ଭଜନ ସମାରୋହ ପ୍ରଭୃତି କାର୍ଯ୍ୟକ୍ରମ ଅକ୍ଟୋବର୍ ୨୦ତାରିଖ ବେଲବରଣରୁ ୨୪ ତାରିଖ ପୂର୍ଣ୍ଣାହୁତି ରାବଣବଧ ଓ ରାବଣ ପୋଡ଼ିଯାଏ ୫ ଦିନ ଧରି ଚାଲିବ। ଏହି ମହୋତ୍ସବ ପାଳନ ପାଇଁ ରବିବାର ସଭାପତି ସୁବୋଧ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଏକ ସ୍ମରଣୀକା ପ୍ରକାଶ ପାଇବ। ଏଥିରେ ଦୁର୍ଗା ଦେବୀଙ୍କ ସମ୍ପର୍କରେ ବିଭିନ୍ନ ଆଲେଖ୍ୟ ସହିତ ପଡ଼ିଆବାହାଲ ଦୁର୍ଗାପୂଜାକୁ ନେଇ ବିଭିନ୍ନ ଅନୁଭୂତି ଭିତ୍ତିକ ଲେଖା ଲେଖକମାନଙ୍କଠାରୁ ଆହ୍ୱାନ କରାଯାଇଛି। ସ୍ମରଣୀକା ପାଇଁ ଡା.ରାଜାରାମ ଷଡଙ୍ଗୀ ସମ୍ପାଦକ ସ୍ମରଣୀକା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ,ପଡିଆବାହାଲ ସମ୍ବଲପୁର ଠିକଣାରେ କିମ୍ବା ୯୪୩୭୪ ୦୫୪୫୫ ଓ ୯୪୩୭୪ ୦୨୮୯୨ ଅଶୋକ କୁମାର ପୁରୋହିତଙ୍କ ହ୍ୱାଟ୍ସଅପରେ ଲେଖା ପଠାଇବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତବର୍ଷ ରାବଣ ଭୂମିକାରେ କୁସୁମୀର ବିଭୂତି ପଟେଲ ଅଭିନୟ କରିବାକୁ ନିଜର ସମ୍ମତି ପ୍ରଦାନ କରିଛନ୍ତି। ସଭାରେ ରାମଲୀଳାର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମିଶ୍ର, ଉପସଭାପତି ଆଶୁତୋଷ ପଣ୍ଡା, ହରିହର ନାୟକ, ରବିନାରାୟଣ


ପଡିଆବାହାଲରେ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ବୈଠକ।

ବେହେରା, ସମ୍ପାଦକ ଅଶୋକ ରାୟ, ଅଶୋକ କୁମାର ପୁରୋହିତ, ବିଜୟ ମେହେର, ମନୋଜ ସାହୁ, ରାଧାମୋହନ ଷଡଙ୍ଗୀ, ଶରତ ସାହୁ, ନନ୍ଦି କିଶୋର ସାହୁ, ମିତ୍ରଭାନୁ ପ୍ରଧାନ, ଆନନ୍ଦ କୁମାର ପଣ୍ଡା, ଅକ୍ଷୟ କୁମାର ନାୟକ, ଅମୂଲ୍ୟ ପୂଜାରି, ପ୍ରମୋଦ ମଗର, ଦୁର୍ଗେସ ସାହୁ, ଅଭିଷେକ ବଡପଣ୍ଡା, ଡା.ରାଜାରାମ ଷଡଙ୍ଗୀ ପ୍ରମୁଖଙ୍କ ସହିତ ବହୁ ସଭ୍ୟ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀକୁ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା, ଏହାକୁ ରାତ୍ର ୧୦ଟା ମଧ୍ୟରେ ସୀମିତ ରଖିବାକୁ ଧାର୍ଯ୍ୟ କରାଯାଇଛି। ଆୟୋଜିତ ମହୋତ୍ସବରେ ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ ସହିତ କ୍ଷମତାରେ ରହିଥିବା ବିଭିନ୍ନ ଜନପ୍ରତିନିଧି,ବିଭିନ୍ନ ଦଳର ରାଜନୈତିକ ନେତା, ବୁଦ୍ଧିଜୀବୀ, ବାହାରେ ରହୁଥିବା ଅଞ୍ଚଳର ବିଭିନ୍ନ ବାସିନ୍ଦାମାନଙ୍କୁ ନିମନ୍ତ୍ରଣ କରିବା ସହିତ ପୁରୁଖା ଉଦ୍ୟୋକ୍ତା ଓ ତାଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ସଂକ୍ଷେପରେ

### ଶିକ୍ଷୟିତ୍ରୀ ଲକ୍ଷ୍ମୀ ବରର୍ତ୍ତୀଙ୍କୁ ମେଦିନୀପୁରରେ ଭବ୍ୟ ସମ୍ବର୍ଦ୍ଧନା

ଭବାନୀପାଟଣା,୧୦।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡିଜିଲା ସି.ଟି. ପ୍ରାଥମିକଶିକ୍ଷକସଂଘ ପକ୍ଷରୁ ଗତ ୫ ତାରିଖରେ ଭବାନୀପାଟଣା ଅମଲା ଭବନରେ ଜିଲାସ୍ତରୀୟ ଗୁରୁଦିବସ ପାଳନ ହୋଇଥିଲା। ଏହି ଅସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବରର୍ତ୍ତୀଙ୍କୁ କଳାହାଣ୍ଡି ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ବରର୍ତ୍ତି ଭବାନୀପାଟଣା ସଦର ବ୍ଲକ ମେଦିନୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଏପରିସ୍ଥଳେ ସ୍ଥାନୀୟ ବିଦ୍ୟାଳୟସ୍ତରରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ପ୍ରଦୀପ ସାହୁ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ର ସହଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ, ପ୍ରତିଭା ଦାଶ, ନିଶାମଣୀ ଦେଈ, କଲ୍ୟାଣୀ ଦାଶଙ୍କ ସହ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ମଞ୍ଜୁରୀ ନାଗ, ଉପାଧକ୍ଷ ଆଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ବିନା ସୂଚନା ଫଳକରେ ଚାଲିଛି ରାସ୍ତା କାମ



ନୂଆପଡ଼ା,୧୦।୯(ମକାରୁ ବେମାଲ)

କେନ୍ଦ୍ର ତଥା ରାଜ୍ୟ ସରକାର ଜନସାଧାରଣଙ୍କ ଗମନାଗମନ ପାଇଁ ବିଭିନ୍ନ ଯୋଜନା କରି ପକ୍କା ରାସ୍ତା ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅସାଧୁ ଠିକାଦାର ଓ ଦୁର୍ନୀତି ଖୋର ବିଭାଗୀୟ ଅଧିକାରୀମାନଙ୍କ ପାଇଁ ରାସ୍ତାର ଅବସ୍ଥା ମାସେ ନ ପୂରୁଣୁ ବେହାଲ ହୋଇଯାଉଛି। ନୂଆପଡା ଜିଲା କୋମନା ସଦର ପଞ୍ଚାୟତ ସିଙ୍ଗାରିଠାରୁ ବଲାଙ୍ଗୀର ଜିଲା ସୀମାନ୍ତ ପର୍ଯ୍ୟନ୍ତ ରାସ୍ତା କାମ ହେଉଥିବା ବେଳେ ନିମ୍ନମାନର କଂକ୍ରିଟ କରଣ ହୋଇଥିବା ଅଭିଯୋଗ ହେଉଛି। ବିନା ନାମ ଫଳକରେ କାମ ଚାଲିଥିବାରୁ ବ୍ୟୟ ଅଟକଳ ଜଣା ପଡିନାହିଁ। ଅନୁମାନିକ ପାଖା ପାଖି ୨ କୋଟିରୁ ବ୍ୟୟ ଅଟକଳରେ କାମ ହେଉଥିବା ଅନୁମାନ କରାଯାଉଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ବିନା ନାମ ଫଳକରେ କାମ ଚାଲିଛି। କଂକ୍ରିଟ କାମରେ ନିମ୍ନମାନର ବାଲି, ଗେଟି, ସିମେଣ୍ଟ ଦିଆଯାଉଛି। କଂକ୍ରିଟ କରିବା ସମୟରେ ବିନା ଭାଇବ୍ରେଟରରେ କାମ କରାଯାଉଛି। ସିଙ୍ଗାରି ଗାଁ ଭିତରେ ଡ୍ରେନ ନ କରି କଂକ୍ରିଟ କରିଥିବାରୁ ବର୍ଷା ହେଲେ ଗାଁ ଦାନ୍ତରେ ବର୍ଷା ପାଣି ଜମି ରହୁଛି। କାମ ଚାଲିଲା ବେଳେ କୌଣସି ଯନ୍ତ୍ରୀ ଯାଇ ନ ଥିଲେ। ଠିକାଦାର ନିଜ ମନମୁଖୀ କାମ କରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ନାଏକଙ୍କୁ ପଚାରିବାରୁ ମୁଁ ଯାଇ ତଦନ୍ତ କରିବା ପରେ କହି ପାରିବି ବୋଲି କହିଥିଲେ।

# ଫାଟ ମରାମତି, ମୋରମ ପକାଇ ଲୁଚାଇବା ଉଦ୍ୟମ




କୋଠାରେ ହୋଇଥିବା ଫାଟ, ଏବେ ମୋର ପକାଇ ଘୋଡାଇ ଦିଆଯାଉଛି।

ଲୋଇସିଂହା, ୧୦।୯(ସୁଶାନ୍ତ ବାରିକ)

**ଆଗଲପୁର ବ୍ଲକ ମିଶନ ଶକ୍ତି ଭବନ କାନ୍ଥରେ ଫାଟ ଘଟଣା**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମିଶନ ଶକ୍ତି ଭବନ କାର୍ଯ୍ୟକ୍ଷମ ହୋଇନାହିଁ। ହେଲେ କାର୍ଯ୍ୟାଳୟ ବ୍ୟବହାର ପୂର୍ବରୁ କାନ୍ଥ ଚାରିପଟେ ଫାଟ ସୃଷ୍ଟି ହୋଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ କୋଠାର ଏପରି ଦୁରାବସ୍ଥାକୁ ଦେଖିଲା ପରେ ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଥିଲେ। ଏ ସଂକ୍ରାନ୍ତରେ ଧରିତ୍ରୀରେ କାର୍ଯ୍ୟକ୍ଷମ ହୋଇନି, କାନ୍ଥରେ ଫାଟ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଇଛନ୍ତି। ଫାଟକ ମରାମତି କାମ ଚାଲିଛି । ଏହାବ୍ୟତୀତ ସେହି ସ୍ଥାନରେ ମୋରମ ପକାଇ ଦୋଷ ଲୁଚାଇବାକୁ ଉଦ୍ୟମ ଚାଲିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

୨୦୨୨-୨୩ ଆର୍ଥିକ ବର୍ଷରେ ପିଡବ୍ଲୁଡି ବିଭାଗ ପକ୍ଷରୁ ବ୍ଲକ (ଡୁଡୁକା) ପରିସରରେ ମିଶନ ଶକ୍ତି ଭବନ ନିର୍ମାଣ ହୋଇଛି । କୋଠା ନିର୍ମାଣ ବାବଦକୁ ୫୦ଲକ୍ଷ ବ୍ୟୟ ହୋଇଛି। ଗତ ଜୁଲାଇ ୭ ତାରିଖରେ ନବନିର୍ମିତ ମିଶନ ଶକ୍ତି ଭବନକୁ ଜିଲା ପରିଷଦ ଅଧ୍ୟକ୍ଷା ଦେବାକୀ ସାହୁ ଲୋକାର୍ପଣ କରିଥିଲେ। ଲୋକାର୍ପଣର ଅଳ୍ପଦିନରେ କୋଠାର ଅବ୍ୟସ୍ଥାକୁ ନେଇ ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ କୋଠା କାମ ଦୁର୍ନୀତିକୁ ନେଇ ବ୍ଲକ ଭାଜପା ପକ୍ଷରୁ ଅଙ୍ଗୁଳି ଉଠାଇବା ସହ ଏଠି କୁଆଡେ ଗଲା ୫-ଟି ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସେତେବେଳେ ଏସ୍‌ଡିଓ ଉଦୟଚରଣ ବେହେରା ପଚାରିବାରୁ ସେ ନିଜେ କ୍ଷେତ୍ର ପରିଦର୍ଶନ କରିବେ ବୋଲି କହିଥିଲେ । ଅଦ୍ୟାବଧି ସେ କ୍ଷେତ୍ର ପରିଦର୍ଶନ କରି ନାହାନ୍ତି। ମରାମତି କରି ଦୋଷ ଲୁଚାଇବାକୁ ପ୍ରୟାସ କରାଯାଉଥିବା ଅଭିଯୋଗ ହେଉଛି । ମିଶନ ଶକ୍ତି ଭବନ ଓ ନିର୍ମାଣାଧୀନ ବ୍ଲକ ସଭାଗୃହ ମଝିରେ ମୋରମ ପକାଇ ଦିଆଯାଉଛି । ଫଳରେ ଲୋକଙ୍କୁ ଫାଟ ମରାମତି ସ୍ଥାନ ଆଉ ଦେଖା ଯିବ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଦୁର୍ଯ୍ୟୋଧନ କୁମ୍ଭାର କହିଛନ୍ତି ସେତେବେଳେ ମୋରମ ପକାଯାଇ ପାରି ନ ଥିବାରୁ ଏସବୁ ସମସ୍ୟା ହେଲା । ମରାମତି ଚାଲିଛି ୨ରୁ ୩ଦିନ ମଧ୍ୟରେ କାମ ସରିଯିବ । ଫ୍ରେମ ଷ୍ଟ୍ରକଚରରେ ଏସବୁ ଜିଣିଷ ହୋଇଥାଏ, କିଛି ଅସୁବିଧା ହେବନାହିଁ ବୋଲି କହିଛନ୍ତି। ସାଧାରଣ ଲୋକେ କ'ଣ କହିବେ, କେଉଁଟା ସୁରକ୍ଷିତ ଓ ଅସୁରକ୍ଷିତ ଆମେ କହି ପାରିବୁ ବୋଲି କହିଛନ୍ତି।

# ବୃହତ୍ତର ଶ୍ରମଜୀବୀ ଆନ୍ଦୋଳନ ପାଇଁ ଆହ୍ୱାନ

ବଲାଙ୍ଗୀର, ୧୦।୯(ବୀରେନ୍ଦ୍ର କୁମାର ଝାଙ୍କର)

**ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘ ଅଧିବେଶନ**

ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘର ସାଧାରଣ ଅଧିବେଶନ ରବିବାର ମୀନା ଗେଷ୍ଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା ତଥା କୋସଲବାଦୀ ନେତା ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲାର ଶତାଧିକ ଶ୍ରମିକ ଯୋଗଦାନ କରିଥିଲେ। ଶ୍ରମିକ ଶ୍ରେଣୀର ସ୍ୱାର୍ଥର ସୁରକ୍ଷା ତଥା ଅଞ୍ଚଳର ବିକାଶ ପାଇଁ ଆଗାମୀ ଦିନରେ ବୃହତ୍ତର ଶ୍ରମଜୀବୀ ଆନ୍ଦୋଳନ ଗଢି ତୋଳିବାକୁ ମିଶ୍ର ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ବିଭୂତ ଶଙ୍କର ବିନ୍ଧାଣୀ ସମ୍ମିଳନୀକୁ ସଞ୍ଚାଳିତ କରିବା ସହ ୟୁନିଅନର ସାଙ୍ଗଠନିକ ରିପୋର୍ଟ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ଶ୍ରମିକ ନେତା ରବି ଶଙ୍କର ମିଶ୍ର, କର୍ମଚାରୀ ନେତା ସୀମାଞ୍ଚଳ ପଣ୍ଡା, ସଂଘ ବରିଷ୍ଠ ସଙ୍ଗଠକ ଜ୍ୟୋତି ରଞ୍ଜନ ମହାନ୍ତି, ସଜ୍ଜନ ବାରିକ ଉପସ୍ଥିତ ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେଇଥିଲେ । ମଞ୍ଚରେ ୟୁନିୟନର ବଲାଙ୍ଗୀର ଡିଭିଜନ ସମ୍ପାଦକ କଷ୍ଟୁ ବେହେରା, ଟିଟିଲାଗଡ ଡିଭିଜନ ସମ୍ପାଦକ ଚନ୍ଦ୍ରଭାନୁ ବେହେରା ଓ ସୋନପୁର ଡିଭିଜନ ସମ୍ପାଦକ ଶେକ୍ ଅଲ୍ଲି ମୁଦିନ ମଞ୍ଚାସୀନ ଥିଲେ । ଆଗାମୀ ଦିନରେ ଟାଟା ପାୱାରର କର୍ମଚାରୀ ବିରୋଧୀ ନୀତି ବିରୋଧରେ ତଥା ଅସ୍ଥାୟୀ ଆଉଟ ସୋର୍ସିଂ କର୍ମଚାରୀଙ୍କ ସ୍ଥାୟୀକରଣ, ରେଗୁଲାର ଦରମା ଓ ଅନ୍ୟାନ୍ୟ ସୁବିଧା ଓ ଚାକିରି ସୁରକ୍ଷା ପାଇଁ ବିରାଟ ଆନ୍ଦୋଳନ କରିବାକୁ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ରଣରାଜ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ସଫଳତା ପାଇଁ ସମାଜସେବୀ ସ୍ୱଦେଶ ବେହେରା, କର୍ମଚାରୀ ନେତା କମଳ ରାଉତ, ଜ୍ୟୋତି ରଞ୍ଜନ ମିଶ୍ର, କିଟୁ ଶବର, ହେମନ୍ତ ପଧାନ ବିଶେଷ ସହଯୋଗ କରିଥିଲେ। ଆଗାମୀ ନଭେମ୍ବର ମାସରେ ବଲାଙ୍ଗୀର ଠାରେ ବିଶାଳ ଶ୍ରମିକ ସମାବେଶ କରିବାକୁ ଏହି ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା।



ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘର ସାଧାରଣ ଅଧିବେଶନରେ ମଞ୍ଚାସୀନ ଅତିଥି।

# ଘୁଚାପାଲି(ବରଗଡ଼) ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ନୂଆପଡ଼ା,୧୦।୯(ମକାରୁ ବେମାଲ)

**୧୫ତମ ଇଣ୍ଡିପେଣ୍ଡେନ କପ୍ ଫୁଟ୍‌ବଲ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧି ମିନଷ୍ଟାଡିୟମରେ ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୫ତମ ଆନ୍ତଃଜିଲା ଇଣ୍ଡିପେଣ୍ଡେନ କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ନୂଆପଡା ଓ ଘୁଚାପାଲି (ବରଗଡ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଘୁଚାପାଲି ନୂଆପଡାକୁ ୧-୦ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ଫୁଟବଲ ଆସୋସିଏଶନ ସଭାପତି ଦୁଃଖଭଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ ଅନ୍ୟତମ ଅତିଥି, ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ, ନୂଆପଡା ନିର୍ମାଣ ସେବା ସଂଘ ସଭାପତି ହେମନ୍ତ କର, ଗରିବସେନା ସଭାପତି ରବି ମଙ୍ଗରାଜ, ପଲସିପାଣି ସରପଞ୍ଚ ଗଙ୍ଗାରାମ ଢ଼ାଝି, ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ, ଗୋପମଣି ପାଣିଗ୍ରାହୀ, ଅମୀୟ ଦାସ, ସରଜୁ ନିଆଲ, ପ୍ରଫୁଲ୍ଲ ଦୁରିଆ, ମୁନ୍ନା ରାମ ଅହିର, ଗଦାଧର ଗହିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରେମୀ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଘୁଚାପାଲି ଚାମ୍ପିୟନ ଦଳ ଓ ରନର ଅଫ ନୂଆପଡା ଦଳକୁ ମୁଖ୍ୟଅତିଥି ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ତାପସ କୁମାର ପତି, ସୌରଭ ଭୂଷଣ ପଣ୍ଡା ଓ ଅମୁଲ୍ୟ କୁମାର ବାରିକ ଖେଳ ପରିଚାଳନା କରିଥିବା ବେଳେ ପରଶରାମ ଅହିର ଧାରା ବିବରଣି ଶୁଣାଇଥିଲେ। ଅନୁଷ୍ଠାନ ଉପସଭାପତି ଅଜୟ ଅହିର, ସମ୍ପାଦକ ଦୟାଲାଲ ଅହିର, ସଞ୍ଜିବ ପାଣିଗ୍ରାହୀ, ଭୋଜରାମ ଅହିର, ରୁପଧର ତାଣ୍ଡି, କୁମୁଦ ବନଛୋର ଆୟୋଜନ କରିଥିବା ବେଳେ ବିନୋଦ ବନଛୋର, ଅଜୟ ଗହିର, ସୌମ୍ୟ ରଞ୍ଜନ ବାରିକ, ସୁଜିତ ବିଶି, ଆଦିତ୍ୟ ବିଶି, ସୋନୁ ବିଶି, ରାହୁଲ ରଣା ପ୍ରମୁଖ ସହଯୋଗ କରିଥିଲେ।

### ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

କେସିଙ୍ଗା,୧୦।୯(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କମଳାକାନ୍ତ ନର୍ସିଂ ଓ ହେଲଥ ସାଇନ୍ସ କଲେଜରେ ଭୁବନେଶ୍ୱର ସାଇ ସବୁରି ହସ୍ପିଟାଲର ଚେୟାରମ୍ୟାନ ଡ଼.ଶାରଦା ମିଶ୍ର ଓ ନିରୋଜ ପଟ୍ଟନାୟକ ଡ଼ାଇରେକ୍ଟରଙ୍କ ନେତୃତ୍ୱରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ଆଖପାଖ ଅଞ୍ଚଳରୁ ରୋଗୀମାନେ ଯୋଗଦେଇ ମାଗଣାରେ ଔଷଦ ଓ ସ୍ୱାସ୍ଥ୍ୟ ଚିକିତ୍ସା ସେବା ପାଇଥିଲେ। ଭୁବନେଶ୍ୱରରୁ ଆସିଥିବା ଡ଼.ବିଶ୍ୱଜିତ ଛୋଟରାୟ, ଡ଼.ମନ୍ମଥ ରାୟବାହାଦୁର, ଡ଼.ପ୍ରେମ ଜ୍ୟୋତି ବାରିକଙ୍କ ସମେତ ମେଡ଼ିସିନ ସ୍ପେସାଲିଷ୍ଟ, ଅସ୍ଥିଶୈଲ୍ୟ, ଫିଜିଓଥେରାପି, ଟେକନିକାଲ ବିଭାଗ କର୍ମଚାରୀମାନେ ରୋଗୀମାନଙ୍କୁ ଚିକିତ୍ସା କରି ମାଗଣାରେ ଔଷଧ ପ୍ରଦାନ କରିଥିଲେ। କେସିଙ୍ଗା ଅଞ୍ଚଳରେ ବାସ କରୁଥିବା ଗରିବ ଶ୍ରେଣୀର ଲୋକଙ୍କୁ ମାଗଣାରେ ଓ ଠିକ ଭାବେ ଚିକିତ୍ସା ଯୋଗାଇ ଦେବା ପାଇଁ କେସିଙ୍ଗା ଶିଳ୍ପାଞ୍ଚଳରେ ୫୦୦ଶର୍ଯ୍ୟା ବିଶିଷ୍ଟ ହସ୍ପିଟାଲ ଖୋଲିବା ପାଇଁ ଜିଲା ପ୍ରଶାସନ ଅନୁମତି ମଗାଯାଇଛି। ଅନୁମତି ମିଳିଲେ, ନୂତନ ହସ୍ପିଟାଲ ନିର୍ମାଣ ହେବ ବୋଲି ସାଇ ସବୁରି ହସ୍ପିଟାଲର ଚେୟାରମ୍ୟାନ ଡ଼. ଶାରଦା ମିଶ୍ର ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଏହି କଲେଜ ପରିଚାଳକ ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଚେୟାରମ୍ୟାନ କଲେଜ ପରିସରରେ ବୃକ୍ଷ ରୋପଣ ମଧ କରିଥିଲେ।

### ଭର୍ଗୋଜ୍ୟୋତି ଏଷ୍ଟ୍ରୋ ରିସର୍ଚ୍ଚ ସେଣ୍ଟରର ବାର୍ଷିକ ଉତ୍ସବ

ବଲାଙ୍ଗୀର,୧୦।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ବାଳିକା ହାଇସ୍କୁଲ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଭର୍ଗୋଜ୍ୟୋତି ଏଷ୍ଟ୍ରୋ ରିସର୍ଚ୍ଚ ସେଣ୍ଟରର ୨୦ତମ ବାର୍ଷିକ ଉତ୍ସବ ଏବଂ ପାଟଣାଗଡ ଜ୍ୟୋତିର୍ବିଜ୍ଞାନ ବିକାଶ ପରିଷଦର ୬ଷ୍ଠ ତମ ଅଧିବେଶନ ମିଳିତ ଭାବେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ବିଜ୍ଞ ଜ୍ୟୋତିଷମାନଙ୍କ ଆଲୋଚନାକ୍ରମେ ବୈଦିକ ଜ୍ୟୋତିଷର ଉନ୍ନତି, ଏହି ବିଦ୍ୟାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଇଥିଲା। ପଣ୍ଡିତ ଟୀକେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପଦ୍ମମୁଖ ଶତପଥି, ସମ୍ପାଦକ ଶରତ ଚନ୍ଦ୍ର ଶତପଥି ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ପୁରୁଷୋତ୍ତମ ଦାଶ, ସୁରେନ୍ଦ୍ର କୁମାର ମିଶ୍ର, ରାଧେଶ୍ୟାମ ମେହେର, ଆଲୋକ ରଞ୍ଜନ ଶତପଥି, ବ୍ୟାସଦେବ ମିଶ୍ର, ଅଭିମନ୍ୟୁ ମିଶ୍ର, ସିଦ୍ଧେଶ୍ୱର ପାଣିଗ୍ରାହୀ, ଅଶୋକ ନନ୍ଦ ସହଯୋଗ କରିଥିଲେ। ପଣ୍ଡିତ ଶରତ ଚନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ୩୦ ଜଣଙ୍କୁ ମାନପତ୍ର ଦିଆଯାଇଥିଲା।



ବଲାଙ୍ଗୀର ଭର୍ଗୋଜ୍ୟୋତି ଏଷ୍ଟ୍ରୋ ରିସର୍ଚ୍ଚ ସେଣ୍ଟରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ତରବୋଡ଼ ସପ୍ତାହିକ ହାଟ ପଡ଼ିଆ ପାଇଁ ଜମି ଚିହ୍ନଟ

ନୂଆପଡ଼ା,୧୦।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତବୋଡ ସପ୍ତାହିକ ହାଟ ପଡିଆ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଗାଁ କିଛି ଲୋକ ହାଟ ପଡିଆକୁ ନିଜ ଅଧୀନରେ ନେଇ ଯାଉଥିଲେ। ଏହାକୁ ଦେଖି ସ୍ଥାନୀୟ ସରପଞ୍ଚ ଶ୍ୟାମ ସୁନ୍ଦର ପୃଷ୍ଟି ଜମି ଚିହ୍ନଟ ପାଇଁ ନୂଆପଡା ଉପଜିଲାପାଳ ଓ କୋମନା ତହସିଲଦାରଠାରେ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଉପଜିଲାପାଳ ସୁବାଷ ଚନ୍ଦ୍ର ରଏତ, ତହସିଲଦାର ଅଶୋକ କୁମାର ମିଶ୍ର, ରାଜସ୍ୱ ନିରିକ୍ଷକ ନଳିନୀ ରଞ୍ଜନ ମିଶ୍ର, ରାଜସ୍ୱ ପର୍ଯ୍ୟବେକ୍ଷକ ଅକ୍ଷୟ କୁମାର ନାଏକ, କୋର୍ଟ ଅମିନ ଉମେଶ ଚନ୍ଦ୍ର ମାଝି, ନିର୍ବାଚିତ ପ୍ରତିନିଧି ଓ କୋମନା ଏବଂ ତରବୋଡ ପୋଲିସଙ୍କ ଉପସ୍ଥିତରରେ ସପ୍ତାହିକ ହାଟ ପଡିଆ ଜମି ଚିହ୍ନଟ ହୋଇଥିଲା। ଜମି ଚିହ୍ନଟରୁ ଜଣାପଡିମଲା ଯେ, ଖାତା ନଂ. ୩୯୦ରୁ ୧୨୦୮, ୧୨୧୨, ୧୨୧୪, ୧୧୧୮ ଓ ୧୧୧୯ ପ୍ଲଟରେ ମୋଟ ଏ.୧.୮୬ ଡିସମିଲ ଜମି ରହିଥିବା ଜଣାପଡିଥିଲା। ସେହି ଭିତରୁ ୧୧୧୮ ପ୍ଲଟକୁ ୨ଜଣ ବ୍ୟକ୍ତି ନିଜ ଅଧିନରେ ନେବା ପାଇଁ କାଗଜାତ କରିଥିବା ଜଣାପଡିଛି। ହାଟ ପଡିଆ ସ୍ଥାନରେ କିଛି ବ୍ୟକ୍ତି ଘର ମଧ୍ୟ ନିର୍ମାଣ କରିଛନ୍ତି। ଏ ସଂକ୍ରାନ୍ତରରେ ଉପଜିଲାପାଳ ରଏତାଙ୍କୁ ପଚାରିବାରୁ ସପ୍ତାହିକ ହାଟ ପଡିଆ ଜମି ଚିହ୍ନଟ ହୋଇଯାଇଛି। ବହୁତ ଶୀଘ୍ର ବାଡା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଯେଉଁମାନେ ଜମି ଉପରେ ମାଡି ବସିଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସପ୍ତାହିକ ହାଟ ପଡିଆ ପୂର୍ବରୁ ୩/୪ ଏକର ଜମି ରହିଥିଲା। ଗାଁର କିଛି ଲୋକ ନିଜ ହାତକୁ ନେଇ ପଟ୍ଟା କରି ସାରିଛନ୍ତି। ଅଳ୍ପ କିଛି ଜମି ରହିଛି। ସେହି ଜମି ଉପରେ ମଧ୍ୟ ତାଙ୍କର ନଜର ରହିଛି। ଜମି ଚିହ୍ନଟ ସରିଛି ବହୁତ ଶୀଘ୍ର ବାଡା କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ଥାନୀୟ ସରପଞ୍ଚ ପୃଷ୍ଟି କହିଛନ୍ତି।



ଅଧିକାରୀମାନେ ଜମି ଚିହ୍ନଟ କରୁଛନ୍ତି।

# ଆସନ୍ନ ମରୁଡ଼ି ପ୍ରତିହତ ପାଇଁ ଇନ୍ଦ୍ରଦେବଙ୍କ ପୂଜା

କୋକସରା,୧୦।୯
(ଦୁଷ୍ମନ୍ତ କୁମାର ପାଟଯୋଶୀ)



ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ବର୍ଷା ପାଇଁ ଶରଣାପନ୍ନ ହେଲେ ବଙ୍ଗୋମୁଣ୍ଡା ଗ୍ରାମବାସୀ**

କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତବର୍ଷ ସମ୍ଭାବ୍ୟ ମରୁଡି ପରିସ୍ଥିତି ଉପୁଜିଛି। ବ୍ଲକର ଅନେକ ଚାଷୀ ଦୁଃଖରେ ମ୍ରିୟମାଣ ହୋଇ ନିରାଶାରେ ରହିଛନ୍ତି। ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଗାଁର ଚାଷୀମାନେ ବର୍ଷା ପାଇଁ ଇନ୍ଦ୍ର ଦେବତା ଓ ଗ୍ରାମ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଶରଣାପନ୍ନ ହୋଇଛନ୍ତି। ବଙ୍ଗୋମୁଣ୍ଡା ଗ୍ରାମର ଗୌନ୍ତିଆ ଡବଲ ମାଝି, ଗ୍ରାମ୍ୟ ପୂଜକ ହର ପ୍ରସାଦ ପୂଝାରୀ, ଗାଁ ଗଣ୍ଡା ପୁରୁଷୋତ୍ତମ ନାଏକ ଓ ଚାଷୀମାନେ ଗାଁରେ ଏକ ବୈଠକ କରି ବର୍ଷା ପାଇଁ ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କଲେ ହିଁ ବର୍ଷାର ଆଗମନ ହେବ ବୋଲି ଶନିବାର ସନ୍ଧ୍ୟାଠାରୁ ଗାଁ ମୁଣ୍ଡରେ ଦେବୀ ପୀଠରେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଗ୍ରାମର ଦେବଦେବୀ ମା' ବସ୍ତରେନ ମାଉଳି, ମା' ମାନପୁରିଆଣି, ମା' ଠାକୁରାଣୀ ବର୍ଷେଲ ମାଝି, ହରିବୋଲ ଭିମା, ଜଙ୍ଗଲିଆ ଭିମା, ମା' ଛୋଟିଗଡ଼ିଆଣି, ମା' ପୋଏରେନ ଦେବୀଙ୍କ ଲାଠିକୁର୍ସି ଆସି ଗ୍ରାମର ମାଟି ଘର ନିକଟରେ ଏକତ୍ରିତ ହୋଇଥିଲେ। ସେମାନଙ୍କୁ ଗ୍ରାମ୍ୟ ପୂଝାରି ସ୍ୱାଗତ କରି ପୂଜାର୍ଚ୍ଚନା କରିବା ପରେ ଦେବଦେବୀଙ୍କ ଶିରାମାନଙ୍କୁ କାଳସି ଲାଗିଥିଲା। ଗ୍ରାମ ଦେବଦେବୀଙ୍କ କୋପ ଦୃଷ୍ଟି କାରଣରୁ ବର୍ଷା ହେଉନାହିଁ, ସେମାନଙ୍କୁ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କଲେ ବର୍ଷା ହେବ ବୋଲ ଗ୍ରାମବାସୀ ଅଗାଢ଼ ବିଶ୍ୱାସ ରଖି ପୂଜାର୍ଚ୍ଚନା କରାଯାଉଛି। ଶନିବାରଠାରୁ ପୂଜା ଆରମ୍ଭ ହୋଇଥିବା ବେଳେ ରବିବାର ମଧାହ୍ନରେ ସତକୁସତ ବର୍ଷା ହୋଇଯାଇଛି। ଏହି ପୂଜାର୍ଚ୍ଚନା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବା ନେଇ କମିଟି ପକ୍ଷରୁ କୁହାଯାଇଛି। ବଙ୍ଗୋମୁଣ୍ଡା ଗ୍ରାମ୍ୟ ଦେବଦେବୀଙ୍କ ଶିରା ମଧୁସୂଦନ ବାଗ, ନାଥ ପୂଝାରୀ, ବିଶ୍ୱମ୍ଭର ଦଳପତି, ଜଗନ୍ନାଥ ଦଳପତି, ସହଦେବ ପୂଝାରୀ, ଗ୍ରାମବାସୀ ଦେବରାଜ ଦଳପତି, ଦୁର୍ଯୋଧନ ପୂଝାରୀ, ଘାସିରାମ ପୂଝାରୀ, ଝଯାଙ୍ଗ ଦଳପତି, ଦିବାକର ମାଝି ପ୍ରମୁଖ ସହଯୋଗ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ସେପ୍ଟେମ୍ବର, ୨୦୨୩

**ଜୈବିକ କୃଷି ତାଲିମ ଶିବିର**

ପଦ୍ମପୁର,(ପ୍ରଦୀପ୍ତ ଦାଶ): ଗାୟତ୍ରୀ ଚାରିଟେବୁଲ ଏଜୁକେସନାଲ ଟ୍ରଷ୍ଟ ତରଫରୁ ପଦ୍ମପୁର ଚଞ୍ଚଳା କମ୍ପ୍ଲେକ୍ସରେ ଜୈବିକ କୃଷି ଉପରେ ତିନି ଦିନିଆ ତାଲିମ ଶିବିର ରବିବାର ସମାପନ ହୋଇଛି। ଅତିଥିଭାବେ ରାଜବୋଡାସମ୍ବର କୃଷକ ସଙ୍ଗଠନ ଆଇନ ପରାମର୍ଶଦାତା ଅଜିତ ଶତପଥୀ, ପ୍ରତାପ କୁମାର ସାହୁ, ଚାରିଟେବୁଲ ଟ୍ରଷ୍ଟ ମହାନିର୍ଦ୍ଦେଶକ ହିମାଂଶୁ ରାଉତରାୟ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିରେ ଲମ୍ବରଜୁନା ଓ ଚଣ୍ଡିପାଲିର ପ୍ରାୟ ୩୦ ଚାଷୀ ଭାଗନେଇଥିଲେ। କାର୍ଯ୍ୟକ୍ରମକୁ ସିଦ୍ଧାର୍ଥ ମିଶ୍ର ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଆମ୍ବଗାଁ ହାଇସ୍କୁଲରେ ପ୍ରେରଣାଦାୟୀ କାର୍ଯ୍ୟକ୍ରମ

ଘଣ୍ଟାପଡା,୧୦।୯(ପ୍ରଭାତ କୁମାର ସାହୁ)

କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରତିମା ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ଆନ୍ତରିକ ସହଭାଗିତା ରହିଲେ ବିଦ୍ୟାଳୟର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଦେବେନ୍ଦ୍ର ରଣା, ମୁଖ୍ୟବକ୍ତା ଭାବେ ପୂର୍ବତନ ଛାତ୍ର କରୁଣାକର ସାହୁ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଣ୍ଡା ମୋ ସ୍କୁଲ ଅଭିଯାନର ପୂର୍ବ ଅନୁଦାନର ବିବରଣୀ ପଠନ କରିବା ସହିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ଦ୍ୱାରା ମୋ ସ୍କୁଲ ଅଭିଯାନ ପାଇଁ ମୋଟ ୪୧ହଜାର ୫ଶହ ଟଙ୍କା ସଂଗୃହୀତ ହୋଇଥିଲା। ଶିକ୍ଷକ ଦେବାଶିଷ ଥନାପତି ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଲକ୍ଷ୍ମଣ ଭୋଇ ଧନ୍ୟବାଦ ଦେଇଥିଲେ। ସଭା ଶେଷରେ ଉପସ୍ଥିତ ଅତିଥି ବୃନ୍ଦ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଲକ୍ଷ୍ମୀକାନ୍ତ କହଁର ଓ ଖେଳଶିକ୍ଷକ ମହେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାମାଜିକ କର୍ମୀ ନିହାଲ ସିଂଙ୍କୁ ସମ୍ବର୍ଦ୍ଧନା



ବିନିକା,୧୦।୯ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟ୍ସ କ୍ଲବ ହଲଠାରେ ବିନିକା ଭୀମଭୋଇ ସମ୍ମାନ ଅନୁଷ୍ଠାନ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ସାମାଜିକ କର୍ମୀ ନିହାଲ ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାରମ୍ଭରେ ମହିଳାମାନେ ସିଂଙ୍କୁ ପିଡକୁଡି ରାସ୍ତାରୁ ହଲ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ପରେ ସ୍ପୋର୍ଟ୍ସ କ୍ଲବର ସଭାପତି ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ ଜୁନିୟର କଲେଜର ଅଧ୍ୟକ୍ଷ ରେଖା ପଧାନ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଳ, ଚଳଚ୍ଚିତ୍ର ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ, ମହାନଦୀ ଯୁବ ସଂଗଠନ ସଭାପତି ପ୍ରକାଶ ଅଗ୍ରୱାଲା, ଫଗୁନୁ କୁମ୍ଭୀର, ପରୀକ୍ଷିତ ମହାନନ୍ଦ, ଦଳିତ ନେତା ସୁବାଷ ସୁନା, ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ଦିଲେଶର ହାତୀ, ଶିକ୍ଷାବିତ କାହ୍ନୁ ଚରଣ ଜଗଦଳା ଯୋଗଦେଇ ସମାଜସେବା କ୍ଷେତ୍ରରେ ନିହାଲ ସିଂଙ୍କ ଅବଦାନ ଅତୁଳନୀୟ କହି ପ୍ରଶଂସା କରିଥିଲେ। ଅଚ୍ୟୁତ ବିଭାର ମାନପତ୍ର ପଠନ କରିଥିଲେ। ମ୍ୟୁନିସିପାଲ କର୍ମଚାରୀ ସଂଘ ସଭାପତି ମୋହନ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପରିମଳ ନିରୀକ୍ଷକ ସନ୍ତୋଷ ବନଛୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଭୀମଭୋଇ ସେବା ଫାଉଣ୍ଡେଶନ ଓ ମହିମା ସମାଜ ତରଫରୁ ସିଂଙ୍କୁ ଭୀମଭୋଇ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୁବର୍ଣ୍ଣପୁର ଓ ବରଗଡ ଜିଲା ଦଳିତ ସାହିତ୍ୟ ଏକାଡେମୀ ତରଫରୁ ମାନପତ୍ର ଦିଆଯାଇଛି। ସୂଚନାଯୋଗ୍ୟ, ସାମାଜିକ କର୍ମୀ ସିଂ ବୁର୍ଲା ମେଡିକାଲରେ ଗରିବ ଅସହାୟ ଲୋକଙ୍କର ଦୀର୍ଘ ୩୦ ବର୍ଷ ହେବ ସେବା କରି ଆସୁଛନ୍ତି। ସେ ବିଭିନ୍ନ ଅନୁଷ୍ଠାନର ସଭାପତି ତଥା ଭରସା ପରିବାର ଅନୁଷ୍ଠାନର ପ୍ରତିଷ୍ଠାତା ଥିବା ବେଳେ ଆଜି ପର୍ଯ୍ୟନ୍ତ ୧୫୫ରୁ ଅଧିକ ଥର ରକ୍ତଦାନ ଶିବିର ଆୟୋଜନ କରିଛନ୍ତି। ଏଥିପାଇଁ ଭାରତ ସରକାରଙ୍କ ରେଡ଼କ୍ରସ ବିଭାଗ ପକ୍ଷରୁ ନୂଆଦିଲ୍ଲୀଠାରେ ତାଙ୍କୁ ୨୦୨୩ ମସିହା ପାଇଁ ଜାତୀୟ ରେଡକ୍ରସ ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ସମାଜସେବୀ ମହାସଂଘ ଯୁଗ୍ମ ସମ୍ପାଦକ ରାମ ଗୋପାଳ ବାଘ ଆୟୋଜନ କରିଥିଲେ।

# ୩୦୧୧ ମାମଲାର ସମାଧାନ

## ରାଷ୍ଟ୍ରୀୟ ଲୋକ ଅଦାଲତ



ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ମାମଲାର ଶୁଣାଣି କରୁଛନ୍ତି।

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲା ଓ ଦୌରାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ(ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସହମତି ସମାଧାନ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ୫୦୪୨ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୪୨୨୬ଟି ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବିଭିନ୍ନ ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟର ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମକଦ୍ଦମାଗୁଡ଼ିକ ମଧ୍ୟରୁ ୧୨୮ଟି ପ୍ରାକ୍ ମକଦ୍ଦମା ମାମଲା ଏବଂ ୨୮୮୩ଟି ବିଚାରାଧିନ ମକଦ୍ଦମା ମାମଲାର ବିଚାର ହୋଇଥିଲା। ପ୍ରାକ୍ ମାମଲା ବାବଦକୁ ୪୯ଲକ୍ଷ ୧୫ହଜାର ୧୫୬ଟଙ୍କା ଏବଂ ବିଚାରାଧିନ ମାମଲା ବାବଦକୁ ୧କୋଟି ୬୭ଲକ୍ଷ ୬୫ହଜାର ୯୮୫ ଟଙ୍କା ଆଦାୟ ହୋଇଥିଲା। ଉକ୍ତ ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ମହାନ୍ତି ଏବଂ ସଚିବ ବିଭୁ କଲ୍ୟାଣ ପାଢ଼ୀ ପରିଚାଳନା କରିଥିଲେ। ପାରିବାରିକ ଅଦାଲତର ବିଚାରପତି ସୁଶାନ୍ତ କୁମାର ପଟେଲ, ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ବରିଷ୍ଠ ଦେୱାନୀ ବିଚାରପତି ଋତୁପୂର୍ଣ୍ଣା ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି(ଏଲ୍ଆର୍ ଏଣ୍ଡ ଏଲଟିଭି) ବର୍ଷା ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ଅଦାଲତ) ପ୍ରଜ୍ଞା ଲଳିତ ମିଶ୍ର, ଦେୱାନୀ ବିଚାରପତି ସୋନାଲୀ ମହାନ୍ତି, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ, ସିଭିଲ କୋର୍ଟ ରେଜିଷ୍ଟ୍ରାର କମଳାକାନ୍ତ ରାଉତ ପ୍ରମୁଖ ବିଭିନ୍ନ ଅଦାଲତ ଗୁଡ଼ିକୁ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଏବଂ ଜିଲା ଓକିଲ ସଂଘର ଆଇନଜୀବୀ, ପୋଲିସ ଅଧିକାରୀ, ଆଇନ ସେବା ପ୍ରାଧିକରଣ ଏବଂ ସିଭିଲ କୋର୍ଟର ସମସ୍ତ କର୍ମଚାରୀବୃନ୍ଦ ଲୋକ ଅଦାଲତ ପରିଚାଳନରେ ସହଯୋଗ କରିଥିଲେ।

## ସଂସ୍କୃତ ଭାଷାରେ ଅଧ୍ୟୟନ ବୃଦ୍ଧିକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଅତାବିରା, ୧୦।୯(ହୃଷୀକେଶ ଖମାରୀ)

ସମ୍ପ୍ରତି ସଂସ୍କୃତ ଭାଷା ପ୍ରତି ଅନାଗ୍ରହ ଦେଖାଦେଇଛି। ଏହାକୁ ପ୍ରତିହତ କରିବା ପାଇଁ ସଂସ୍କୃତ ଭାଷାରେ ଅଧ୍ୟୟନକୁ ବୃଦ୍ଧି କରିବାକୁ ହେବ। ଏହିଭାଷା ଯେକୌଣସି ଲୋକର ଜୀବନ ଓ ଜୀବିକାର ଦୃଢ଼ ଓ ନିଶ୍ଚିତ ମାଧ୍ୟମ ହୋଇ ପାରିଲେ ଅଧିକ ଜନାଦୃତ ହେବା ସହ ସଂସ୍କୃତ ଭାଷା ପ୍ରତି ଆକର୍ଷଣ ବଢ଼ିବ। ଅତାବିରା ବ୍ଲକସ୍ତରୀୟ ସଂସ୍କୃତ ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ଏହିପରି ମତପ୍ରକାଶ କରିଛନ୍ତି। ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସଂଘ ଭବନରେ ସଂଘର ବ୍ଲକ ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଯୋଗଦେଇ ସଂସ୍କୃତ ଭାଷା ଅଧ୍ୟୟନ ପାଇଁ ଜନସାଧାରଣଙ୍କୁ ଆକୃଷ୍ଟ କରି ପାରିଲେ ଭାଷାର ଆଦୃତି ବଢ଼ିବ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ତପନ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଂସ୍କୃତ ଭାଷା ସୁରକ୍ଷା ମଞ୍ଚର ଆବାହକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଯୋଗଦେଇ ସଂସ୍କୃତ ଭାଷାର ଆବଶ୍ୟକତା ଓ ଏହାର ବ୍ୟାବହାରିକ ଦିଗ ଉପରେ ଆଲୋଚନା କରିଥିଲେ। ପଣ୍ଡିତ ସୁଧୀର ରଥ ସାଗତ ଅଭିଭାଷଣ, ପଣ୍ଡିତ ଯୋଗେଶ୍ୱର ଆଚାର୍ଯ୍ୟ ବେଦ ମନ୍ତ୍ର ଉଚ୍ଚାରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦେବାନନ୍ଦ ଭୋଇ, ପଦ୍ମାଳୟା ଭୋଇ, ମିଲିରାଣୀ ଦାଶ, ସାଗରିକା ଦାଶ, ଅନସୂୟା ନାଏକ ପ୍ରମୁଖ ସହଯୋଗ କରିଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ଦାରା ସଂସ୍କୃତ ନାଟିକା, ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମା' ସମଲେଶ୍ୱରୀ ମନ୍ଦିର ହୁଣ୍ଡିରୁ ମିଳିଲା ୧.୭୩ ଲକ୍ଷ



ସମଲେଶ୍ୱରୀଙ୍କ ହୁଣ୍ଡିରୁ ମିଳିଥିବା ଟଙ୍କା ଗଣାଯାଉଛି।

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ହୁଣ୍ଡି ରବିବାର ଖୋଲାଯାଇଥିଲା। ବର୍ଷେ ପରେ ପ୍ରଥମ ପର୍ଯ୍ୟାୟରେ ଖୋଲାଯାଇଥିବା ଗୋଟିଏ ହୁଣ୍ଡିରୁ ୧ଲକ୍ଷ ୭୩ହଜାର ୮୦ଟଙ୍କା ମିଳିଛି। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ଭକ୍ତମାନେ ବିଭିନ୍ନ ସମୟରେ ମା'ଙ୍କ ଏହି ହୁଣ୍ଡିରେ ଦାନ ଆକାରରେ ଟଙ୍କା ଦେଇଥାନ୍ତି। ହୁଣ୍ଡିରୁ ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଲେଖାଥିବା ବିଭିନ୍ନ ଚିଠି ମଧ୍ୟ ମିଳିଥିଲା। ଆଗାମୀ ଦିନରେ ଅନ୍ୟ ହୁଣ୍ଡିଗୁଡ଼ିକ ମଧ୍ୟ ଖୋଲାଯିବ ଏବଂ ମିଳିଥିବା ଟଙ୍କା ବ୍ୟାଙ୍କରେ ଜମା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ମାନସିକ ଅସୁସ୍ଥ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୦।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉପ୍ଫୁଲା ଗ୍ରାମ ପଞ୍ଚାୟତ ସଭାଗୃହ ରେ ମାନସିକ ଅସୁସ୍ଥ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅନଙ୍ଗ ନେଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମୀନକେତନ ମହାକୁର ଯୋଗଦେଇ ମାନସିକ ଅସୁସ୍ଥ ରୋଗୀମାନଙ୍କୁ ଔଷଧ ସେବନ, ପରାମର୍ଶ ପ୍ରଦାନ ଓ ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ତଥା ଉପ୍ଫୁଲା ସରପଞ୍ଚ ଶ୍ରୀୟା କର୍ମୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ଲକର ସମସ୍ତ ମାନସିକ ଅସୁସ୍ଥ ବ୍ୟକ୍ତି ନିୟମିତ ଔଷଧ ସେବନ ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସାମାଜିକ ସୁରକ୍ଷା ଯୋଜନା ଓ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ମାନସିକ ଅସୁସ୍ଥଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଡା. ଶୋଭନା ହରିହର ସୁବ୍ରମଣ୍ୟମ, ବେସିକ ନିଡ ଇଣ୍ଡିଆର ରାଜୀବ କର୍ମୀ ଯୋଗଦେଇ ମାନସିକ ଅସୁସ୍ଥ ରୋଗୀଙ୍କ ଚିକିତ୍ସା ସେବା, ପରିବାର ସ୍ଥିତି ଓ ସହାୟତା ସମ୍ପର୍କରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱମ୍ଭର ସାହୁ ପରିଚାଳନା କରିଥିବା ବେଳେ ମିତ୍ରଭାନୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ସମସ୍ୟା, ତେଜୁଛି ଆନ୍ଦୋଳନ



ସଭାରେ ଉପସ୍ଥିତ ପଞ୍ଚାୟତବାସୀ।

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ବିଦ୍ୟୁତ ସମସ୍ୟା ଅସମାହିତ ହୋଇ ପଡ଼ିଛି। ବିଦ୍ୟୁତ କାଟ୍ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଅନ୍ୟପକ୍ଷେ ଟାଟା ପାୱାର ମାତ୍ରାଧିକଭାବେ ବିଦ୍ୟୁତ୍ ବିଲ ଅସୁଲି କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ରବିବାର ବରଗଡ଼ ବ୍ଲକ ଖଣ୍ଡହଥା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡହଥା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳବାସୀଙ୍କ ଏକ ସଭା ହୋଇଥିଲା। ଖଣ୍ଡହଥା ପଞ୍ଚାୟତବାସୀ ଏବଂ ନିଷ୍ଠା ପରିବାର ପକ୍ଷରୁ ଅନୁଷ୍ଠିତ ସଭାରେ ଅଞ୍ଚଳରେ ଅସମାହିତ ହୋଇ ରହିଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଟାଟା ପାୱାରକୁ ବିଦ୍ୟୁତ ବିଲ ପଇଠ ନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି କରୋନା ସମୟର ବକେୟା ବିଦ୍ୟୁତ୍ ବିଲ ଛାଡ଼ କରାଯାଉ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସମସ୍ୟା ନେଇ ଜିଲାପାଳ ଏବଂ ଟାଟା ପାୱାରର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଭଳି ସଚେତନତା ସଭା ପ୍ରତି ପଞ୍ଚାୟତରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପୂର୍ବତନ ସରପଞ୍ଚ କ୍ଷିରୋଦ୍ର ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଖଣ୍ଡହଥା ପଞ୍ଚାୟତର ସରପଞ୍ଚ ଚିତ୍ରସେନ ସାହୁଙ୍କ ସମେତ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ଗ୍ରାମବାସୀ ସଭାରେ ଉପସ୍ଥିତ ଥିଲେ।

## ଜେରକ୍ସ ପେପର୍ ଚୋରି, ୭ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ଜେରକ୍ସ ପେପର୍, ନୋଟ୍‌ବୁକ୍।

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ର କ୍ରିଷ୍ଣା ଆର୍ଟ ପ୍ରେସ୍ ଗୋଦାମରୁ ଲକ୍ଷାଧିକ ଟଙ୍କାର ଜେରକ୍ସ ପେପର ଏବଂ ନୋଟ୍‌ବୁକ୍ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି। ବରଗଡ଼ ଟାଉନ ଥାନା ପୋଲିସ ଏହି ଗଟଣାରେ ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ରାଣିସର୍ଡ଼ା ଗ୍ରାମର ଗୁନୁ ପୁଟେଲ(୩୮), ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ବଙ୍ଗଳାପଡ଼ାର ରାଜୁ ଓରଫ ମହମ୍ମଦ ଉଜିର(୨୬), ବରଗଡ଼ ଟାଉନ ଥାନା ନିଲିବନ୍ଧପଡ଼ାର ବନ କାଲସେ(୩୯), ବାନ୍ଧୁଟିକ୍ରାର ସୁବାଷ ସାହୁ(୨୬), ବରଗଡ଼ ସଦର ଥାନା କଣ୍ଟାଟିକ୍ରାର ବରୁଣ ବିଶ୍ୱାଳ(୪୫), ବରଗଡ଼ ଗ୍ରାମାଞ୍ଚଳ ଥାନା ତୋରା ଟାଙ୍ଗରପଡ଼ାର ବିଦ୍ୟାଧର ସାହୁ(୪୪) ଏବଂ ବରଗଡ଼ ଟାଉନ ଥାନା କେଶବନଗର ନିବାସୀ ଭକ୍ତବନ୍ଧୁ ସାହୁ(୪୭)। ସେମାନଙ୍କ ପାଖରୁ ୧୦୦ପ୍ୟାକେଟ୍ ଜେରକ୍ସ ପେପର୍, ୬୦୦ଖଣ୍ଡ ବିଭିନ୍ନ ପ୍ରକାର ନୋଟ୍‌ବୁକ୍ ଜବତ ହୋଇଛି। ଏ ନେଇ ଟାଉନ ଥାନା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଦଫା ୩୮୧, ୩୪ଆଇପିସିରେ ଏକ ମାମଲା(୫୫୩/୨୩) ରୁଜୁ କରିଛି। ଅଭିଯୁକ୍ତମାନେ ଜେରକ୍ସ ପେପର ଏବଂ ନୋଟ୍‌ବୁକ୍ ଚୋରି କରିବା ପରେ ଅନ୍ୟ ଏକ ଦୋକାନରେ ବିକ୍ରି କରି ଦେଇଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ହୋଇଥିବା ଜେରକ୍ସ ପେପର ଏବଂ ନୋଟ୍‌ବୁକ୍ ଉଦ୍ଧାର କରିଥିଲା।

## ଚିକିତ୍ସା ଅଭାବରୁ ବାଳକଙ୍କ ମୃତ୍ୟୁ ଅଭିଯୋଗ

ବୌଦ୍ଧ,୧୦।୯(ଅଜିତ କୁମାର ବାରିକ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଚିକିତ୍ସା ଅଭାବରୁ ଜଣେ ୧୩ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ହରଭଙ୍ଗା ବଜାର ସାହିର ମନୋଜ ମହାକୁଡଙ୍କ ପୁଅ ମୁକେଶ ଶନିବାର ବିଦ୍ୟାଳୟରୁ ଆସି ଘରେ ଖାଇ ସାରି ମୋବାଇଲ ଦେଖୁଥିଲା। ଅପରାହ୍ନ ୩ଟା ସମୟରେ ବାତ ମାରିବାରୁ ସେ ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ହରଭଙ୍ଗା ମେଡିକାଲକୁ ନେଇଥିଲେ। କିନ୍ତୁ ଡାକ୍ତର ଛୁଟିରେ ଥିବାରୁ ଫାର୍ମାସିଷ୍ଟ ଅବସ୍ଥା ଦେଖି ପୁରୁଣାକଟକ ମେଡିକାଲ ନେଇଯିବା ପାଇଁ କହିଥିଲେ। ପରିବାର ଲୋକେ ଉକ୍ତ ମେଡିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଡାକ୍ତର ହରଭଙ୍ଗା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଥିଲା। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏନେଇ ହରଭଙ୍ଗା ଥାନାରେ ଅପମୃତ୍ୟୁ ମାମଲା (ନଂ ୫/୨୩) ରୁଜୁ ହୋଇଥିବା ଏସ୍ଆଇ ପୂର୍ଣ୍ଣଚନ୍ଦ୍ର କିଷାନ ସୂଚନା ଦେଇଛନ୍ତି। ଅପରପକ୍ଷରେ ହରଭଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଠିକ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ମୁକେଶଙ୍କ ମୃତ୍ୟୁ ଘଟିବା ନେଇ ଦାଦା ଧୀରେନ ମହାକୁଡ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ମିଶ୍ରଙ୍କୁ ଚିକିତ୍ସା ଅଭାବରୁ ମୃତ୍ୟୁ ଅଭିଯୋଗ ନେଇ ପଚାରିବାରେ ବ୍ଲକ ମେଡିକାଲ ଅଫିସର ଡା. ଶ୍ରୀମନ୍ତ ସ୍ୱାଇଁଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଛି। ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡିବ ବୋଲି କହିଥିଲେ। ହରଭଙ୍ଗା ମେଡିକାଲର ଡାକ୍ତର ଜଣକ କୁଆଡେ ୫ ଦିନ ହେଲା ଛୁଟିରେ ଥିବା ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଫୁଟବଲ: ବଗେଇବିରା ଚାମ୍ପିୟନ

ବରଗଡ଼,୧୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ନୂଆ ଗୁଡ଼େଶିରା ଗ୍ରାମରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଁୟା, ବଗେଇବିରା, ସାଉନ୍ତପୁର ଏବଂ ବାଞ୍ଜେନବାହାଲ ଦଳ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବଗେଇବିରା ଚାମ୍ପିୟନ ଏବଂ ସାଉନ୍ତପୁର ରନର ଅପ୍ ହୋଇଥିଲା। ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥିଭାବେ, ଏମ୍‌ପି ପ୍ରତିନିଧି ଅବନୀକାନ୍ତ ପଣ୍ଡା, ଭାଜପାର ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଘନଶ୍ୟାମ ସାହୁ, ଡୋଲାମଣି ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିବୃନ୍ଦ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଶିଶିର ପ୍ରଧାନ, ବିଶ୍ୱନାଥ ଭୋଇ, ନିର୍ମଳ ବାରିକ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କ୍ରୀଡାଦଳର ଖେଳାଳିବୃନ୍ଦ।

## ଚକ୍ଷୁ ପରୀକ୍ଷା ଶିବିର

ସରଣ୍ଡା,୧୦।୯(ଯୁଧିଷ୍ଠିର ମହାପାତ୍ର)

ସମାଜ ସୁରକ୍ଷା ସଂଗ୍ରାମ ସମିତି, ଉତ୍କଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅତାବିରା ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ବରଗଡ ଜିଲା ଅତାବିରା ବ୍ଲକ ରେଙ୍ଗାଲି କ୍ୟାମ୍ପ କାଳୀ ମନ୍ଦିର ପରିସରରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ ସରକାରୀ ଡାକ୍ତରଖାନାର ଡ଼ା.ସୁବାଷ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସମାଜ ସୁରକ୍ଷା ସଂଗ୍ରାମ ସମିତିର ସଭାପତି ଗୋବିନ୍ଦ ନାଗ,ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବେଣୁଧର ଭୋଇ, ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ସଭାପତି ବୀରେନ୍ଦ୍ର କର,ବିଭୁଦତ୍ତ ପ୍ରଧାନ, ରମେଶ ପ୍ରଧାନ, ବଳରାମ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ୨୬୧ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିରୁ ୭୭ଜଣଙ୍କୁ ୧ଶହ ଟଙ୍କାରେ ଚଷମା ଦିଆଯାଇଥିଲା। ୩୯ଜଣଙ୍କୁ ଆସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଡ଼ା.ଜିତେନ୍ଦ୍ର ସାହୁ,ସହଯୋଗୀ ସନ୍ଧ୍ୟାରାଣୀ ସେଓଲ, ମ୍ୟାନେଜର ମାନସ ବେହେରା ପ୍ରମୁଖ ପରୀକ୍ଷାରେ ସହଯୋଗ କରିଥିଲେ।

# ସଦ୍‌ଭାବନା ସମ୍ମିଳନୀ ଅନୁଷ୍ଠିତ

ଦେବଗଡ଼,୧୦।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ସଦ୍‌ଭାବନା ସମିତି ଆବାହକତ୍ୱରେ ଏକ ସଦଭାବନା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦେବଗଡ ସହରରେ ବସବାସ କରୁଥିବା ୩୭ଟି ଜାତି ସମାଜର ମୁଖିଆ ତଥା ଅନେକ ବୁଦ୍ଧିଜିବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ନିଜ ନିଜ ସମାଜରେ ହେଉ ଥିବା ସେବା କାର୍ଯ୍ୟର ସମାଜ ସୁଧାର ପାଇଁ କରାଯାଉ ଥିବା କାମର ବିବରଣୀ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ସବୁ ଜାତି ସମଗ୍ର ହିନ୍ଦୁ ସମାଜକୁ ଏକ ସୁତ୍ରରେ ବାନ୍ଧି ରଖିବା ତଥା ଭେଦଭାବ ମୁକ୍ତ ସମାଜ ଗଠନ କରିବା ସହ ଭାରତ ମାଁର ସେବା ପାଇଁ ସମସ୍ତେ ଆଗେଇ ଆସିବା ପାଇଁ ସହମତି ପ୍ରକାଶ ପାଇଥିଲା। ମୁଖ୍ୟ ବକ୍ତାଭାବେ ସ୍ୱପ୍ନେଶ୍ୱର ପ୍ରଧାନ ଓ ସନ୍ତୋଷ କୁମାର କର ଉପସ୍ଥିତ ଥିଲେ। ଅରୁଣ ଟାଲି ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ଭାବେ ସଦଭାବନା ସମିତିର ସଦସ୍ୟ ରାଜେଶ ଦାସ, କୁବେର ସାଇଁ, ନାରାୟଣ ସାହୁ, ଅଜୟ ମିଶ୍ର, ଅଧ୍ୟାପକ ସୁକାନ୍ତ ସାହୁ, ପ୍ରମଥେଶ ଗୁରୁ, କେଦାର ରଣବିଡା, ତନୁଜା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଆସନ୍ନ ମରୁଡ଼ି ପ୍ରତିହତ ପାଇଁ ଇନ୍ଦ୍ରଦେବଙ୍କ ପୂଜା

## ବର୍ଷା ପାଇଁ ଶରଣାପନ୍ନ ହେଲେ ବଙ୍ଗୋମୁଣ୍ଡା ଗ୍ରାମବାସୀ



ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

କୋକସରା,୧୦।୯ (ଦୁଷ୍ମନ୍ତ କୁମାର ପାଢୟୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତବର୍ଷ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ଉପୁଜିଛି। ବ୍ଲକର ଅନେକ ଚାଷୀ ଦୁଃଖରେ ମ୍ରିୟମାଣ ହୋଇ ନିରାଶାରେ ରହିଛନ୍ତି। ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଗାଁର ଚାଷୀମାନେ ବର୍ଷା ପାଇଁ ଇନ୍ଦ୍ର ଦେବତା ଓ ଗ୍ରାମ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଶରଣାପନ୍ନ ହୋଇଛନ୍ତି। ବଙ୍ଗୋମୁଣ୍ଡା ଗ୍ରାମର ଗୌନ୍ତିଆ ଡବଲ ମାଝି, ଗ୍ରାମ୍ୟ ପୂଜକ ହର ପ୍ରସାଦ ପୂଝାରୀ, ଗାଁ ଗଣ୍ଡା ପୁରୁଷୋତ୍ତମ ନାଏକ ଓ ଚାଷୀମାନେ ଗାଁରେ ଏକ ବୈଠକ କରି ବର୍ଷା ପାଇଁ ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କଲେ ହିଁ ବର୍ଷାର ଆଗମନ ହେବ ବୋଲି ଶନିବାର ସନ୍ଧ୍ୟାଠାରୁ ଗାଁ ମୁଣ୍ଡରେ ଦେବୀ ପୀଠରେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଗ୍ରାମର ଦେବଦେବୀ ମା' ବସ୍ତରେନ ମାଉଳି, ମା' ମାନପୁରିଆଣି, ମା' ଠାକୁରାଣୀ ବର୍ଷେଲ ମାଝି, ହରିବୋଲ ଭିମା, ଜଙ୍ଗଲିଆ ଭିମା, ମା' ଛୋଟିଗଡ଼ିଆଣି, ମା' ପୋଏରେନ ଦେବୀଙ୍କ ଲାଠିକୁର୍ସି ଆସି ଗ୍ରାମର ମାଟି ଘର ନିକଟରେ ଏକତ୍ରିତ ହୋଇଥିଲେ। ସେମାନଙ୍କୁ ଗ୍ରାମ୍ୟ ପୂଝାରି ସ୍ୱାଗତ କରି ପୂଜାର୍ଚ୍ଚନା କରିବା ପରେ ଦେବଦେବୀଙ୍କ ଶିରାମାନଙ୍କୁ କାଳସି ଲାଗିଥିଲା। ଗ୍ରାମ ଦେବଦେବୀଙ୍କ କୋପ ଦୃଷ୍ଟି କାରଣରୁ ବର୍ଷା ହେଉନାହିଁ, ସେମାନଙ୍କୁ ପୂଜାର୍ଚ୍ଚନା କରି ସନ୍ତୁଷ୍ଟ କଲେ ବର୍ଷା ହେବ ବୋଲ ଗ୍ରାମବାସୀ ଅଗାଢ଼ ବିଶ୍ୱାସ ରଖି ପୂଜାର୍ଚ୍ଚନା କରାଯାଉଛି। ଶନିବାରଠାରୁ ପୂଜା ଆରମ୍ଭ ହୋଇଥିବା ବେଳେ ରବିବାର ମଧ୍ୟାହ୍ନରେ ସତକୁସତ ବର୍ଷା ହୋଇଯାଇଛି। ଏହି ପୂଜାର୍ଚ୍ଚନା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବା ନେଇ କମିଟି ପକ୍ଷରୁ କୁହାଯାଇଛି। ବଙ୍ଗୋମୁଣ୍ଡା ଗ୍ରାମ୍ୟ ଦେବଦେବୀଙ୍କ ଶିରା ମଧୁସୂଦନ ବାଗ, ନାଥ ପୂଝାରୀ, ବିଶ୍ୱମ୍ଭର ଦଳପତି, ଜଗନ୍ନାଥ ଦଳପତି, ସହଦେବ ପୂଝାରୀ, ଗ୍ରାମବାସୀ ଦେବରାଜ ଦଳପତି, ଦୁର୍ଯୋଧନ ପୂଝାରୀ, ଘାସିରାମ ପୂଝାରୀ, ଝଯୋଙ୍ଗ ଦଳପତି, ଦିବାକର ମାଝି ପ୍ରମୁଖ ସହଯୋଗ କରୁଛନ୍ତି।

# କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ସଚେତନତା ତାଲିମ କର୍ମଶାଳା



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ଼ ୧୦।୯(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣୀ ଅନ୍ତର୍ଗତ ଝରାଗୋଗୁଆ ଠାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡାକରାରେ କୁଚିଣ୍ଡା ଡିଭିଜନର ଭୋଜପୁର ରେଞ୍ଜ୍‌ର ଲୁଡ଼ର ଓ ଲୁଇମୂରା ସେକ୍ସନର ୩୪ ଟି ଫଡିର ସିଜିନାଲ କର୍ମଚାରୀ ଓ ତୋଳାଳୀ ସଚେତନତା ଓ ତାଲିମ୍ ଶିବିରରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଭାପତି ବିଜୟ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, କୁଚିଣ୍ଡା ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ଦେବଗଡ଼ ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ପ୍ରସାଦ ନାୟକ ଉପସ୍ଥିତ ରହି ତୋଳାଳୀ ଓ ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀଙ୍କ କର୍ମ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କ ଦ୍ୱାରା ଘୋଷିତ ଛାତ୍ରବୃତ୍ତି ଯୋଜନାରେ କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ୱେବ ସାଇଟ୍‌ରେ ଅବସ୍ଥିତ ଅପ୍ସନ୍ ନ ଥିବାରୁ ରେଜିଷ୍ଟ୍ରେସନ ସମସ୍ୟା ଉପୁଜିଥିବା ଜଣାଇଥିଲେ। ତା ସହ କନ୍ୟାବିବାହ ସହାୟତା, ମୃତ୍ୟୁ କାଳୀନ ସହାୟତା, ସର୍ବନିମ୍ନ ମଜୁରୀ ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ଚାକିରୀ ସର୍ତ୍ତାବଳୀ ଲାଗୁ ଭଳି ଅନେକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସିଜିନାଲ ରେଞ୍ଜ ସମ୍ପାଦକ ମହେନ୍ଦ୍ର ବେହେରା, ହେଡ୍ ଚେକର ନୃପମଣି ଧୁରୁଆ, ମିଳନ ପଳେଇ, ଦଇତାରୀ ରଣା, ପ୍ରଫୁଲ୍ଲ ପଳେଇ, ଯୁଧିଷ୍ଠିର ପ୍ରଧାନ, ଦୟା ସାହୁ, ରଘୁ ବାବ,ଦିଲୀପ କିଷନ ଓ ତୋଳାଳୀ ମାନଙ୍କ ମଧ୍ୟରେ ସୌଦାମିନୀ ବଣିଚୁଲ, କରିଷ୍ମା ମାକର, ସରସ୍ୱତୀ କିଷାନ୍, ଟେନୋନ୍ତି କିଷାନ, ରାଇମତି କିଷାନ ସମେତ ଶତାଧିକ ତୋଳାଳୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୩ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ଼,୧୦।୯(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ଼ ଜିଲା ରିଆମାଳ ବ୍ଲକ ତେନ୍ତଲାବାହାଲ ପଞ୍ଚାୟତ ସାଧୁପାଲି ଗ୍ରାମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୩ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲା। ଫାଇନାଲ ଖେଳରେ ବନାକାଲୋ ଫୁଟ୍‌ବଲ ଦଳକୁ ପରାସ୍ତ କରି ପଥୁରିନାଲୀ ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଛି। ରେଫରୀଭାବେ ଦୀପକ ସୁନାନୀ, ନରେନ୍ଦ୍ର କିଷାନ ଏବଂ ମେଘନାଦ କିଷାନ ପ୍ରମୁଖ ଟୁର୍ନାମେଣ୍ଟ ମ୍ୟାଚ ଗୁଡିକୁ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ବେଦବର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ପଥୁରିନାଲୀ ଫୁଟବଲ ଦଳ ଓ ରନର୍ସ ଅପ୍ ବନାକାଲୋ ଫୁଟ୍‌ବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ତେନ୍ତଲାବାହାଲ ସରପଞ୍ଚ ବସନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ। ଶେଷରେ ସମ୍ପାଦକ ଟିକେଶ୍ୱର ଭୋଇ ଧନ୍ୟବାଦ ଦେଇଥିଲେ।

# ଜିଲା କଂଗ୍ରେସ କମିଟି ପକ୍ଷରୁ ବୈଠକ

ଦେବଗଡ଼,୧୦।୯(ଶଶାଙ୍କ ଶେଖର ଝାଙ୍କର )

ସ୍ଥାନୀୟ ନୂତନ ବସଷ୍ଟାଣ୍ଡଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୌରାଞ୍ଚଳର ୧୦ ନମ୍ବର ୱାର୍ଡରେ ବସବାସ କରୁଥିବା ଭୂମିହୀନଙ୍କୁ ଘରଡିହ ପ୍ରଦାନ ଓ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ବସ୍ତି ବାସିନ୍ଦା ଏବଂ ଜନସାଧାରଣ ତହସିଲଦାର ଓ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଘରଡିହ ପଟ୍ଟା ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ନିକଟରେ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଲାଭ ହେଉ ନ ଥିବା ଜିଲା କଂଗ୍ରେସ କମିଟିସଭାପତିହେମ୍ବ୍ରମ ଅଭିଯୋଗ କରିଛନ୍ତି।



# ଆଶିଷ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୧୦।୯ (ଶଶାଙ୍କ ଶେଖର ଝାଙ୍କର )

ବାରକୋଟ ବ୍ଲକ ମଧ୍ୟପୁର ପଞ୍ଚାୟତ ଅନ୍ତର୍ଗତ ପେଟପୁରା ହାଇସ୍କୁଲ ପଡିଆଠାରେ ମୋଟ ୮ଟି ଦଳକୁ ନେଇ ଚାଲିଥିବା ଆଶିଷ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗୟଳମରା ଓ ପେଟପୁରା ଗ୍ରାମର ଫୁଟ୍‌ବଲ ଖେଳାଳୀଙ୍କ ଦ୍ୱାରା ସ୍ୱର୍ଗତ ଆଶିଷ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ କତ୍ରାପାଲି ଫୁଟବଲ ଦଳକୁ ୧-୦ ଗୋଲରେ ପରାସ୍ତ କରି କୁଣ୍ଡାପିଠା ଫୁଟ୍‌ବଲ ଦଳ ଚମ୍ପିୟାନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ମଧ୍ୟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାରତ ଭୂଷଣ ପ୍ରଧାନ ଯୋଗଦେଇ ଆୟୋଜକ ଓ ଖେଳାଳୀଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ କୁଣ୍ଡାପିଠା ଫୁଟ୍‌ବଲ ଦଳ ଓ ରନର୍ସ ଅପ୍ କତ୍ରାପାଲି ଫୁଟ୍‌ବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଦୁଷ୍ମନ୍ତ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ ଓ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାକୁ ଲୋକନାଥ ପ୍ରଧାନ, ମିହିର ସାହୁ, ସିପୁନ ସାମଲ ଓ ସୁରେଶ ପ୍ରଧାନଙ୍କ ସମେତ ଗୟଳମରା ଓ ପେଟପୁରା ଗ୍ରାମର ବହୁ ଫୁଟବଲ ଖେଳାଳୀ ଓ ଯୁବକମାନେ ସକ୍ରିୟ ସହଯୋଗ କରିଥିଲେ।

# ହୀରାକୁଦ ଡ୍ୟାମରେ ଚାକିରି ଦେବାକୁ କହି ୩ଲକ୍ଷ ୫୦ ହଜାର ଠକେଇ

ଦେବଗଡ଼,୧୦।୯(ଶଶାଙ୍କ ଶେଖର ଝାଙ୍କର )

ହୀରାକୁଦ ଡ୍ୟାମରେ ମେକାନିକ ଚାକିରି ଦେବାକୁ କହି ରିଆମାଳ ଥାନା ମୁଣ୍ଡଗୋହୀରାର ଜଣେ ଯୁବକଙ୍କଠାରୁ ଦେବଗଡ ପୌରାଞ୍ଚଳ ପୁରୁଣାଗଡର ଜଣେ ଯୁବକ ୩ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଆଦର୍ଶ ଥାନା ପୋଲିସ ଯୁବକଙ୍କ ବିରୋଧରେ ଦଫା-୪୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ୨୦୨୦ ଅକ୍ଟୋବର ୨୧ରେ ମୁଣ୍ଡଗୋହୀରାର ତଳେଶ୍ୱର ବଣିଚୁଲ(୨୫)ଙ୍କ ସହ ପୁରୁଣାଗଡର ଜଣେ ଯୁବକଙ୍କ ବନ୍ଧୁତା ସ୍ଥାପନ ହୋଇଥିଲା। ୩ ଲକ୍ଷ ୫୦ ହଜାର ଟଙ୍କା ଦେଲେ ହୀରାକୁଦ ଡ୍ୟାମରେ ମେକାନିକ ଚାକିରି କରାଇଦେବାକୁ ବଣିଚୁଲଙ୍କୁ ଯୁବକ ଜଣଙ୍କ ପ୍ରତିଶ୍ରୁତି ଦେଇଥିଲେ। ସେ ଏଥିରେ ବିଶ୍ୱାସ କରି ତାଙ୍କୁ ନଗଦ ଅର୍ଥରାଶି, ଫୋନ ପେ' ଓ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ବିଭିନ୍ନ ସମୟରେ ୩ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ଦେବାପରେ ଯୁବକ ଜଣଙ୍କ ତାଙ୍କୁ ହ୍ୱାଟସ ଆପ୍ ଯୋଗେ ନିଯୁକ୍ତି ପତ୍ର ପଠାଇବା ସହ ଡାକ ଯୋଗେ ଜଏନିଂ ଲେଟର ପଠାଯିବ ବୋଲି କହିଥିଲେ। ମାତ୍ର ବଣିଚୁଲଙ୍କ ନିକଟକୁ ଜଏନିଂ ଲେଟର ନ ଆସିବାରୁ ସେ ଅଗଷ୍ଟ ୨୫ରେ ତାଙ୍କୁ ଫୋନ କରି ପଚାରିଥିଲେ। ଯୁବକ ଜଣଙ୍କ ଟଙ୍କା ଫେରସ୍ତ କରିଦେବାକୁ କହିଥିଲେ। ପରେ ଏ ବିଷୟରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ବଣିଚୁଲ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତି କର୍ମକର୍ତ୍ତା।

ଦେବଗଡ଼, ୧୦।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜିଉ ମନ୍ଦିର ପରିସରରେ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସୁଶୀଲ କୁମାର କପରଦାର ସଭା କାର୍ଯ୍ୟ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷଙ୍କ ଅନୁପସ୍ଥିତିରେ ତାଙ୍କ ତରଫରୁ ମହେଶ୍ୱର ପାଣି ବିଗତ ବର୍ଷର ଆୟ ଏବଂ ବ୍ୟୟ ହିସାବ ପ୍ରଦାନ କରିଥିଲେ। ଏହାପରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରଯାଇଥିଲା । ଏଥିରେ ସର୍ବ ସମ୍ମତି କ୍ରମେ ସୁଶୀଲ କୁମାର କପରଦାରଙ୍କୁ ସଭାପତି ଭାବେ ଚୟନ କରଯାଇଥିଲା। ସେହିପରି ଉପସଭାପତି ଇସମାଇଲ ହେନେଜ, ସମ୍ପାଦକ ମହେଶ୍ୱର ପାଣି, ଯୁଗ୍ମ ସମ୍ପାଦକ ଇଶ୍ୱର ପ୍ରସାଦ ଦାଶ ଏବଂ କୋଷାଧ୍ୟକ୍ଷଭାବେ ସତ୍ୟାନନ୍ଦ ସାହୁଙ୍କୁ ଚୟନ କରାଯାଇଛି। ବୈଠକରେ ଦୁର୍ଗାପୂଜା ପାଇଁ ସମସ୍ତଙ୍କ ସାହାଯ୍ୟ ଏବଂ ସହଯୋଗ କାମନା କରାଯାଇଛି। ସଭାରେ ସଭାପତି ସୁଶୀଲ କପରଦାର, ଇସମାଇ ହେନେଜ, ପ୍ରଫୁଲ୍ଲ ନାୟକ,ଉପ ନଗରପାଳ ପ୍ରଜିତ କୁମାର ଭୋଜ, ସୁଶାନ୍ତ ନନ୍ଦ, ଜୟ ଭଗବାନ ଅଗ୍ରୱାଲା ,ବିକାଶ ପ୍ରଧାନ, ନରୋତମ ସାହୁ, ମହେଶ୍ୱର ପାଣି, ଇଶ୍ୱର ପ୍ରସାଦ ଦାଶ, ସଦାନନ୍ଦ ସାହୁ, କ୍ଷେତ୍ର ପାତ୍ର, ସୁନୀଲ ଯାଦବ, ସଞ୍ଜୀବ ଧର, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କମିଟିର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଦେଇଥିଲେ।

# ସ୍ୱାମୀ ଶ୍ରୀସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ

ସମ୍ବଲପୁର,୧୦।୯(ବି.ଶଙ୍କର)

ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ୬୮ତମ ଜନ୍ମୋତ୍ସବ ରବିବାର ସମ୍ବଲପୁର ଝାଡୁଆପଡ଼ାଠାରେ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ସ୍ୱାମୀଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଶନିବାର ବିଶ୍ୱାତ୍ମ ବିଦ୍ୟା ମନ୍ଦିରରେ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶ୍ୱାତ୍ମ ପରମେଶ୍ୱର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୋନାଲସ୍ତରୀୟ ସ୍କୁଲ ଲିଗାଲ ଲିଟରସି ଉତ୍ସବ

ସମ୍ବଲପୁର,୧୦।୯(ବି.ଶଙ୍କର)

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜୋନାଲ ସ୍ତରୀୟ ସ୍କୁଲ ଲିଗାଲ ଲିଟରସି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସିଭିଲ କୋର୍ଟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ସମ୍ବଲପୁର ମଣ୍ଡଳସ୍ତରୀୟ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତା ହୋଇଥିଲା। ପ୍ରବନ୍ଧରେ ବିଚାର ବିଭାଗୀୟ ଅଧିକାରୀ ମନୋଜ କୁମାର ଦାସମହାପାତ୍ର ଓ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ବିତର୍କରେ ସୁସ୍ମିତା ସାହୁ, ବିଶ୍ୱନାଥ ପ୍ରଧାନ, ଚିତ୍ରାଙ୍କନରେ ପ୍ରଶାନ୍ତ ମାଝି, ଶୋଭନ କାନୁନଗୋ ଏବଂ ଇପସିତା ଅଭିନନ୍ଦିତା ମିଶ୍ର ଓ ପ୍ରଦୀପ ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। କ୍ଷୁଦ୍ର ନାଟକରେ ଝାରସୁଗୁଡା ଜିଲା ବଡମାଳ ଉଚ୍ଚବିଦ୍ୟାଳୟ ପ୍ରଥମ, ସମ୍ବଲପୁର ଜିଲା ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ବରଗଡ ଜିଲା ବଦୁଆପାଲି ଆଦର୍ଶ ବିଦ୍ୟାଳୟ ଦଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରବନ୍ଧରେ ରକ୍ଷଣ ପ୍ରଧାନ, ଶ୍ରୀସଥି ସିଂ, ପ୍ରତିପର୍ଣ୍ଣା ପାଣିଗ୍ରାହୀ, ବିତର୍କରେ ସୁରଭି ସାହୁ, ପୁନମ ପ୍ରିୟଦର୍ଶିନୀ ବେହେରା, ସ୍ନେହାସ୍ମୀ, ଚିତ୍ରାଙ୍କରେ ଶ୍ରୀୟା ରାଉତ, ସାଇ ଚନ୍ଦନ ସାହୁ, ପ୍ରତିକ କାଣ୍ଡୁଲନା ବିଜେତା ହୋଇଛନ୍ତି। ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା।




କ୍ଷୁଦ୍ର ନାଟକରେ ପୁରସ୍କୃତ ବୁଢ଼ାରଜା ଉଚ୍ଚବିଦ୍ୟାଳୟ ଦଳ।

# ଝାରସୁଗୁଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୨୪୩ ଟି ମୋକଦ୍ଦମାର ୭୬,୬୨,୦୭୭ ଟଙ୍କାରେ ଆପୋଷ ସମାଧାନ

ସମ୍ବଲପୁର,୧୦।୯(ଶୁଭାଶିଷ ପାଢୀ)

ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ସିଭିଲ୍ କୋର୍ଟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ହୋଇଥିଲା। ଏହି ଲୋକ ଅଦାଲତରେ ୫ଟି ମୋଟରଯାନ ଦୁର୍ଘଟଣା ଦାବି ଜନିତ ମାମଲାର ୩୩,୩୦,୦୦୦ ଟଙ୍କାରେ, ୭ଟି ଚେକ୍ ବାଉନ୍ସ ମାମଲାର ୬,୨୫,୨୦୦ ଟଙ୍କାରେ, ୪ ଟି ଟଙ୍କା ପୁନରୁଦ୍ଧାର ମାମଲା, ୧ ଟି କମରଥାରୀ କ୍ଷତିପୂରଣ ୧୦,୩୩,୭୬୦ ଟଙ୍କାରେ, ୧୦ଟି ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତିତ), ୩ଟି ଉପଭୋକ୍ତା ବିବାଦ ମାମଲା ୫,୧୫,୦୦୦ ଟଙ୍କାରେ, ୭ଟି ଅନ୍ୟାନ୍ୟ ଦେୱାନି, ୧୪୨ଟି ଅନ୍ୟାନ୍ୟ ଫୌଜଦାରୀ, ୧୦୦୭ ଟି ରାଜସ୍ୱ ମାମଲା ୨୭୪୩୫୪ ଟଙ୍କାରେ ଆପୋଷ ସମାଧାନ ହୋଇଯାଇଛି। ପ୍ରାକ୍ ମୋକଦ୍ଦମା ବିବାଦ ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୯ ଟି ବ୍ୟାଙ୍କ ଋଣ ମାମଲା ୧୬,୪୬,୪୦୯ ଟଙ୍କାରେ, ଭାରତ ସଂଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୨୫ ଟି ମାମଲା ୩୭,୩୫୪ ଟଙ୍କାରେ ଏବଂ ଅନ୍ୟାନ୍ୟ ମାମଲା ଗୁଡିକ ମଧ୍ୟରେ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ୦୩ଟି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ପୃଷ୍ଟି ଏବଂ ଅତିରିକ୍ତ ଜିଲା ଓ ଦୌରା ଜଜ୍ ସୁବାସଚନ୍ଦ୍ର ଧଳ ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ। ପରିବାର ଅଦାଲତର ବିଚାରପତି ସତ୍ୟବ୍ରତ ମିଶ୍ର ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ) ମୋକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି (ଏଲ୍.ଆର) ଜୀବନାନନ୍ଦ ପାଢୀ, ବରିଷ୍ଠ ଦେୱାନି ବିଚାରପତି ଦିବ୍ୟସିଚ ବେହେରା ଓ କନିଷ୍ଠ ଦେୱାନି ବିଚାରପତି ରୋଶନିବାଳା ସେନାପତି ଅନ୍ୟାନ୍ୟ ଦେୱାନି ମୋକଦ୍ଦମାଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ସେହିପରି ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ଲଖନପୁର ମୋନାଲିସା ପଣ୍ଡା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମୟୀ ନନ୍ଦ ଫୌଜଦାରୀ ମାମଲାଗୁଡିକର ଆପୋଷ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ବରିଷ୍ଠ ଦେୱାନି ଜଜ୍ (ମହିଳା ନ୍ୟାୟାଳୟ) ଏସ୍. ଶୁଭଲକ୍ଷ୍ମୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ନେହା ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୬ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା। ଏହି ବେଞ୍ଚଗୁଡିକର ସଦସ୍ୟ ଭାବରେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ସାମାଜିକ କର୍ମୀ ଦେବାଚନ ଠାକୁର, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍ସିଲେଟର ଅଶୋକ କୁମାର ପାଢଯୋଶୀ ଓ ସାଜଦା ବେଗମ, ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବୀ ଦୟାନିଧି ଚାନ୍ଦ, ମାଲି ପଟେଲ ଓ ରୂପାଲି ଚାଟାର୍ଜୀ ଉପସ୍ଥିତ ଥିଲେ। ବେସରକାରୀ ବୀମା କମ୍ପାନୀମାନଙ୍କ ତରଫରୁ ଓକିଲ ଅନୁପ କୁମାର ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।




ଝାରସୁଗୁଡ଼ା ସିଭିଲ କୋର୍ଟ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତ।

